R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୦୬
ତିଥି : ସପ୍ତମୀ
୦୪ ମେ’ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 206
04 May 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

କଟକରେ ନିର୍ମାଣାଧୀନ ବ୍ରିଜ୍‌କୁ ସ୍ଲାବ୍ ଉଠାଇଲା ବେଳେ ଭାଙ୍ଗିଗଲା କ୍ରେନ୍

୩ ମୃତ, ୨ ଗୁରୁତର

କଟକ, ୩।୫ (ସବ୍ୟୁ) : ବାଦାମବାଡ଼ି ଥାନା ଅନ୍ତର୍ଗତ ନେତାଜୀ ବସ୍ ଟର୍ମିନାଲ୍ ନିକଟରେ କାଠଯୋଡି ନଦୀରେ ନିର୍ମାଣ ହଉଥିବା ବ୍ରିଜ୍ ଆଜି ସନ୍ଧ୍ୟା ୫ଟା୪୫ରେ ଭୁଶୁଡି ପଡ଼ିଛି । ଏହି ନିର୍ମାଣାଧିନ ବ୍ରିଜ୍ ତଳେ ଚାପି ହୋଇ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି । ମୃତକଙ୍କ ମଧ୍ୟରେ ସୌମ୍ୟରଞ୍ଜନ ମଲ୍ଲିକ ସାଇଟ୍ ଇଞ୍ଜିନିୟର ଓ ଅନ୍ୟ ୨ଜଣ ଶିବଶଙ୍କର ପଟ୍ଟନାୟକ ଓ ସୁବାସଚନ୍ଦ୍ର ଭକ୍ତ ନିର୍ମାଣ ଶ୍ରମିକ ବୋଲି ଜଣାପଡ଼ିଛି । ସେହିପରି ଗୁରୁତର ହୋଇଥିବା ଶ୍ରମିକ ଅରୁଣ ବାରିକ ଏବଂ ବିକଳ ଜେନାଙ୍କୁ ଏସ୍‌ସିବି କାଜୁଆଲଟିରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ପରେ ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥାର କର୍ମଚାରୀ ଓ ଠିକାଦାର ଫେରାର୍ ହୋଇଯାଇଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ସ୍ଥାନୀୟ ଲୋକମାନେ ପହଞ୍ଚି ମୃତକ ଓ ଆହତଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇଥିଲେ । ଡାକ୍ତର ଏସ୍‌ସିବି କାଜୁଆଲଟିରେ ସୌମ୍ୟରଞ୍ଜନ, ଶିବଶଙ୍କର ଓ ସୁବାସଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବାରୁ ବାଦାମବାଡ଼ି ଥାନା ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏହି ବ୍ରିଜ୍ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହିତ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ଲେଖାଁଏ ଅନୁକମ୍ପାମୂଳକ ରାଶି ଘୋଷଣା କରିଛନ୍ତି । ଗୁରୁତର ଆହତ ହୋଇଥିବା ଶ୍ରମିକଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ଏସସିବି ମେଡିକାଲ୍ ରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପହଞ୍ଚି ଆହାତ ବ୍ୟକ୍ତିଙ୍କୁ ଭେଟିଛନ୍ତି । ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ ମେଡିକାଲ୍ କର୍ତ୍ତୃପକ୍ଷଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁସାରେ, ଶନିବାର ସନ୍ଧ୍ୟାରେ ୫ଟା୪୫ରେ ନେତାଜୀ ବସ୍ ଟର୍ମିନାଲ୍ ଠାରୁ ୫୦୦ମିଟିର ଆଗ ମଲାଚଣ୍ଡିଆ କାଠଯୋଡି ନଦୀରେ ବ୍ରିଜ୍ ନିର୍ମାଣ ହେଉଥିଲା । ପୂର୍ବରୁ ସ୍ଲାବ୍ ଗୁଡ଼ିକ ବସ୍ ଟର୍ମିନାଲ୍ ସାମ୍ନାରେ ଥିବା ଫାଙ୍କାସ୍ଥାନରେ ନିର୍ମାଣ କରାଯାଇ, ତାହାକୁ କ୍ରେନ୍ ସାହାଯ୍ୟରେ ନିଆଯାଇ ପିଲାର୍ ଉପରେ ରଖାଯାଇ ଢ଼ଳେଇ ପଡୁଥିଲା। ତେବେ ଗୋଟିଏ ସ୍ଲାବ୍‌କୁ କ୍ରେନ୍ ମାଧ୍ୟମରେ ପିଲାର୍ ଉପରକୁ ଟେକାଯାଉଥିବା ବେଳେ ହଠାତ୍ କ୍ରେନ୍‌ଟି ଭାଙ୍ଗି ପଡ଼ିଥିଲା । ତଳେ କାର୍ଯ୍ୟରତ ୩ଶ୍ରମିକ ଓ ଜଣେ ସାଇଟ୍ ଇଞ୍ଜିନିୟର ଚାପି ହୋଇ ରହିଯାଇଥିଲେ । ତେବେ ଘଟଣାସ୍ଥଳରେ ହିଁ ୩ଜଣଙ୍କ ମୃତ୍ୟୁ ଘଟିଥିଲା । ସ୍ଲାବ୍ ଭାଙ୍ଗିବାର ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ କରିଥିଲେ । ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସମସ୍ତ ଶ୍ରମିକ ଓ ସାଇଟ୍ (୯ ପୃଷ୍ଠାରେ)

- ମୃତକଙ୍କ ମଧ୍ୟରେ ଜଣେ ସାଇଟ୍ ଇଞ୍ଜିନିୟର: ୨ଜଣ ଶ୍ରମିକ
- ଗୁରୁତରଙ୍କୁ ଏସ୍‌ସିବିରେ ଭର୍ତ୍ତି: ସ୍ଥାନୀୟ ଲୋକେ କଲେ ଉଦ୍ଧାର
- ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ: କାମ ଛାଡି ଠିକା ସଂସ୍ଥା ଫେରାର୍
- ମୃତକଙ୍କ ପରିବାରକୁ ୫ଲକ୍ଷ ଲେଖାଁଏ ଅନୁକମ୍ପା ରାଶି ଘୋଷଣା
- ଆହତଙ୍କୁ ଭେଟିଲେ ମନ୍ତ୍ରୀ ମୁକେଶ, ପୃଥ୍ୱୀରାଜ
- ଦୁଃଖ ପ୍ରକାଶ କଲେ ବିରୋଧୀ ଦଳ ନେତା

ଭାରତକୁ ପାକ୍ ସାମଗ୍ରୀ ଆମଦାନୀ ନିଷିଦ୍ଧ

ଭାରତୀୟ ବନ୍ଦରକୁ ଆସିବନି ପାକ୍ ଜାହାଜ

ନୂଆଦିଲ୍ଲୀ, ୩।୫ : ପହଲଗାମ୍ ଆକ୍ରମଣ ପରେ ଦିନକୁ ଦିନ ପାକିସ୍ତାନ ବିରୋଧରେ ଭାରତ ତାର ଆଭିମୁଖ୍ୟକୁ କଠୋର କରିବା ସହ ବାଣିଜ୍ୟିକ ଯୁଦ୍ଧ ଆରମ୍ଭ କରିଛି । ପାକିସ୍ତାନରୁ ଭାରତ ଆମଦାନୀ କରୁଥିବା ସମସ୍ତ ପ୍ରତ୍ୟକ୍ଷ ଓ ପରୋକ୍ଷ ସାମଗ୍ରୀ ଉପରେ ନିଷିଦ୍ଧାଦେଶ ଜାରି କରାଯାଇଛି ଓ ଭାରତୀୟ ବନ୍ଦରଗୁଡ଼ିକରେ ପାକିସ୍ତାନୀ ଜାହାଜକୁ ଆସିବା ଉପରେ ମଧ୍ୟ ନିଷିଦ୍ଧାଦେଶ ଲାଗୁ କରାଯାଇଛି ।

କେତେକ ସାମଗ୍ରୀ ପରୋକ୍ଷ ଭାବରେ ବା ତୃତୀୟ ଦେଶଦ୍ୱାରା ଭାରତକୁ ପ୍ରବେଶ କରୁଥିଲା । ବାଣିଜ୍ୟ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ ବୈଦେଶିକ ବାଣିଜ୍ୟ ନୀତିରେ ଏକ ନୂଆ (୯ ପୃଷ୍ଠାରେ)

ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଓମର ଅବଦୁଲ୍ଲା

ନୂଆଦିଲ୍ଲୀ, ୩।୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଆଜି ସାକ୍ଷାତ କରିଛନ୍ତି । ଉଭୟଙ୍କ ମଧ୍ୟରେ ପହଲଗାମ୍ ଆତଙ୍କୀ ଆକ୍ରମଣ ସମ୍ପର୍କରେ ପ୍ରାୟ ୩୦ ମିନିଟ୍ ଧରି ତାଙ୍କ ବାସଭବନରେ ବୈଠକ ହୋଇଛି । ପହଲଗାମ୍ ଆକ୍ରମଣ ପରେ ଏହି ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ବୈଠକ । ପହଲଗାମ୍‌ରେ ଯେଉଁମାନେ ଆତଙ୍କୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ଥିଲେ । ଏହାପରେ ପାକିସ୍ତାନ ବିରୋଧରେ ସରକାର ଅନେକ କଟକଣା ଲଗାଇଛନ୍ତି । ଏହାପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି ।

ଜନଜାତୀୟ କ୍ରୀଡ଼ା ଆମ ସଂସ୍କୃତିର ଅତୁଟ ଅଂଶ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୫ (ସବ୍ୟୁ) : ଜନଜାତୀୟ କ୍ରୀଡ଼ା ଆମ ଐତିହ୍ୟ ଓ ସଂସ୍କୃତିର ଗଭୀର ମୂଳ ଅତୁଟ ଅଂଶ । ଏହି କ୍ରୀଡ଼ାଗୁଡ଼ିକୁ ଆମ ସମୁଦାୟ ଏକ ଦୀର୍ଘ ସମୟ ଧରି ଅନୁସରଣ କରିଆସୁଛନ୍ତି । ଯେଉଁଥିରେ ଟିମ୍‌ୱାର୍କ, ସହନଶୀଳତା, ପ୍ରକୃତି ପ୍ରତି ଆଦର ଓ ସାମୂହିକ ଆନନ୍ଦର ଶିକ୍ଷା ମିଳେ । ଏହି କାର୍ଯ୍ୟକ୍ରମ କେବଳ ଖେଳ ପ୍ରତି ଉତ୍ସବ ନୁହେଁ, ବରଂ ଏକ ଜୀବନଶୈଳୀ ଯାହା ଆମ ପୂର୍ବଜଙ୍କର ଜ୍ଞାନ, ଧୈର୍ଯ୍ୟ ଓ ସୃଜନଶୀଳତାକୁ ପ୍ରତିବିମ୍ବିତ କରେ । ମୁଁ ଏଠାରେ ଷ୍ଟାର୍ ଇଣ୍ଡିଆର ଗ୍ରୁପ୍ କମ୍ପାନୀମାନେ ଓ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟଙ୍କ ଉଦ୍ୟମ ପ୍ରତି ଅଭିନନ୍ଦନ ଓ କୃତଜ୍ଞତା ଜଣାଉଛି, ଯେଉଁମାନେ ଏପରି ଏକ ଚିନ୍ତନଶୀଳ

ୱେଭ୍‌ସ- ୨୦୨୫

ଏବଂ ଅର୍ଥପୂର୍ଣ୍ଣ ମଞ୍ଚ ସୃଷ୍ଟି କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକର ଅଂଶ ହେବାକୁ ପାଇଁ ବହୁତ ଗର୍ବିତ ଓ ଗର୍ବାନ୍ୱିତ ଅନୁଭବ କରୁଛି । ଏହି ବୈଠକ ଭାରତରୁ ବିଶ୍ୱ ମଞ୍ଚକୁ ଜନଜାତୀୟ କ୍ରୀଡ଼ା ଉପରେ କେନ୍ଦ୍ରିତ । ମନ୍ତ୍ରଣାଳୟ ପକ୍ଷରୁ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନେତୃତ୍ୱରେ (୯ ପୃଷ୍ଠାରେ)

ସବୁଜ ଶକ୍ତିକୁ ଆପଣାଇବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, ୩।୫ (ସବ୍ୟୁ)- : ପରିବେଶ ସୁରକ୍ଷା ଏବଂ ସନ୍ତୁଳିତ ଜୀବନଯାପନ ଦିଗରେ ଏକ ଦୃଢ଼ ପ୍ରୟାସ ଭାବରେ ପ୍ରଦୂଷଣ ହ୍ରାସ କରିବା, ପୃଥିବୀକୁ ସୁରକ୍ଷିତ ରଖିବା ଏବଂ ଅଶୋଧିତ ତୈଳ ଆମଦାନୀ ହ୍ରାସ କରି ବୈଦେଶିକ ମୁଦ୍ରା ସଂଚୟ କରିବା ପାଇଁ ସବୁଜ ଶକ୍ତିକୁ ଆପଣେଇବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ପରାମର୍ଶ

ରାଜଭବନ ଏକ ନେଟ୍-ଜିରୋ ଶକ୍ତି କ୍ୟାମ୍ପସ୍ ହେବ

ଦେଇଛନ୍ତି। ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଜଭବନ ଭୁବନେଶ୍ୱରରେ ଶକ୍ତି ଭିତ୍ତିଭୂମିରେ ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ପଦକ୍ଷେପ ସଂପର୍କରେ ରାଜ୍ୟପାଳ ବ୍ୟାପକ ଭାବେ ସୂଚନା ଦେଇଥିଲେ ।

ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଶନିବାର ପୂର୍ବାହ୍ନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଥିଲେ ଯେ ରାଜଭବନ ପରିସରରେ ୧୫୦ କିଲୋୱାଟ ସୌରଶକ୍ତି ପ୍ଲାଣ୍ଟ (୯ ପୃଷ୍ଠାରେ)

ଖୁବଶୀଘ୍ର ନୂତନ ଇଭି ନୀତି : କେଭି

ଭୁବନେଶ୍ୱର, ୩।୫ (ସବ୍ୟୁ) : ଅଧିକ ପରିମାଣରେ ବୈଦୁତିକ ଯାନ ବ୍ୟବହାର ପାଇଁ ରାଜ୍ୟ ସରକାର ନୂତନ ଇଭି ପଲିସି ଆଣିବେ । ନୂତନ ପଲିସି ପ୍ରଣୟନ କରାଯିବା ନେଇ ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିବା ରାଜ୍ୟ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସରକାରୀସ୍ତରରେ ଏହି ବ୍ୟବସ୍ଥାକୁ ଆଗୁଆ କାର୍ଯ୍ୟକାରୀ କରାଯିବ। ଏଥି ପାଇଁ ସରକାରୀ ବାସଭବନରେ ସୌର ପ୍ୟାନେଲ ବାଧ୍ୟତାମୂଳକ କରାଯିବ। ସରକାରୀ କର୍ମଚାରୀମାନେ ଇଭି ଗାଡ଼ି ବ୍ୟବହାର କରିବା ଉଚିତ୍ । ଆଗାମୀ ୫ ବର୍ଷ ମଧ୍ୟରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ସୌର ପ୍ୟାନେଲ ଲଗାଯିବ। ବର୍ତ୍ତମାନ ଟ୍ୱିନ୍ ସିଟିର ବିଭିନ୍ନ କାର୍ଯ୍ୟାଳୟରେ ସୌର ପ୍ୟାନେଲ ଲଗାଯାଇଛି। ଆଗାମୀ କିଛି ଦିନ ମଧ୍ୟରେ ସମସ୍ତ ସରକାରୀ ଅଫିସକୁ ସୌରଶକ୍ତିରେ ପରିଚାଳନା କରାଯିବ।

ପୂର୍ବରୁ ଇଲେକଟ୍ରିକ୍ ଗାଡ଼ି କିଣିବାକୁ ସରକାର ଅଗ୍ରୀମ ଦେଉଥିଲେ। ସରକାରୀ ଚାକିରିଆଙ୍କୁ ଇଲେକଟ୍ରିକ୍ ଗାଡ଼ି କିଣିବାକୁ ନେଇ ଆଡଭାନ୍ସ ମଧ୍ୟ ମିଳୁଥିଲା। ଗ୍ରୁପ୍-ଏ ବା ବି’ କର୍ମଚାରୀଙ୍କୁ ଇଲେକ୍ଟ୍ରି କାର୍ ପାଇଁ ଆଡଭାନ୍ସ ମିଳିବ। ସରକାର ଗ୍ରୁପ୍ ସି’ ଓ ଡି’ କର୍ମଚାରୀଙ୍କୁ (୯ ପୃଷ୍ଠାରେ)

ତାଣ୍ଡବ ରଚୁଛି କାଳବୈଶାଖୀ



ଭୁବନେଶ୍ୱର, ୩।୫ (ସବ୍ୟୁ) : ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ବର୍ଷା ତାଣ୍ଡବ ରଚିଛି । ପବନର ବେଗ ଏତେ ଜୋରରେ ବୋହିଥିଲା ଯେ କେଉଁଠି ଗଛ ଉପୁଡ଼ିଛି ତ ଆଉ କେଉଁଠି ବିଦ୍ୟୁତ ତାର ଛିଡ଼ିଛି । ଫଳରେ ଯାତାୟତରେ ବାଧାପ୍ରାପ୍ତ ହୋଇଥିଲା । ଆଗାମୀ ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ତୋଫାନ ସହିତ (୯ ପୃଷ୍ଠାରେ)

- ଉପୁଡ଼ିଲା ଗଛ, ରାସ୍ତା ଅବରୋଧ
- ଭୁବନେଶ୍ୱରରେ ପବନର ଝଟକା ୭୪ କିମି
- ୬ ଯାଏଁ ଝଡ଼ତୋଫାନ ବର୍ଷା
- ୧୨ ଜିଲ୍ଲାରେ ସ୍ୱାଭାବିକଠୁ ଅତ୍ୟଧିକ ବର୍ଷା
- ମାର୍ଚ୍ଚ ୧ରୁ ଏପ୍ରିଲ ୩୦ ଯାଏଁ ଅଧିକ ବର୍ଷିଲା

ଆସନ୍ତା ସପ୍ତାହରୁ ବଢ଼ିବ ତାତି

ଭୁବନେଶ୍ୱର, ୩।୫ (ସବ୍ୟୁ) : କିଛିଦିନର ବ୍ୟବଧାନ ପରେ ପୁଣି ଥରେ ତାପମାତ୍ରା ବଢ଼ିବ । ଆସନ୍ତା ସପ୍ତାହ ଠାରୁ ସୂର୍ଯ୍ୟକିରଣ ପ୍ରଖର ରହିବ । ଆଗାମୀ ଦିନରେ ତାପମାତ୍ରା ୨ରୁ ୪ଡିଗ୍ରୀ ବିବାର ଆଶଙ୍କା ରହୁଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଏଭଳି ଆକଳନ କରାଯାଇଛି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ରାଜ୍ୟକୁ ପୁଣି ଫେରିବ ପ୍ରବଳ ଗ୍ରୀଷ୍ମ ପ୍ରବାହ । ଆସନ୍ତା ୭ ତାରିଖ ପରେ ୨ରୁ ୪ ଡିଗ୍ରୀ ଯାଏ ତାପମାତ୍ରା ବୃଦ୍ଧି ପାଇବା ସହ ପୁଣି ଅସମ୍ଭାଳ ତାତି ଅନୁଭବ ହେବ । ଏଥି ସହିତ କାଳବୈଶାଖୀର ତାଣ୍ଡବ ଆହୁରି ୪ ଦିନ ଜାରି ରହିବ । ଆଗାମୀ ୭ ତାରିଖ ଯାଏ ରାଜ୍ୟରେ ଜାରି ରହିବ ବର୍ଷା ।

ନିଯୋଗ ମୁଖ୍ୟଙ୍କୁ ଶ୍ରୀମନ୍ଦିର ପ୍ରଶାସନର ନୋଟିସ

ଭୁବନେଶ୍ୱର, ୩।୫ (ସବ୍ୟୁ) : ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କ ସହ ଅନ୍ୟ ନିଯୋଗ ମୁଖ୍ୟମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯାଇଛି । ଦିଘା ମନ୍ଦିରରେ ବ୍ରହ୍ମ ସ୍ଥାପନା ନେଇ ହୋଇଥିବା ବିବାଦ ଉପରେ ଏହି ନୋଟିସ୍ ଜାରି କରାଯାଇଛି । ଶ୍ରୀମନ୍ଦିର ବାହାରକୁ କେମିତି ଦାରୁ ଗଲା ତାହାର ତଦନ୍ତ ହୋଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ (୯ ପୃଷ୍ଠାରେ)

T- JANA SUNANI OPEN

ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା. ୦୫.୦୫.୨୦୨୫ ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା. ୦୨.୦୫.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହୋଇଛି । ଏଥି ନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡିକ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0098/2526

T- JANA SUNANI CLOSE

ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

*****

ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେତୁ ଆସନ୍ତା ସୋମବାର, ଇଂରାଜୀ ତା. 05/05/2025 ରିଖ ଦିନ, ୟୁନିଟ-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି** ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0097/2526



ଅନ୍ତନଳୀ କର୍କଟ

କ୍ୟାନ୍ସର ନାଁ ଶୁଣିଲେ ସମସ୍ତଙ୍କ ମନର ଡର ଆସିଥାଏ । ଏହା ସବୁଠାରୁ ବଡ ଘାତକ ରୋଗ ଅଟେ ଯାହା ଅନେକଙ୍କର ଜୀବନ ନେଇଥାଏ । ତେବେ କ୍ୟାନ୍ସରର ଅନେକ ପ୍ରକାର ଦେଖିବାକୁ ମିଳିଥାଏ । ଏହି ପ୍ରକାର ଭିତରେ ରହିଛି ବାଓ୍ୱେଲ୍ କ୍ୟାନ୍ସର ବା ଅନ୍ତନଳୀ କର୍କଟ, ଯାହାକୁ ନେଇ ଏକ ରିପୋର୍ଟ ବର୍ତ୍ତମାନ ଚର୍ଚ୍ଚାର କାରଣ ସାଜିଛି । ଗବେଷଣା ଅନୁସାରେ ୨୦୨୨ରେ ପାଖାପାଖି ୧୯ ଲକ୍ଷ କେସ୍ ଚିହ୍ନଟ ହୋଇଥିଲା ଯେଉଁଥିରେ ୯ଲକ୍ଷ ଲୋକଙ୍କର ଜୀବନ ଯାଇଥିବା ଜଣା ପଡିଛି । ତେବେ ସଦ୍ୟତମ ମିଳିଥିବା ରିପୋର୍ଟ ଅନୁସାରେ ବାଓ୍ୱେଲ୍ କ୍ୟାନ୍ସର ବର୍ତ୍ତମାନ ଯୁବଗୋଷ୍ଠୀଙ୍କ କ୍ଷେତ୍ରରେ ବେଶି ଦେଖିବାକୁ ମିଳୁଛି । ଆମେରିକାନ୍ କ୍ୟାନ୍ସର ସୋସିଇଟିର ରିପୋର୍ଟ ଅନୁସାରେ ଗତ ୨୦ ବର୍ଷ ଭିତରେ ୫୫ ବର୍ଷରୁ କମ ବୟସ୍କଙ୍କ ନିକଟରେ ଏହି କ୍ୟାନ୍ସର ବଢିବାରେ ଲାଗିଛି । ବାଓ୍ୱେଲ୍ କ୍ୟାନ୍ସରକୁ କୋଲୋରେକ୍ଟାଲ କ୍ୟାନ୍ସର କୁହାଯାଇଥାଏ ଏହା ଆମର ବୃହତ ଅନ୍ତନଳୀକୁ ପ୍ରଭାବିତ କରିଥାଏ । ତେବେ ଏହାର କାରଣଭାବେ ଡାକ୍ତରମାନେ ଆମ ଖରାପ ଲାଇଫ୍ ଷ୍ଟାଇଲକୁ ଦାୟୀ କରିଛନ୍ତି । ଏହା ଖୁବ ଧୀରେଧୀରେ ଆମ ଶରୀରରେ ବଢିଥାଏ । ତେବେ ପ୍ରାଥମିକ ସ୍ତରରେ ଏହାର ଲକ୍ଷଣ ଭାବେ ମଳରେ ରକ୍ତ, ପେଟରେ ଯନ୍ତ୍ରଣା, ଦୁର୍ବଳତା ଓ ଅଚାନକ ଓଜନ କମିବା ଆଦି ରହିଛି । ତେବେ ଏହି ସମସ୍ତ ଲକ୍ଷଣ ସବୁବେଳେ ବାଓ୍ୱେଲ୍ କ୍ୟାନ୍ସର ହୋଇନଥାଏ, କିନ୍ତୁ ଯଦି ଏଭଳି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ସୋସିଆଲ କୋଟ୍ସ

"ପରିସ୍ରାର କିଛି ଅଂଶକୁ ପିଆଯାଇଥାଏ । ଏହାକୁ ମୁଁ ମଧ୍ୟ ଆପଣାଇଛି । ଏହା ଆପଣଙ୍କ ଚର୍ମପାଇଁ ଖୁବ ଉପକାରୀ ହୋଇଥାଏ । ବୟସର ଛାପ ଲୁଚାଇବାରେ ସାହାଯ୍ୟ କରିଥାଏ ।

ଅନୁ ଅଗ୍ରଓ୍ୱାଲ, ଅଭିନେତ୍ରୀ

"ଲୋ ବିପି ସ୍ୱାସ୍ଥ୍ୟ ସମସ୍ୟା ମୋ ଜୀବନର ଏକ ସତ । ଯାହାକୁ ନେଇ ମୁଁ ବଞ୍ଚୁଛି । ଡାକ୍ତରଙ୍କୁ ଧନ୍ୟବାଦ ପୁଣି ମୋ ଜୀବନ ବଞ୍ଚାଇଛନ୍ତି ।

ଦୀପିକା ସିଂ, ଅଭିନେତ୍ରୀ

"କୌଣସି ଜିନିଷ ପଛରେ ଗୋଡାଇବା ମୋ ପର୍ସନାଲିଟି ନୁହେଁ । ଯଦି ହଲିଉଡ୍ ଯିବାର ଥିବ ତେବେ ଯିବି । ତେବେ ବର୍ତ୍ତମାନ ସମୟ ବଦଳୁଛି, କିଏ ଜାଣିଛି ବଲିଉଡ ହଲିଉଡରେ ପରିଣତ ହୋଇପାରେ ।

କରୀନା କପୁର, ଅଭିନେତ୍ରୀ

ବିଶ୍ୱ ହାସ୍ୟ ଦିବସ

ହସ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ । ଯଦି ଦିନର ଆରମ୍ଭ ହସରୁ ହୁଏ ତେବେ ପୁରା ଦିନ ଆମର ଭଲରେ କଟିଥାଏ । ଅନେକ ଅପ୍ରିତିକର ପରିସ୍ଥିତିକୁ ଗୋଟିଏ ହସରେ ନିୟନ୍ତ୍ରଣରୁ ଆଣିହୋଇଥାଏ । ତେଣୁ ଜୀବନରେ ହସର ମହତ୍ୱ ଖୁବ ଅଧିକ । ତେବେ ମେ' ମାସର ପ୍ରଥମ ରବିବାରକୁ ସବୁବର୍ଷ ବିଶ୍ୱ ହାସ୍ୟଦିବସ ଭାବେ ପାଳନ କରାଯାଇଥାଏ । ପ୍ରଥମଥର ପାଇଁ ଏହାର ପାଳନ ଭାରତର ମୁମ୍ବାଇରେ ୧୯୯୮ ମସିହାରେ କରାଯାଇଥିଲା । ଏହାପରଠାରୁ ପ୍ରତିବର୍ଷ ଏହାକୁ ଖୁବ ହସଖୁସିରେ ପାଳନ କରାଯାଉଛି । ପ୍ରଥମ ହାସ୍ୟଦିବସର ଆୟୋଜନ ଲାଫ୍ଟର ୟୋଗା ମୁଭମେଣ୍ଟର ସଂସ୍ଥାପକ ଡା. ମଦନ କାତରିଆ କରିଥିଲେ । ୧୯୯୮ରେ ଆରମ୍ଭ ହୋଇଥିବା ଏହି ଛୋଟିଆ ପ୍ରୟାସ ବର୍ତ୍ତମାନ ସାରା ବିଶ୍ୱରେ ପାଳନ ହେଉଛି । ଏହାର ଉଦ୍ଦେଶ୍ୟ କେବଳ ଜଣେ ବ୍ୟକ୍ତିର ମୁହଁରେ ହସ ଆଣି ତାର ମାନସିକ ସମସ୍ୟାକୁ କମ କରାଇବା । ଏହାକୁ ବିଭିନ୍ନ ଅନୁଷ୍ଠାନରେ ପାଳନ କରାଯାଇଥାଏ । ଏହି ଦିନ ଅନେକ ସ୍ଥାନରେ ଲୋକମାନେ ଏକାଠି ହୋଇ ହସିହସି ଏହାକୁ ପାଳନ କରିଥାଆନ୍ତି ।

କମୁଛି ପାହାଡ଼ି ଉଦ୍ଭିଦଙ୍କ ସଂଖ୍ୟା

ପାହାଡ ପର୍ବତମାନଙ୍କର ଇକୋସିଷ୍ଟମ ବିଗିଡିବାରେ ଲାଗିଛି । ବିଶ୍ୱତାପମାନ କାରଣରୁ ଏଥିରେ ଖୁବ ଅଧିକ ପରିବର୍ତ୍ତନ ଦେଖିବାକୁ ମିଳୁଛି । ବିଗତ ୫୦ ବର୍ଷ ଭିତରେ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଏହି ଜଙ୍ଗଲକ୍ଷୟର ମୁଖ୍ୟ କାରଣ ସାଜିଛି । ଏହାର ନକାରାତ୍ମକ ପ୍ରଭାବ କାରଣରୁ ଅନେକ ଔଷଧୀୟ ଗଛ ଉପରେ ପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି । ଏଥିରେ ବିଶେଷଭାବେ ଗ୍ରୀକ ମାଉଣ୍ଟେନ୍ ଟି ପ୍ରଜାତିର ଗଛ ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି । କେବଳ ଏହି ପ୍ରଜାତି ନୁହେଁ ଏହି ତାଲିକାରେ ଅନ୍ୟ ବିଭିନ୍ନ ପ୍ରକାରର ଗଛ ସାମିଲ ରହିଛନ୍ତି । ଏହି ଗବେଷଣାରେ ପାହାଡ ପର୍ବତରେ ଥିବା ଜଙ୍ଗଲ ବିଷୟରେ ଏଭଳି ଅନେକ ତଥ୍ୟ ସାମନାକୁ ଆସିଛି । ତେବେ ଏହାର ପ୍ରଭାବ ଖୁବଶୀଘ୍ର ବିଶ୍ୱ ଜୈବବିବିଧତା ଉପରେ ଦେଖିବାକୁ ମିଳିବ ବୋଲି ବୈଜ୍ଞାନିକମାନେ ଆଶା ପ୍ରକାଶ କରିଛନ୍ତି । ସେହିଭଳି ଏହାର ଅନ୍ୟକାରଣ ଭାବେ ମୃତିକାକ୍ଷୟ ଓ ବିଭିନ୍ନ ମନୃଷ୍ୟକୃତ କାରଣକୁ ଦାୟୀ କରାଯାଉଛି ।

ଚିକିତ୍ସା କ୍ଷେତ୍ରରେ ଏ.ଆଇ

ଏଆଇର ବ୍ୟବହାର ଆମ ଜୀବନରେ ବଢି ଚାଲିଛି । ଦୈନନ୍ଦିନ ଜୀବନଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସବୁ ସ୍ଥାନରେ ଏଆଇର ବ୍ୟବହାର ହେଉଛି, ଯାହା ଆମର କାମକୁ ସହଜ ଓ ସରଳ କରୁଛି । ସେହିଭଳି ନିକଟରେ ମିଳିଥିବା ତଥ୍ୟ ଅନୁସାରେ ଖୁବଶୀଘ୍ର ଏଆଇ ଜେନେଟିକ ବା ବଂଶାନୁଗତ ରୋଗ ଗୁଡିକୁ ଚିହ୍ନଟ କରିବାରେ ଏବଂ ଚିକିତ୍ସା କରିବାରେ ସହାୟକ ହୋଇ ପାରିବ । ଅଷ୍ଟ୍ରେଲିଆ ନ୍ୟାସନାଲ ୟୁନିଭର୍ସିଟିର ତଥ୍ୟ ଅନୁସାରେ ଏହା ଖୁବ ଶୀଘ୍ର ସମ୍ଭବ । ଏହାର ଉଦ୍ଦେଶ୍ୟ ଔଷଧ ଓ ଚିକିତ୍ସାକୁ ଆହୁରି ସଠିକ ଢଙ୍ଗରେ କରିବା । ଏହି ଗବେଷଣାରେ ଗୁଗୁଲ୍‌ର ଡିପ୍ ମାଇଣ୍ଡ କମ୍ପାନୀ ଦ୍ୱାରା ନିର୍ମିତ ଆଡଭାନ୍ସଡ୍ ଏଆଇ ଟୁଲ୍ ଅଲ୍ଫାଫୋଲ୍ଡର ବ୍ୟବହାର କରାଯାଇଛି । ଆମ ଶରୀରରେ ହେଉଥିବା ବିଭିନ୍ନ ପରିବର୍ତ୍ତନ ଉପରେ ଏଥିରେ ଅଧ୍ୟୟନ କରାଯାଇଛି । ବିଶେଷକରି ଆମ ଶରୀରରେ ଥିବା କିଛି ପ୍ରୋଟିନ୍‌ରେ ଯେତେବେଳେ ପରିବର୍ତ୍ତନ ଆସିଥାଏ ସେହି ସମୟରେ କଣ ଘଟିଥାଏ ଏହାକୁ ନେଇ ଗବେଷଣା କରାଯାଇଛି । ଏଥିରେ ମଣିଷ ଶରୀରର ଜିନ୍ ସମ୍ପର୍କରେ ଗବେଷଣା କରାଯାଇ ଅଧିକ ତଥ୍ୟ କଢାଯାଇଛି, ଯାହା ବିଭିନ୍ନ ଜେନିଟିକାଲ ରୋଗ ସମ୍ପର୍କରେ ଆହୁରି ତଥ୍ୟ ପ୍ରଦାନ କରିବ । ଏହି ତଥ୍ୟକୁ ବ୍ୟବହାର କରି ଭବିଷ୍ୟତରେ ବଂଶାନୁକ୍ରମ ରୋଗର ଚିକିତ୍ସା ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ।



ନିକଟରେ ୱେଭ୍ସ୍ ସମିଟ୍‌ରେ ଯୋଗଦେଇଥିଲେ କିଙ୍ଗ ଖାନ୍ । ଏଥିରେ ସେ ଇଣ୍ଡଷ୍ଟ୍ରୀ ସମ୍ପର୍କରେ ମନଖୋଲି ଆଲୋଚନା କରିଛନ୍ତି । ଏଥିରେ ସେ ବିଟାଉନ୍‌ରେ ମିଳୁଥିବା ସଫଳତା ବିଷୟରେ ମଧ୍ୟ କଥା ହୋଇଛନ୍ତି । ଶାହରୁଖଙ୍କ ଅନୁସାରେ ଜଣେ ବ୍ୟକ୍ତି କେଉଁଠାରୁ ଆସିଛନ୍ତି ତା ଉପରେ କେବେ ବି ବି ଟାଉନର ସଫଳତା ନିର୍ଭର କରେନାହିଁ । ଏଠାରେ କେବଳ ପରିଶ୍ରମ ଓ ପ୍ରତିଭା ଦ୍ୱାରା ହିଁ ସଫଳତା ମିଳିଥାଏ । ସେ ବି ଜଣେ ବାହାରର ବ୍ୟକ୍ତି, ବର୍ତ୍ତମାନ ସେ ସୁପରଷ୍ଟାର । ତେଣୁ ଯାହା ପାଖେ ପ୍ରତିଭା ଥିବ ଏବଂ ସେ ପରିଶ୍ରମ କରୁଥିବ ତାକୁ ସଫଳ ହେବାରେ କେହି ରୋକି ପାରିବେ ନାହିଁ ବୋଲି ସେ ମତ ଦେଇଛନ୍ତି । ସେହିଭଳି ଇଣ୍ଡଷ୍ଟ୍ରୀରେ ଏଭଳି ଅନେକ ଉଦାହରଣ ଅଛନ୍ତି ଯେଉଁମାନେ ବାହାରର ହେଲେ ମଧ୍ୟ ଦର୍ଶକଙ୍କ ହୃଦୟରେ ଓ ବିଟାଉନ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ରସ୍ଥାନ ତିଆରି କରିବାରେ ସମର୍ଥ ହୋଇ ପାରିଛନ୍ତି । ସେ ଏଠାରେ ସବୁବେଳେ ନିଜ ପରିବାର ଭଳି ଭଲପାଇବା ପାଇଛନ୍ତି, ଯାହା ତାଙ୍କୁ ସଫଳ ହେବାରେ ଖୁବ ସହାୟକ ହୋଇଛି । ନିଜକୁ ବାହାରର ଭାବିବା ଫଳରେ ଜଣେ ଅଭିନେତା ଅଭିନୟରେ କେବେ ହେଲେ ବି ନିଜର ଶତପ୍ରତିଶତ ଦେଇ ପାରିନଥାଏ । ଯାହା ତାହାର ସଫଳତାରେ ବାଧକ ସାଜିଥାଏ ।

ପ୍ରତିଭା ହିଁ ସଫଳତାର ଚାବିକାଠି

ଚିଙ୍ଗୁଡି କୋଲିଓ୍ୱାଡା

ସାମଗ୍ରୀ– ୩୦୦ ଗ୍ରାମ ଚିଙ୍ଗୁଡି, ଏକ ଚାମଚ ଅଦା ରସୁଣ ପେଷ୍ଟ, ଏକ ଚାମଚ ଲଙ୍କା ଗୁଣ୍ଡ, ୩ଚାମଚ ବେସନ, ୨ଚାମଚ ମଇଦା, ୪ ଚାମଚ ଦହି, ୨ଚାମଚ ଲେମ୍ବୁ ରସ, ଧନିଆ ପତ୍ର କଟା, ଚାଟ ମସଲା ।

ପ୍ରଣାଳୀ– ପ୍ରଥମେ ଚିଙ୍ଗୁଡିକୁ ଲୁଣ, ଅଦା ରସୁଣ ପେଷ୍ଟ, ଶୁଖିଲା ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଲେମ୍ବୁ ରସ ପକାଇ ଗୋଳାଇ ରଖନ୍ତୁ । ୨୦ ମିନିଟ ରଖିବାପରେ ଏଥିରୁ ଅଧିକା ପାଣିକୁ କାଢି ଦିଅନ୍ତୁ । ଏହାପରେ ଏଥିରେ ମଇଦା, ବେସନ, ଦହି, ତେଲ, ପକାଇ ଗୋଳାନ୍ତୁ । ଭଲକରି ଗୋଳାଇବା ପରେ ଏହାକୁ ଭଲକରି ଛାଣି ନିଅନ୍ତୁ । ଏହାପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପ୍ରନ୍ କୋଲିଓ୍ୱାଡା ।

ହାହାଃ..ହାହାଃ..

ରାମୁ – ସାର୍ ମୋତେ ରାତିରେ ନିଦ ହେଉନି ।
ଡାକ୍ତର – ରାତିରେ କଣ କରୁଛ ?
ରାମୁ – ମୋବାଇଲ୍ ଦେଖୁଛି ।
ଡାକ୍ତର – ତେବେ ଆଗ ମୋବାଇଲକୁ ଶୁଆଅ ତାପରେ ତୁମକୁ ନିଦ ହୋଇଯିବ ଆପେଆପେ ।



ଇତିହାସ

୧୭୬୯– ହାଇଦର ଅଲ୍ଲୀ ପ୍ରଥମଥର ପାଇଁ ଆଙ୍ଗଲୋ–ମଇଶୁର ଯୁଦ୍ଧରେ ଶାନ୍ତିର ସର୍ତ୍ତ ରଖିଥିଲେ ।
୧୮୧୮– ଆମେରିକା କଂଗ୍ରେସ ପକ୍ଷରୁ ଆମେରିକାର ଜାତୀୟ ପତାକାକୁ ମଞ୍ଜୁରୀ ପ୍ରଦାନ ।
୧୮୫୮– ରାଣୀ ଲକ୍ଷ୍ମୀବାଇ ଇଂଗ୍ରେଜଙ୍କ ସହ ଭୀଷଣ ଯୁଦ୍ଧ କରିବା ପରେ ଝାନ୍ସି ଛାଡ଼ିଥିଲେ ।
୧୯୦୪– ହିନ୍ଦୀ ସିନେମାର ପ୍ରସିଦ୍ଧ ଗାୟକ କୁନ୍ଦନ ସେହଗଲଙ୍କ ଜନ୍ମ ।
୧୯୦୫– ଭାରତରେ ଭୂକମ୍ପ କାରଣରୁ ୨୦ ହଜାର ଲୋକଙ୍କ ମୃତ୍ୟୁ ।
୧୯୬୮– ନାସାର **ଆପୋଲ** ୬ର ପ୍ରକ୍ଷେପଣ ।

ମୁମ୍ବାଇରେ ଅନୁଷ୍ଠିତ ୱେଭସ୍ ୨୦୨୫ ସମିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ନାବାଳିକାଙ୍କୁ ଅଶ୍ଳୀଳ ଆଚରଣ : ଯୁବକ ଗିରଫ

ବାଲୁଗାଁ ,(ସବ୍ୟୁ) :ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଅଶ୍ଳୀଳ ଆଚରଣ ପ୍ରଦର୍ଶନ ଅଭିଯୋଗ କ୍ରମେ ବାଲୁଗାଁ ଥାନା ଅଧିନ ନାଭାଲ ଫାଣ୍ଡି ପୋଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି ।ଗିରଫ ଯୁବକ ହେଲେ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର ଭରତ ଜାଲି (୨୦) ।ପୋଲିସ ସୂଚନା ମୁତାବକ, ଏକ ବର୍ଷ ପୂର୍ବେ ନାଭାଲ ଫାଣ୍ଡି ଅଧିନସ୍ଥ ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଓ ବାଳାତ୍କାର ନେଇ ବାଲୁଗାଁ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏ ନେଇ ୧୯୫/୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଚନ୍ଦ୍ରାପୁଟ ଗ୍ରାମର ଭରତ ଜାଲିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଗତ କିଛି ଦିନ ହେବ ସେ ଜାମିନରେ ଆସିବା ପରେ ପୁନର୍ବାର ଉକ୍ତ ନାବାଳିକା ଛାତ୍ରୀଙ୍କୁ ସେ ଏକାକୀ ଦେଖି ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିଥିବା ନେଇ ଗୁରୁବାର ପୋଲିସରେ ଅଭିଯୋଗ ହୋଇଥିଲା ।ଏ ନେଇ ବାଲୁଗାଁ ପୋଲିସ କେସ ନଂ ୭୮/୨୫, ପୋକ୍ସ ଧାରାରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଭରତକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛନ୍ତି । ଜାମିନ ନାମଞ୍ଜୁର ହେବାରେ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି ।

ମେଡିକାଲ୍ କଲେଜ୍‌ରେ ନାମଲେଖା ବାହାନାରେ ଠକେଇ : ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମେଡିକାଲ୍ କଲେଜ୍‌ରେ ନାମ ଲେଖାଇବା ବାହାନାରେ ଠକେଇ କରୁଥିବା ଆନ୍ତରାଜ୍ୟ ର୍‍ୟାକେଟ୍‌ର ୪ ଜଣଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ। ଏହି ର୍‍ୟାକେଟ୍ ଝାଡଖଣ୍ଡ, ବିହାର ଓ ଓଡିଶାର ଆଶାୟୀମାନଙ୍କୁ ଠକୁଥିବା କମିଶନରେଟ୍ ପୋଲିସର ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ ଜାଣିବା ପରେ ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗାଡି, ଚେକ୍ ବହି ଓ ଦୁଇଟି ପ୍ଲଟର ଜମି କାଗଜପତ୍ର ଜବତ କରିଛି।

ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଝାଡଖଣ୍ଡର ପ୍ରିୟଦର୍ଶୀ କୁମାର, ବିହାରର ଅରବିନ୍ଦ କୁମାର ଓ ଓଡିଶାର ସୁନିଲ୍ ସାମନ୍ତରାୟ, ରୁଦ୍ରନାରାୟଣ ବେହେରା। ରୁଦ୍ର ଘର ଭୁବନେଶ୍ୱର କଳିଙ୍ଗନଗର ହୋଇଥିବାବେଳେ ସୁନିଲ୍ ଘର ପଟିଆ ଷ୍ଟାର ସିଟି କଲୋନିରେ ବୋଲି ପୋଲିସ କହିଛି। ଏହି ଚାରିଜଣ ମିଶି ତିନୋଟି ରାଜ୍ୟର ପ୍ରତିଷ୍ଠିତ ମେଡିକାଲ୍ କଲେଜରେ ନାମଲେଖାଇବା ପାଇଁ ଆଶାୟୀଙ୍କଠାରୁ ଅଗ୍ରିମ ନେଇ ପ୍ରବେଶିକା ପରୀକ୍ଷା କରାଇବା ପ୍ରତିଶ୍ରୁତି ଦେଉଥିଲେ। ଜଣେ ଆଶାୟୀଠାରୁ ୨୦/୩୦ ଲକ୍ଷ ଟଙ୍କା ନେବା ପାଇଁ ଦାବି କରୁଥିଲେ। କିନ୍ତୁ ଅନୁଯାୟୀ ଟଙ୍କା ନେବେ ବୋଲି ପ୍ରତିଶ୍ରୁତି ଦେବା ସହ ଅଗ୍ରିମ ବାବଦକୁ ୪/୫ ଲକ୍ଷ ଲେଖାଏଁ ଟଙ୍କା ଆଦାୟ କରୁଥିଲେ। ପ୍ରବେଶିକା ପରୀକ୍ଷା ସେଣ୍ଟରେ ଆଶାୟୀମାନଙ୍କ ପାଇଁ ନକଲି ପରୀକ୍ଷାର୍ଥୀ ବସାଇବେ ବୋଲି ପ୍ରତିଶ୍ରୁତି ଦେଉଥିଲେ।

ଏହି ଆନ୍ତରାଜ୍ୟ ର୍‍ୟାକେଟ୍ ସମ୍ପର୍କରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀ କରି ସେମାନଙ୍କ ଠକେଇ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ମଧ୍ୟ ଉପସ୍ଥିତ ଥିଲେ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୯୦ ଲକ୍ଷର ଚେକ୍, ବ୍ଲାଙ୍କ୍ ଚେକ୍, ଏନ୍‌ଆରଆଇ/ଓସିଆଇ ପ୍ରାୟୋଜିତ ସାର୍ଟିଫିକେଟ୍ ପ୍ରଭୃତି ଜବତ ହୋଇଛି। ବେଆଇନ୍ ନାମଲେଖା ସମ୍ପର୍କିତ ଜାଲ୍ କାଗଜପତ୍ର ମଧ୍ୟ ଜବତ ହୋଇଥିବା ସୂଚନା ମିଳିଛି। ବିଭିନ୍ନ ଆଶାୟୀଙ୍କ କାଗଜପତ୍ର, ହୋଣ୍ଡାଇ କ୍ରିଏଟା, ମହେନ୍ଦ୍ରା ଥର୍‌କାର୍ ଓ ଅରୁଗୁଲୁଠାରେ କିଣିଥିବା ଦୁଇଟି ଜମିର କାଗଜପତ୍ର ମଧ୍ୟ ଜବତ ହୋଇଥିବା ପୋଲିସ କହିଛି। ଏହି ର୍‍ୟାକେଟ୍‌ର ନେଟ୍‌ୱାର୍କ ଅନ୍ୟ କେଉଁ ରାଜ୍ୟକୁ ବ୍ୟାପିଛି ଓ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

ଅଖିଳ ଭାରତ ଶିକ୍ଷକ ମହାସଂଘ କାଉନ୍‌ସିଲ୍ ବୈଠକ

କଟକ, (ସବ୍ୟୁ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର କଟକ ସ୍ଥିତ ରାଜ୍ୟ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ସମ୍ମିଳନୀ କକ୍ଷରେ ଅଖିଳ ଭାରତ ଶିକ୍ଷକ ମହାସଂଘର ଦୁଇଦିନିଆ କାଉନ୍ସିଲ ବୈଠକ ଓ ସେମିନାର ଆଜି ପୂର୍ବାହ୍ନ ୧ ଘଟିକାରେ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଓଷ୍ଟା, ଓଲ୍‌ଷ୍ଟା, ଓ.ଆର୍.ଟି.ଏ. ଏବଂ ଏ.ଆଇ.ଏଫ୍.ଇ.ଏ. ର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି ବୋଲି ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

ଶିକ୍ଷାପ୍ରତି କ୍ରମାଗତ ଅବହେଳା ଏବଂ ଶିକ୍ଷାକୁ ଘରୋଇକରଣ କରିବା ପ୍ରକ୍ରିୟା ଦ୍ରୁତଗତିରେ ଚାଲିଥିବା ବେଳେ ବୈଠକର ପ୍ରଥମ ଦିନରେ ଜାତୀୟ ଶିକ୍ଷାନୀତି –୨୦୨୦ କୁ ନେଇ ଶିକ୍ଷକମାନଙ୍କୁ ଅଧିକ ଅବଗତ କରାଇବା ପାଇଁ ଜାତୀୟ ତଥା ରାଜ୍ୟସ୍ତରୀୟ ବିଶେଷଜ୍ଞମାନେ ଏହି କାଉନ୍ସିଲ୍ ବୈଠକରେ ଅଂଶଗ୍ରହଣ କରିଛନ୍ତି । ଭାରତର ବିଭିନ୍ନ ରାଜ୍ୟରୁ ବହୁ ବିଜ୍ଞ ଶିକ୍ଷକ ପ୍ରତିନିଧି ଓ ଶିକ୍ଷାବିତ୍ ଏଥିରେ ଅଂଶଗ୍ରହଣ କରିଛନ୍ତି । ଏହି ଦୁଇଦିନିଆ ବୈଠକର ଦ୍ୱିତୀୟ ଦିବସରେ ଜାତୀୟ ଶିକ୍ଷାନୀତି –୨୦୨୦ ଆଧାରରେ ଶିକ୍ଷା ଏବଂ ଶୈଶବର ଯତ୍ନ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହେବ । ଆଜିର କାଉନ୍ସିଲ ବୈଠକରେ ଏ.ଆଇ.ଏଫ୍.ଇ.ଏ. ର ସଭାପତି ସୁଧୀର କୁମାର ସଭାପତିତ୍ୱ କରିଥିବା ବେଳେ ସାଧାରଣ ସଂପାଦକ ନବ କୁମାର କର୍ମାକର, ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ବିକ୍ରମ କୁମାର ଦାଶ, ଓ.ଆର୍.ଟି.ଏ.ର ସଭାପତି ଅଜୟ କୁମାର ସାମଲପ୍ରମୁଖ ଯୋଗଦାନ କରି ସେମାନଙ୍କର ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ ।

କାଉନ୍‌ସିଲ୍ ବୈଠକର ପ୍ରାରମ୍ଭରେ ଅଖିଳ ଭାରତ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ନବ କୁମାର କର୍ମାକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଚଳିତ ବର୍ଷର ଆର୍ଥିକ ବଜେଟ୍ ଉପସ୍ଥାପନ କରିଥିଲେ । ମହାସଂଘର ସମସ୍ତ ସହବନ୍ଧିତ ଶିକ୍ଷକ ସଂଗଠନର ରାଜ୍ୟ ନେତୃତ୍ୱମାନେ ଏହି ବୈଠକରେ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ବୈଠକରେ ଅଖିଳ ଭାରତୀୟ ଶିକ୍ଷକ ମହାସଂଘର ସମସ୍ତ ପଦାଧିକାରୀଙ୍କ ସମେତ, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ନିମ୍ନ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଡ଼ିଶା ଅବସର ଶିକ୍ଷକ ସଂଘର ସମସ୍ତ ପଦାଧିକାରୀ, ଓଷ୍ଟାର ସମସ୍ତ ଜିଲ୍ଲା ସମ୍ପାଦକ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବଳାତ୍କାରୀକୁ ୨୦ ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ଇନ୍‌ଫୋସିଟି ଥାନା ଅଞ୍ଚଳର ଜଣେ ବଳାତ୍କାରୀକୁ କୋଡିଏ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି ଭୁବନେଶ୍ୱର ପୋସ୍‌କୋ କୋର୍ଟ ବିଚାରପତି ସରୋଜ କୁମାର ସାହୁ । ୧୩ଜଣ ସାକ୍ଷୀ ଓ ୬୩ଟି ଦସ୍ତାବିଜ୍‌କୁ ଆଧାର କରି ଆସାମୀ ସନ୍ତୁ ଓରଫ୍ ସନ୍ତୋଷ ନାୟକଙ୍କୁ କୋର୍ଟ କୋଡିଏ ବର୍ଷ ଜେଲ୍ ଦଣ୍ଡାଦେଶ ଦେବା ସହ ୫ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ କରିଛନ୍ତି। ଜରିମାନା ଅନାଦେୟ ହେଲେ ତିନି ମାସ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ନିର୍ଦ୍ଦେଶ ହୋଇଛି। ୨୦୨୨ ମସିହା ଅଗଷ୍ଟ ୩୧ ତାରିଖ ଅପରାହ୍ନ ୪.୩୦ ସମୟରେ ଆସାମୀ ସନ୍ତୁ ଜୋର୍ ଜବରଦସ୍ତ ପିଡିତା ନାବାଳିକାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲା। ପିଡିତା ଆସାମୀ କବଳରୁ ଖସିଯିବା ପାଇଁ ଚେଷ୍ଟା କରିବାରୁ ସେ ତାଙ୍କୁ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ପ୍ରାୟ ଅଧ ଘଣ୍ଟା ପରେ ପିଡିତାଙ୍କ ମା ଘରକୁ ଆସିବାରୁ ଆସାମୀ ସନ୍ତୁ ନାବାଳିକାଙ୍କୁ ଛାଡି ଦେଇଥିଲା। ଘଟଣା ବିଷୟରେ ବାହାରେ କହିଲେ ମା ଝିଅଙ୍କୁ ଖଣ୍ଡାରେ ହାଣିଦେବି ବୋଲି ଧମକାଇବାରୁ ସେ ଏକ ପ୍ରକାର ନିରବ ହୋଇଯାଇଥିଲେ। ଆସାମୀ ସନ୍ତୁ ସେଠାରୁ ପଳାଇବା ପରେ ପିଡିତା ଓ ତାଙ୍କ ମା ବାହାରକୁ ଆସିଥିଲେ। ଘଟଣା ସମ୍ପର୍କରେ ଆସାମୀର ମା'ଙ୍କୁ କହିବାରୁ ଉଭୟଙ୍କ ବିବାହ ହେବ ବୋଲି ସ୍ଥିର ହୋଇଥିଲା। ସେହି ବିବାହ ବାହାନାରେ ପିଡିତାଙ୍କୁ ଦୀର୍ଘ ଦୀନ ଧରି ସନ୍ତୁ ବଳାତ୍କାର କରିଚାଲିଥିଲା। ଘଟଣା ଦିନ ସନ୍ଧ୍ୟା ୬ଟାରେ ଅଭିଯୁକ୍ତ ପିଡିତାଙ୍କ ଘର ନିକଟକୁ ଖଣ୍ଡା ଧରି ଆସିବା ସହ ତାଙ୍କ ମା' ଓ ତାଙ୍କୁ ଧମକାଇ ଥିଲା। ମା'ଙ୍କ ସାମ୍ନାରେ ନାବାଳିକାଙ୍କୁ ବଳାତ୍କାର କରିବାକୁ ଚେଷ୍ଟା କରିଥିଲା ବୋଲି ଇନ୍‌ଫୋସିଟି ଥାନାରେ ଅଭିଯୋଗ ହୋଇଥିଲା। ସେହିଦିନ ମା' ଝିଅଙ୍କ ଚିତ୍କାର ଶୁଣି ସାହି ଲୋକମାନେ ସେଠାକୁ ଆସିବାରୁ ସନ୍ତୁ ଖଣ୍ଡା ନେଇ ଘଟଣାସ୍ଥଳରୁ ପଳାଇଥିଲା। ଏ ସମ୍ପର୍କରେ ଇନ୍‌ଫୋସିଟି ଥାନାରେ ଅଭିଯୋଗ ହେବା ପରେ ପୋଲିସ ସନ୍ତୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଦ୍ୱନ୍ଦ ଦୂର କଲା ସିଏଚଏସଇ

୬ରେ ଯୁକ୍ତ ଦୁଇ ଫଳ ବାହାରିବା ଏକ ଗୁଜବ

ଭୁବନେଶ୍ୱର(ସବ୍ୟୁ): ମେ'ତୃତୀୟ ସପ୍ତାହ ସୁଦ୍ଧା ପ୍ରକାଶ ପାଇବ ଯୁକ୍ତ ଦୁଇ ପରୀକ୍ଷା ଫଳ । ମେ' ୧ ସୁଦ୍ଧା ଖାତା ଦେଖା ଶେଷ ହୋଇଛି । ଖାତା ଦେଖା ସରିଥିବା ବେଳେ ନିର୍ଦ୍ଦିଷ୍ଟ ଭାବେ କେବେ ରେଜଲ୍ଟ ବାହାରିବ ଶୀଘ୍ର ଜଣାଇ ଦିଆଯିବ । ତେବେ ଆସନ୍ତା ୬ରେ ଯୁକ୍ତ ଦୁଇ ରେଜଲ୍ଟ ବାହାରିବା ନେଇ ଖବର ପ୍ରଚାରିତ ହେବା ସମ୍ପୂର୍ଣ୍ଣ ଗୁଜବ । ଖୁବଶୀଘ୍ର ତାରିଖ ଘୋଷଣା କରାଯିବ ବୋଲି ସୂଚନା ଦେଇଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା

ଖୁବଶୀଘ୍ର ତାରିଖ ଘୋଷଣା କରାଯିବ

ନିୟନ୍ତ୍ରକ । ଆସନ୍ତା ୬ ତାରିଖ ସମୟ ୧୦ଟା ବେଳେ ଯୁକ୍ତ ଦୁଇ ରେଜଲ୍ଟ ପ୍ରକାଶ ପାଇବା ନେଇ ଏକ ନୋଟିସ୍ ସାମ୍ନାକୁ ଆସିଥିଲା । ଏହାକୁ ନେଇ ପରୀକ୍ଷାର୍ଥୀ ଦ୍ୱନ୍ଦରେ ରହିଥିଲେ । ତେବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସ୍ପଷ୍ଟ କରିଛି ଯେ, ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ନେଇ କୌଣସି ତାରିଖ ସିଏଚଏସଇ ପକ୍ଷରୁ ପ୍ରକାଶ କରାଯାଇନି । ଏହା ଏକ ଗୁଜବ । ଗତ ମାର୍ଚ୍ଚ ୨୭ ତାରିଖରେ ପରୀକ୍ଷା ସରିବା ପରେ ଏପ୍ରିଲ ୨ ତାରିଖରୁ ୧୨୭୬ଟି କେନ୍ଦ୍ରରେ ଖାତା ମୂଲ୍ୟାୟନ କରାଯାଇଥିଲା । ଗତ ୧ ତାରିଖ ସୁଦ୍ଧା ଖାତା ଦେଖା ସରିଥିବା ବେଳେ ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି କହିଛନ୍ତି ପରୀକ୍ଷା ନିୟନ୍ତ୍ରକ ।

ଭୁବନେଶ୍ୱର ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ସାମ୍ବାଦିକଙ୍କ ସମ୍ମାନ ଓ ସୁରକ୍ଷା ଦିଗରେ ରାଜ୍ୟ ସରକାର ଯତ୍ନବାନ ଅଛନ୍ତି । ଆଗକୁ ସାମ୍ବାଦିକମାନଙ୍କର ସମ୍ମାନ ଓ ସ୍ୱାଧୀନତା ବଢିବ, ହେଲେ କମିବାର ପ୍ରଶ୍ନ ଉଠୁନାହିଁ ବୋଲି ଆଇନ,ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଉତ୍କଳ ସାମ୍ବାଦିକ ସଂଘ ଅନୁବନ୍ଧିତ ଭୁବନେଶ୍ୱର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଓ ସଂଘ ପକ୍ଷରୁ ଆୟୋଜିତ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କରିଛନ୍ତି, ଅତୀତରେ କଣ ଘଟିଛି କି ନ ଘଟିଛି ତାହା ଅଲଗା କଥା ସାମ୍ବାଦିକମାନେ ତୃତୀୟ ମହଲା କିମ୍ବା ବିଧାନସଭା ଲବି ଭିତରକୁ ଯାଇପାରିଲେ କି ନ ଯାଇପାରିଲେ ତାହା ପ୍ରସଙ୍ଗ ନୁହେଁ, କିନ୍ତୁ ସାମ୍ବାଦିକମାନଙ୍କ ସ୍ୱାଧୀନତା ଏବଂ ନିରପେକ୍ଷତା ଉପରେ ଯଦି କେବେ ବି ଆଞ୍ଚ ଆସେ ମନ୍ତ୍ରିମଣ୍ଡଳରେ ଥାଇ ମଧ୍ୟ ମୁଁ ସାମ୍ବାଦିକମାନଙ୍କ ସହିତ ରହିବି । ଆମ ସରକାର କ୍ଷମତାକୁ ଆସିବା ପରେ ସଚିବାଳୟକୁ ସାମ୍ବାଦିକମାନଙ୍କୁ ପ୍ରବେଶ ଅନୁମତି ମିଳିଛି । ସାମ୍ବାଦିକଙ୍କ ଉପରେ କୌଣସି ପ୍ରତିବନ୍ଧକ ନାହିଁ । ହେଲେ ସଚିବାଳୟରେ ସାମ୍ବାଦିକଙ୍କ ପାଇଁ ଥିବା ପ୍ରେସ ଲାଉଞ୍ଜ ପ୍ରର୍ଯ୍ୟାପ୍ତ ହେଉନଥିବାରୁ ଅନେକ ସାମ୍ବାଦିକ ବାରଣ୍ଡାରେ ଅପେକ୍ଷା କରୁଛନ୍ତି । ଏହା ଆମ ନଜରକୁ ଆସିବା ପରେ ଏହାର ତୁରନ୍ତ ବ୍ୟବସ୍ଥା କରିବାକୁ କୁହାଯାଇଛି । ସାମ୍ବାଦିକଙ୍କ ସମ୍ମାନ ଓ ସୁରକ୍ଷା ଦିଗରେ ସରକାରୀ ସ୍ତରରେ ଆଲୋଚନା ଜାରି ରହିଛି । ମନ୍ତ୍ରୀ କହିଛନ୍ତି ଯେ, ଆଜି ବ୍ୟବସାୟିକ ମନୋବୃତ୍ତି ଯୋଗୁଁ ସାମ୍ବାଦିକ ଓ ସାମ୍ବାଦିକତା ନିଜର ସ୍ୱାଧୀନତା ହରାଇ ବସିଛି । ନିଜର ରାଜନୈତିକ ଉଦ୍ଦେଶ୍ୟ ଲାଗି କେତେକ ମାଲିକ ନିଜର ଖବରକାଗଜ ବା ଟିଭି ଚାନେଲକୁ ବ୍ୟବହାର କରୁଛନ୍ତି । ଫଳରେ ସେହି ମିଡ଼ିଆ ହାଉସରେ କାମ କରୁଥିବା ସାମ୍ବାଦିକ ଚାପର ବଶବର୍ତ୍ତୀ ହୋଇ ନିଜର ସ୍ୱାଧୀନତା ହରାଉଛି । ନିରପେକ୍ଷ ଖବର ବଦଳରେ ସେ ପକ୍ଷପାତିତା କରୁଛି । ତେଣୁ ସାମ୍ବାଦିକମାନେ ଏକଜୁଟ ହୋଇ ନିଜର ସ୍ୱାଧିନତା ହାସଲ କଲେ, ନିରପେକ୍ଷ ଖବର ପ୍ରକାଶ ପାଇପାରିବ । କେତେକ କ୍ଷେତ୍ରରେ ସମାଲୋଚନାମୂଳକ ଖବର ପ୍ରକାଶ କଲେ, ସେ ସାମ୍ବାଦିକ ଆକ୍ରୋଶର ଶିକାର ହେଉଛି । ଯାହା ଆଦୌ ଗ୍ରହଣୀୟ ନୁହେଁ । ଏହି କ୍ଷେତ୍ରରେ ସାମ୍ବାଦିକଙ୍କୁ ସୁରକ୍ଷା ଦେବା ଲାଗି ସରକାର ଏକ ଆଇନ ଆଣିବାକୁ ବିଚାରବିମର୍ଶ କରୁଛନ୍ତି । କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଯୋଗ ଦେଇ ପ୍ରେସ ସ୍ୱାଧୀନତା ଓ ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଭୁବନେଶ୍ୱର ସାମ୍ବାଦିକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ଜିତେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ଆଇସିଏଆଇ ପକ୍ଷରୁ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଦ ଇନଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଅକାଉଣ୍ଟାଣ୍ଟସ୍ (ଆଇସିଏଆଇ)ର ଭୁବନେଶ୍ୱର ଶାଖା ତରଫରୁ ଦୁଇ ଦିନିଆ ଜାତୀୟ ସିଏ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହାର ଶୀର୍ଷକ ହେଉଛି ପ୍ରଫେସନାଲ ଅପର୍ଚୁନିଟି ଫର୍ ସିଏସ । ଏହି ଉଦଘାଟନୀ ସମାରୋହରେ ସାଂସଦ ଅପରାଜିତା ଷଡଙ୍ଗୀ ଏବଂ ରାଜ୍ୟସଭା ସାଂସଦ ସୁଜିତ କୁମାର ଅତିଥି ଭାବେ ଉପସ୍ଥିତ ଥିଲେ । ଅତିଥିମାନେ ଚାର୍ଟାର୍ଡ ଅକାଉଣ୍ଟାଣ୍ଟମାନଙ୍କ ସମାଜରେ ସହଯୋଗ ଏବଂ ସୁଦୃଢ କରିବା ନିମନ୍ତେ ସେମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ବୃତ୍ତିଗତ ଅବସର ବିଷୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ସିଏ ସଞ୍ଜିବ ସାଙ୍ଗି (ସିସିଏମ ଏବଂ ସମ୍ମିଳନୀ ନିର୍ଦ୍ଦେଶକ), ସିଏ ଜୟ ଛାଇରା (ପିଏସ୍ଇସି ଅଧ୍ୟକ୍ଷ), ସିଏ ରାଜୀବ ଶେଖର ସାହୁ (ସମ୍ମିଳନୀ ଆୟୋଜନ କମିଟି ଅଧ୍ୟକ୍ଷ), ସିଏ ମହେନ୍ଦ୍ର କୁମାର ସାହୁ (ଆଇସିଏଆଇ ଭୁବନେଶ୍ୱର ଅଧ୍ୟକ୍ଷ), ଓ ସିଏ ଡ ପୃଥ୍ୱୀ ରଞ୍ଜନ ପାଢ଼ି (ସେକ୍ରେଟରୀ) ମଧ୍ୟ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ୩ଟି ଟେକ୍ନିକାଲ୍ ସେସନ୍ ହୋଇଥିଲା, ଯାହା ବିଶିଷ୍ଟ ଚାର୍ଟାର୍ଡ ଅକାଉଣ୍ଟାଣ୍ଟମାନେ ଉଦ୍‌ଘାଟନୀ ସମାରହାରେ ବିଶ୍ୱବ୍ୟାପୀ ବଜାର ଓ ନୂତନ କ୍ଷେତ୍ରରେ ଏହାର ଭୂମିକାକୁ ଆଲୋକପାତ କରିଥିଲେ । ଆମେରିକାର ର ଆକାଉଣ୍ଟିଂ ଏବଂ ଗ୍ଲୋବାଲ୍ କ୍ଷମତା କେନ୍ଦ୍ରରେ ଭବିଷ୍ୟତର ତଥ୍ୟ ଜାଣିବା ଜିସିସିଏସ୍) ସମ୍ବନ୍ଧରେ ସିଏ ଅନିକେ୍ତ ତାଲାଟି ଓ ସିଏ ସଂଜୀବ ସଂଘି ଆଲୋଚନା କରିଥିଲେ । ଶୀର୍ଷକ ସ୍କିଲ ଅପ୍, ସ୍କେଲ ଅପ୍ ସମ୍ବନ୍ଧୀୟ ସୂଚନା ସିଏ ଜୟ ଛାଇରା ବିବରଣୀ ପ୍ରଦାନ କରିଥିଲେ । ନାଭିଗେଟିଂ କ୍ୟାପିଟାଲ ମାର୍କେଟ ଟ୍ରେଣ୍ଡସ୍ ଏବଂ ଓପର୍ଚୁନିଟୀ ସମ୍ବନ୍ଧରେ ବ୍ଲୁ ଓସେନ୍ କ୍ୟାପିଟାଲ ର ପ୍ରତିଷ୍ଠାତା ନିପୁନ୍ ମେହେଟା ମନ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମିଳନୀର ଦ୍ୱିତୀୟ ଦିନରେ ଆଉ ୪ଟି ଟେକ୍ନିକାଲ ସେସନ୍ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ଉପସଭାପତି ସିଏ ଡ. ଗୌତମ ଲେଙ୍କା, ଟେଜରର୍ ସିଏ ସୌମ୍ୟ ସୁନିଲ ସାହୁ, ପରିଚାଳନା କମିଟି ସଦସ୍ୟ ସିଏ ଗଗନ ବିହାରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଜଗନ୍ନାଥ ମନ୍ଦିର ପରିସରରୁ ଚନ୍ଦନ ଗଛ ଚୋରୀ ଉଦ୍ୟମ

ଖଣ୍ଡପଡା,(ସବ୍ୟୁ): ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା ଗ୍ରାମର ଜଗନ୍ନାଥ ମନ୍ଦିର ପରିସରରେ ଥିବା ଏକ ଚନ୍ଦନ ଗଛକୁ ଦୁର୍ବୃତମାନେ ବିଳମ୍ବିତ ରାତିରେ କାଟି ନେବା ପାଇଁ ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନାନୁଯାୟୀ ଦୁର୍ବୁର୍ତମାନେ ଚନ୍ଦନ ଗଛଟିକୁ ଚୋରୀ କରି ନେବା ଉଦ୍ଦେଶ୍ୟରେ କାଟି ଦେଇଥିଲେ ହେଁ କୌଣସି କାରଣ ବଶତଃ ନେଇ ପାରିନଥିବା ଜଣାପଡିଛି । ମନ୍ଦିରର ପୂଜକ ଖଲେଶ୍ୱର ଦାଶ ଭୋର ସମୟରେ ମନ୍ଦିରକୁ ପୂଜା କରିବାକୁ ଗଲାବେଳେ ଚନ୍ଦନ ଗଛଟିକୁ କେହି ମୂଳରୁ କାଟି ଦେଇଥିବା ନେଇ ତାଙ୍କ ନଜରକୁ ଆସିଥିଲା । ପରେ ଖବରପାଇ ସ୍ଥାନୀୟ ବାସିନ୍ଦା ସେଠାରେ ପହଁଚି କଟାଯାଇଥିବା ଚନ୍ଦନ ଗଛଟିକୁ ଦେଖି ଦୁଃଖ ପ୍ରକାଶ କରିଥିଲେ । ଏହି ଘଟଣାକୁ ନେଇ ବୁଦ୍ଧିଜୀବି ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି ।

'ଓଡ଼ିଶା ଲୋକ ସେବା ଅଧିକାର ଆଇନ'ର କାର୍ଯ୍ୟାନ୍ୱୟନ

ବିଭାଗୀୟ ସମନ୍ୱୟ, ଡିଜିଟାଲ୍ ବୃଦ୍ଧିକୁ ଗୁରୁତ୍ୱ ଦେଉଛନ୍ତି ସରକାର

ଭୁବନେଶ୍ୱର(ସବ୍ୟୁ): 'ଓଡ଼ିଶା ଲୋକ ସେବା ଅଧିକାର ଆଇନ-୨୦୧୨' ଉପରେ ଏକ ପୁନରାବଲୋକନ ସଭା ଆଜି ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରର ୩୨ଟି ବିଭାଗର ନୋଡାଲ୍ ଅଧିକାରୀ ଯୋଗ ଦେଇ 'ଓଡ଼ିଶା ଲୋକ ସେବା ଅଧିକାର ଆଇନ ୨୦୧୨'ର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ସିଏମଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିନୀତ ଭାରଦ୍ୱାଜ ଏହି ସଭାର ଅଧକ୍ଷତା କରିଥିଲେ ।

ଏହି ଅବସରରେ ସିଏମଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିନୀତ ଭାରଦ୍ୱାଜ କହିଥିଲେ ଯେ ରାଜ୍ୟ ସରକାର ଓଡ଼ିଶା ଲୋକ ସେବା ଅଧିକାର ଆଇନ ଅନ୍ତର୍ଗତ ସମସ୍ତ ସେବାଗୁଡିକୁ ସମୟୋପଯୋଗୀ ଓ ଦାୟିତ୍ୱପୂର୍ଣ୍ଣ ଭାବେ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ସମନ୍ୱୟ ଓ ଡିଜିଟାଲ୍ ଅବସ୍ଥାପନା ବୃଦ୍ଧିକୁ ଗୁରୁତ୍ୱ ଦେଉଛନ୍ତି । ଏହି ସଭାରେ ଏପ୍ରିଲ୍ ୨୦୨୪ରୁ ୨ମଇ ୨୦୨୫ ପର୍ଯ୍ୟନ୍ତ ଓଡ଼ିଶା ଲୋକ ସେବା ଅଧିକାର ଆଇନ ଅନ୍ତର୍ଗତ ଆବେଦନ ବିଷୟରେ ତର୍ଜମା, କେନ୍ଦ୍ରୀୟ ନିରୀକ୍ଷଣ ପ୍ରଣାଳୀ (ସିଏମଏସ) ଡ୍ୟାସବୋର୍ଡ ସହ ସେବା ସମ୍ମିଳନ, ସମସ୍ତ ଆବେଦକଙ୍କୁ ଗ୍ରହଣ ପ୍ରମାଣପତ୍ର ଜାରି କରିବା ବ୍ୟବସ୍ଥା ସହ ଓଡ଼ିଶା ଲୋକ ସେବା ଅଧିକାର ଆଇନ ଅନ୍ତର୍ଗତ ସେବା ଯୋଗ/ବିଲୋପ ବିଷୟରେ ଆଲୋଚନା ହୋଇଥିଲା । ଏନଆଇସି, ଓକାକ ଓ ସିଏମଜିଆଇ ର ପ୍ରକ୍ରିୟା ପୁନଃସଂରଚନା ଓ ପ୍ରାଯୁକ୍ତିକ ଦଳମାନେ ସେବା ପ୍ରଦାନକୁ ଅଧିକ କ୍ଷମତାଶୀଳ ବନାଇବା ପାଇଁ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ।

ସିଓ୍ୱାଇଏସଡିର ମେଣ୍ଟର ତଥା ପୂର୍ବତନ ସୂଚନା ଆୟୁକ୍ତ ଜଗଦାନନ୍ଦ ଓଡ଼ିଶା ଲୋକ ସେବା ଅଧିକାର ଆଇନ ବିଷୟରେ ନାଗରିକଙ୍କୁ ସଚେତନ କରିବା ନିମନ୍ତେ ଆଇଇସି କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଆଲୋକପାତ କରୁଥିଲେ । ଏହି କାର୍ଯ୍ୟକ୍ରମରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଦେବବ୍ରତ ମଲ୍ଲିକ, ସିଏମଜିଆଇର ପ୍ରକଳ୍ପ ସଂଯୋଜକ ପିନାକି ମହାନ୍ତି, ସିଏମଜିଆଇର ଓଏସଡି ସମରେନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବଙ୍କ ଓଏସଡି ଅଂଶୁମାନ ରଥ ତଥା ସିଏମଜିଆଇ ଓ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅନ୍ୟାନ୍ୟ କାର୍ଯ୍ୟାଧିକାରୀମାନେ ଉପସ୍ଥିତ ଥିଲେ ।

ମଦ ଜବତ : ୨ ଗିରଫ

ନିରାକାରପୁର ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଇନ୍ସପେକ୍ଟର ଥାରପା ମାରାଣ୍ଡିଙ୍କ ନିର୍ଦ୍ଦେଶରେ ଶନିବାର ଦିନ ଖୋର୍ଦ୍ଧ ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଶଗଡଭଙ୍ଗା ଓ ଖଡିପଦର ଗ୍ରାମରେ ସଦଳବଳେ ଚଢ଼ାଉ କରି ଦୁଇ ଜଣ ମଦ ବେପାରୀକୁ ଗିରଫ କରିବା ସହିତ ମଦ ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ କି ଭ୍ରାମ୍ୟମାଣ ଅବକାରୀ ପୋଲିସ ପେଟ୍ରୋଲିଙ୍ଗ କରୁଥିବାବେଳେ ସୂଚନା ପାଇଁ ଆଜି ଜଂକିଆ ଥାନା ଶଗଡଭଙ୍ଗା ଓ ଖଡିପଦର ଗ୍ରାମର ଛବି ବିଶ୍ୱାଳ ଓ ରଜନୀକାନ୍ତ ବେହେରା ଦେଶୀ ମଦ ବିକ୍ରି କରିଥିବାର ସୁରାକ ପାଇ ତାଙ୍କ ଠାରୁ ୫୦ ଲିଟର ଦେଶୀ ମଦ ଜବତ କରିଥିବା ସହିତ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।ଏହି ଚଢ଼ାଉରେ ଏସ ଆଇ ସୁକ୍ରି କୁମାର ନାଗ, ଏ ଏସ ଆଇ ଜିତେନ୍ଦ୍ର ହେମ୍ବ୍ରମ, କନେଷ୍ଟବଳ ସତ୍ୟବନ୍ତ ମାଝୀ ଓ ସ୍ୱପ୍ନଛରାଣୀ ବେହେରା ପ୍ରମୁଖ ସାମିଲ ଥିଲେ।

କେନ୍ଦୁଝର ଜିଲ୍ଲାରେ ଆୟୋଜିତ ହେବ ରଙ୍ଗବତୀ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ, କେନ୍ଦୁଝର ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଏବଂ ଆଦିମ୍- ସଂସ୍କୃତି, କେନ୍ଦୁଝରର ମିଳିତ ସହଯୋଗରେ କେନ୍ଦୁଝର ଜିଲ୍ଲାରେ ପଶ୍ଚିମ ଓଡ଼ିଶା ନୃତ୍ୟ, ସଂଗୀତ ଉତ୍ସବ ରଙ୍ଗବତୀର ଆୟୋଜନ କରାଯିବ । ରଙ୍ଗବତୀ ଉତ୍ସବ ଆସନ୍ତା ମେ' ୫ ତାରିଖ ଠାରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି କାଳିପଡ଼ିଆ, କେନ୍ଦୁଝର ଠାରେ ଅନୁଷ୍ଠିତ ହେବ । ରଙ୍ଗବତୀ ଉତ୍ସବରେ ରାଜ୍ୟର ମନ୍ତ୍ରୀ ମଣ୍ଡଳର ମନ୍ତ୍ରୀଗଣ, କେନ୍ଦୁଝର ଜିଲ୍ଲାର ସାଂସଦ, ବିଧାୟକ, ବହୁ ବିଶିଷ୍ଟ କଳାକାର ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେବାର ଯୋଜନା ରହିଛି । ପଶ୍ଚିମ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ନୃତ୍ୟ, ସଂଗୀତ ଆଦିର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

ଚଳିତ ବର୍ଷର ରଙ୍ଗବତୀ ଉତ୍ସବରେ ପଶ୍ଚିମ ଓଡ଼ିଶାର ବହୁ ବିଶିଷ୍ଟ ଲୋକକଳାକାର, ନୃତ୍ୟଶିଳ୍ପୀ ଏବଂ କଣ୍ଠଶିଳ୍ପୀମାନେ ଯୋଗଦେଇ ନୃତ୍ୟ ଓ ସଂଗୀତ ପରିବେଷଣ କରିବେ । ଡ଼ାଲଖାଇ, ରସରକେଳି ଠାରୁ ନେଇ ହୋମୁଣ୍ଡା, ଛଉ, ଚାଙ୍ଗୁ, ଝୁମର ନୃତ୍ୟ ପର୍ଯ୍ୟନ୍ତ ଏବଂ ଢ଼ୋଲ, ତବଲା, ମୃଦଙ୍ଗ ଏବଂ ବିଭିନ୍ନ ପାରମ୍ପରିକ ବାଦ୍ୟରେ ପଶ୍ଚିମ ଓଡ଼ିଶାର ଲୋକସଂଗୀତ ପରିବେଷଣ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ । ଆମ ଓଡ଼ିଶାର ଲୋକକଳା ଓ ଲୋକସଂସ୍କୃତିକୁ ଚିର ଉଜ୍ଜୀବିତ କରି ରଖିବା ଲକ୍ଷ୍ୟରେ ଆୟୋଜିତ ହେବାକୁ ଥିବା ରଙ୍ଗବତୀ ଉତ୍ସବରେ ଯୋଗଦେବା ପାଇଁ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେବା ସହିତ ପଶ୍ଚିମ ଓଡ଼ିଶାର ଲୋକକଳା ଓ ପରମ୍ପରାକୁ ଆଧାରିତ କରି ରଙ୍ଗବତୀ ଉତ୍ସବର ଆୟୋଜନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ଓ କଳାକାରମାନେ ମତପ୍ରକାଶ କରିଛନ୍ତି ।

ପାଣି ଟ୍ୟାଙ୍କର ଓଲଟି ଯୁବକଙ୍କ ମୃତ୍ୟୁ

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ବିଜିପୁର ଗ୍ରାମର ଅମର ଚହଟରାୟଙ୍କ ପୁତ୍ର ସ୍ନେହାଶିଷ ଚହଟରାୟ ବବୁଲ (୨୮)ଙ୍କ ପାଣି ଟ୍ୟାଙ୍କର ଓଲଟି ଅକାଳ ମୃତ୍ୟୁ ଘଟିଛି ।ଖବର ନେବାରେ ଜଣାପଡିଛି ଉକ୍ତ ଯୁବକ ଶନିବାର ସକାଳୁ ସକାଳୁ ବିଜିପୁର ପଞ୍ଚାୟତ ଝାରଡ଼ା ଓ ପରିମାଣ୍ଡିପୁର ଗ୍ରାମରେ ପାଣି ଦେବାପାଇଁ ଟ୍ରାକ୍ଟର ଯୋଗେ ପାଣି ଟ୍ୟାଙ୍କର ନେଇ ଯାଉଥିଲେ ପରିମଣ୍ଡିପୁର ଗାଁ ନିକଟ ନଦୀ ବନ୍ଧରେ ସାମ୍ନାପଟୁ ଆସୁଥିବା ଏକ ବସକୁ ସାଇଟ୍ ଦେବାକୁ ଯାଉଥିବା ବେଳେ ରାସ୍ତା କଡ଼କୁ ପାଣି ଟ୍ୟାଙ୍କରଟି ଓଲଟି ପଡ଼ିଥିଲା। ଗାଡି ଭିତରେ ଚାପି ହୋଇ ରହିଯାଇଥିଲେ ଯୁବକ ଜଣକ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ସବ ବେବଛେଦ ପରେ ପରିବାର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରାଯାଇଛି ।ପୁରୀ ମେଡିକାଲରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପହଞ୍ଚି ମୃତକ ପରିବାରକୁ ସମବେଦନା ଜଣାଇଛନ୍ତି। ବିଜିପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ରୋଟାରୀ କ୍ଲବ କନଫ୍ଲୁଏନ୍ସ ପକ୍ଷରୁ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳିତ

ସାମ୍ବାଦିକ ସତ୍ୟ ସୁନ୍ଦର ଭଞ୍ଜ ପାଇଲେ ଡ଼ାୟୋଜେନିସ ଆୱାର୍ଡ଼

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ରୋଟାରି କ୍ଲବ କନଫ୍ଲୁଏନ୍ସ ପକ୍ଷରୁ ଶନିବାର ସ୍ଥାନୀୟ ହୋଟେଲ ଶୀତଳରେ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । କ୍ଲବର ସଭାପତି ପ୍ରିତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଗଣମାଧ୍ୟମ ବିଭାଗ ସହକାରୀ ପ୍ରଫେସର ଡ଼, ଦେବୀଲାଲ ମିଶ୍ର , ସମ୍ମାନୀତ ଅତିଥି ଭାବେ ଏଲ. କାନୁନଗୋ ପ୍ରମୁଖ ଯୋଗଦାନ କରି ଗଣମାଧ୍ୟମର ଭୂମିକା ଓ ପ୍ରେସ ସ୍ୱାଧୀନତା ଉପରେ ନିଜ ନିଜ ମତ ରଖିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପିକା ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ସଂଯୋଜନା କରିଥିଲେ । କ୍ଲବର ସମ୍ପାଦକ ରବିନ୍ଦ୍ର କୁମାର ସାହୁ ସମ୍ପାଦକୀୟ ବିବରଣୀ ଓ ପ୍ରେସ ସ୍ୱାଧୀତା ଦିବସ ପାଳନ କରିବାର ଆଭିମୁଖ୍ୟ ଉପରେ ମତ ରଖିଥିଲେ । କାର୍ଯ୍ୟକ୍ରମରେ ସମୟର ସାମ୍ବାଦିକ ସତ୍ୟ ସୁନ୍ଦର ଭଞ୍ଜଙ୍କ ସମେତ ବିଭିନ୍ନ ବର୍ଗର ସାମ୍ବାଦିକ ମାନଙ୍କୁ ଡ଼ାୟୋଜେନିସ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଆୟୋଜକ ରୋଟାରୀ କନଫ୍ଲୁଏନ୍ସ ପକ୍ଷରୁ ଡ଼. ବିଶ୍ୱ ରଞ୍ଜନ ସାହୁ , ପଦ୍ମନାଭ ବିଶ୍ୱାଳ ନିଳାଚଳ ପ୍ରଧାନ, ଅତୁଲ ସାମଲ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସୋଆ ପ୍ରତିଷ୍ଠାତା ସଭାପତିଙ୍କ ସହ

ପଦ୍ମ ପୁରସ୍କାର ବିଜେତା ପ୍ରଫେସର ଅଶୋକ ମହାପାତ୍ରଙ୍କ ସୌଜନ୍ୟମୂଳକ ସାକ୍ଷାତ

ଭୁବନେଶ୍ୱର, (ସବ୍ୟୁ): ପଦ୍ମଶ୍ରୀ ବିଜେତା ପ୍ରଫେସର ଅଶୋକ କୁମାର ମହାପାତ୍ର ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଛନ୍ତି । ଗତ ୨୮ ତାରିଖ ଦିନ ନୂଆଦିଲ୍ଲୀସ୍ଥ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁ ପ୍ରଫେସର ମହାପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ । ଭେଷଜ ବିଜ୍ଞାନ କ୍ଷେତ୍ରରେ ନିଜର ଅବଦାନ ନିମନ୍ତେ ପ୍ରଫେସର ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଦେଶର ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ମହାପାତ୍ର ସୋଆର ପୂର୍ବତନ କୁଳପତି ଭାବେ ଦାୟିତ୍ୱ ତୁଲାଇ ସାରିଥିବା ବେଳେ ବର୍ତମାନ ବିଶ୍ୱବିଦ୍ୟାଳୟର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦବୀରେ ଅଧିଷ୍ଠିତ ଅଛନ୍ତି । ନୂଆଦିଲ୍ଲୀ ସ୍ଥିତ ଏମ୍ସର ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିବା ପ୍ରଫେସର ମହାପାତ୍ର ଭୁବନେଶ୍ୱର ଏମ୍ସର ମଧ୍ୟ ପ୍ରଥମ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇଥିଲେ। ବିଶ୍ୱର ଶ୍ରେଷ୍ଠ ୫ ଜଣ ନ୍ୟୁରୋସର୍ଜନଙ୍କ ମଧ୍ୟରେ ତାଙ୍କୁ ମାନ୍ୟତା ଦିଆଯାଇଛି । ନୂଆଦିଲ୍ଲୀରୁ ଫେରିବା ପରେ ପ୍ରଫେସର ମହାପାତ୍ର ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ଭେଟି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ପ୍ରଫେସର ନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଶ୍ରମିକମାନଙ୍କୁ ଆଇନ ସଚେତନ କଲେ

ସହାୟତା ରାଶି ବାଣ୍ଟିଲେ ଜଷ୍ଟିସ ସଙ୍ଗମ କୁମାର ସାହୁ

କଟକ , (ସବ୍ୟୁ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକ ଆନୁକୂଲ୍ୟରେ, ଅନ୍ତର୍ଜାତୀୟ ଶ୍ରମିକ ଦିବସ ୨୦୨୫ ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ସମାଜ ପ୍ରତି ଶ୍ରମିକମାନଙ୍କର ଅବଦାନ ଏବଂ ବଳିଦାନକୁ ସ୍ମରଣ କରି ଓଡିଶା ନ୍ୟାୟାଳୟର ବରିଷ୍ଠ ବିଚାର ପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିବାହୀ ଅଧକ୍ଷ ସଙ୍ଗମ୍ କୁମାର ସାହୁ ଯୋଗ ଦେଇ ଶ୍ରମିକଙ୍କ ଅଧିକାର ପାଇଁ ଏକତା, ସାମାଜିକ ନ୍ୟାୟ ସେମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ସେ ସେମାନଙ୍କର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା, ସେମାନେ କିପରି ଭଲ ପରିବେଶରେ ର କାମ କରିବେ, ଭଲରେ ରହିବେ, ସେମାନଙ୍କର ପିଲାମାନେ କିପରି ଭଲରେ ପଢିବେ, ସେମାନଙ୍କର ସାସ୍ଥ୍ୟ ଅବସ୍ଥା କିପରି ଭଲ ରହିବ, ଏ ସବୁ ପ୍ରତି ଦୃଷ୍ଟି ଦେବା ସହିତ ସେମାନଙ୍କୁ କିପରି ଉପଯୁକ୍ତ ନ୍ୟାୟିକ ସହାୟତା ଯୋଗାଇ ଦେବା ଏବଂ ଅଣସଂଗଠିତ ଶ୍ରମିକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗକୁ ସେମାନଙ୍କ ନିକଟରେ ସୁନିଶ୍ଚିତ କରାଇବା ଉପରେ ଗୁରୁତ୍ୱାରୋପ ପ୍ରଦାନ କରିଥିଲେ । ଏହି ଶ୍ରମିକ ଦିବସ ଅବସରରେ ୧୫ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି, ୫ ଜଣଙ୍କୁ ମାତୃ ସହାୟତା ରାଶି, ୧୦ ଜଣଙ୍କୁ

ଶିକ୍ଷା ସହାୟତା ରାଶି, ୨୦ ଜଣଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ରାଶି, ୧୫ ଜଣଙ୍କୁ ଶବଦାହ ସଂସ୍କାର ସହାୟତା ରାଶି ଓ ୫୫ ଜଣ ଶ୍ରମିକଙ୍କୁ ଶ୍ରମିକ ପଞ୍ଜିକରଣ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ସେବା ପ୍ରାକରଣର ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ ସାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧୁକରଣର ଅଧ୍ୟକ୍ଷ ଶୀତିକଣ୍ଠ ସାମଲ ଧନ୍ୟବାଦ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ଉପସ୍ଥିତ ରହି ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ଉପ ସଚିବ, ସହ ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଓ କଟକ ଜିଲ୍ଲା ବିଚାର ବିଭାଗୀୟ ଅଧିକାରୀ ବୃନ୍ଦ, କଟକ ଜିଲ୍ଲାର ଅନ୍ୟାନ୍ୟ ଅଧୁକାରୀ ବୃନ୍ଦ, ଶ୍ରମ ଆୟୁକ୍ତ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀ ମାନେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ ପରିଚାଳନା କରିବାରେ ସହାୟତା କରିଥିଲେ ।

ସ୍ୱତନ୍ତ୍ର ଆଧ୍ୟାତ୍ମିକ ତତ୍ତ୍ୱ ଓ ତଥ୍ୟଭିତ୍ତିକ ପୁସ୍ତକ 'ଶନି ମହାଗ୍ରହ ପ୍ରଭାବ ଓ ପ୍ରତିକାର' ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରସ୍ଥିତ ପୋଖରୀପୁଟ ଶ୍ରୀହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଶିଷ୍ଟ ଆଧ୍ୟାତ୍ମିକ ଲେଖକ ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ଲିଖିତ ଓ ଜ୍ଞାନଯୁଗ ପ୍ରକାଶନ ଦ୍ୱାରା ପ୍ରକାଶିତ 'ଶନି ମହାଗ୍ରହ ପ୍ରଭାବ ଓ ପ୍ରତିକାର' ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ତଥା ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ପର୍ଶୁରାମ ପଣ୍ଡା ଏହି ପୁସ୍ତକକୁ ପ୍ରଥମେ ଶ୍ରୀହନୁମାନଙ୍କ ପଦାରବିନ୍ଦରେ ଦେବାର୍ପଣ କରିଥିଲେ । ଶନିଶ୍ଚରଙ୍କୁ ନେଇ ୩୦୦ ପୃଷ୍ଠାରୁ ଉର୍ଦ୍ଧ ଏକ ତତ୍ତ୍ୱ ଓ ତଥ୍ୟଭିତ୍ତିକ ପୁସ୍ତକ କୌଣସି ଭାଷାରେ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହେବା ଦୃଷ୍ଟିକୁ ଆସିନାହିଁ ବୋଲି ଶ୍ରୀ ପଣ୍ଡା କହିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବିଶିଷ୍ଟ ସାହିତ୍ୟିକ ଓ କବି ରତ୍ନାକର ରାଉତ ଜୀବନରେ ଆଧ୍ୟାତ୍ମିକତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରି ଶନିଶ୍ଚର ମହାରାଜ ଆମ ଜୀବନକୁ କେତେ ଓ କିଭଳି ପ୍ରଭାବିତ କରନ୍ତି ଏବଂ ତାଙ୍କ ଦ୍ୱାରା ପ୍ରଭାବିତ ବ୍ୟକ୍ତି କେଉଁ ଆଧ୍ୟାତ୍ମିକ ଉପାୟ ଅବଲମ୍ବନ କଲେ ତାଙ୍କର କୃପାଦୃଷ୍ଟି ଲାଭ କରିପାରିବ ତାହା ବକ୍ତବ୍ୟରେ ଦର୍ଶାଇଥିଲେ । ସେ ଡ. ଚୌଧୁରୀ ଶ୍ରୀ ଶନିଶ୍ଚରଙ୍କୁ ନେଇ ଏକ ଯୁଗୋପଯୋଗୀ ତତ୍ତ୍ୱ ଓ ତଥ୍ୟଭିତ୍ତିକ ଗ୍ରନ୍ଥ ସମାଜକୁ ପ୍ରଦାନ କରିଥିବା ହେତୁ ତାଙ୍କୁ ସାଧୁବାଦ ଜଣାଇଥିଲେ ।

କାର୍ଯ୍ୟକ୍ରମର ମୁଖ୍ୟବକ୍ତା ବିଶିଷ୍ଟ ଆଧ୍ୟାତ୍ମିକ ଲେଖକ, ବିଜୟ ଦାଶ ଏହି ପୁସ୍ତକ ଜ୍ୟୋତିଷ ଦୃଷ୍ଟିରୁ ଏକ ଉପାଦେୟ ଗ୍ରନ୍ଥ ହେବା ସହିତ ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଉପଯୋଗୀ ଏବଂ ଏଥିରେ ପ୍ରକୃତ ଉପଚାର ପ୍ରାଞ୍ଜଳ ଭାବରେ ଉପସ୍ଥାପିତ କରାଯାଇଛି ବୋଲି ଉଲ୍ଲେଖ କରିଥିଲେ। ଡ. ଚୌଧୁରୀଙ୍କ ରଚିତ ଏହି ପୁସ୍ତକ ତଥ୍ୟ ଏବଂ ତତ୍ତ୍ୱ ଉପରେ ପର୍ଯ୍ୟବସିତ ବୋଲି କହି ଲେଖକ ଓ ପ୍ରକାଶକଙ୍କୁ ସେ ପ୍ରଶଂସା କରିଥିଲେ । ଲେଖକ ଡ. ଚୌଧୁରୀ କହିଥିଲେ ଯେ ଉଭୟ ବୈଜ୍ଞାନିକ ଏବଂ ଜ୍ୟୋତିଷ ଦୃଷ୍ଟିକୋଣରୁ ଶନିଶ୍ଚର ମହାଗ୍ରହ ଗ୍ରହମଣ୍ଡଳରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି ଯାହାଙ୍କର ପ୍ରଭାବରେ ସକଳ ଜଗତ ପରିଚାଳିତ । ଯାହାଙ୍କୁ ପାଥେୟ କରି ଭୌତିକ ତଥା ଆଧ୍ୟାତ୍ମିକ ଜଗତର ଜଗତର ବିକାଶର ଧାରାକୁ ନିର୍ଣ୍ଣୟ କରିହୁଏ, ଯାହାଙ୍କ ଅନୁଗ୍ରହ ହେଲେ ଜଣେ ସାଧାରଣ ବ୍ୟକ୍ତି ଅନନ୍ୟ ଦିବ୍ୟକୃପା ପ୍ରାପ୍ତ କରିଥାଏ । ଶନିଙ୍କ ଅନୁଗ୍ରହରେ ଜଣେ ସବୁକ୍ଷେତ୍ରରେ ସଫଳତା ଅର୍ଜନ କରିପାରିବ । ଏହି କାର୍ଯ୍ୟକ୍ରମର ସଭାପତି ପୂଜ୍ୟତେ ବୈଷୟିକ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରମୋଦ କୁମାର ସାବତ କହିଥିଲେ ଯେ ଡ. ଚୌଧୁରୀଙ୍କ ଏହି ସ୍ୱତନ୍ତ୍ର ପୁସ୍ତକ ସମସ୍ତଙ୍କ ପାଇଁ ଏକ ଉପାଦେୟ ଗ୍ରନ୍ଥ ଅଟେ । ଏହି ପୁସ୍ତକ ଜଣେ ପାଠକଲେ ଶନିମହାଗ୍ରହଙ୍କ ବିଷୟରେ ବୈଜ୍ଞାନିକ ତଥ୍ୟ, ଜ୍ୟୋତିଷ ତତ୍ତ୍ୱ, ଧର୍ମ, ଆଧ୍ୟାତ୍ମିକ ପରିଭାଷା, ଶନିଙ୍କର ସମସ୍ତ ଉପଚାର ବିଷୟରେ ଅବଗତ ହୋଇପାରିବେ । ସଭାରେ ବିଶିଷ୍ଟ ସଂଗୀତଜ୍ଞ ତଥା ନିର୍ଦ୍ଦେଶକ କେଶବ ଚନ୍ଦ୍ର ସାହୁ ପ୍ରାରମ୍ଭିକ ଭକ୍ତିସଂଗୀତ ପରିବେଷଣ କରିଥିଲେ ଓ ଡ. ଚୌଧୁରୀଙ୍କ ଦ୍ୱାରା ଲିଖିତ ଶ୍ରୀହନୁମାନଙ୍କ ଉପରେ ଏକ ଭକ୍ତିପୂର୍ଣ୍ଣ ଭଜନ ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଜ୍ଞାନଯୁଗ ପବ୍ଲିକେଶନ ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ତୁଷାରକାନ୍ତ ସାହୁ ଡ. ଚୌଧୁରୀଙ୍କ ଲିଖିତ ୬୦ ରୁ ଉର୍ଦ୍ଧ୍ୱ ଆଧ୍ୟାତ୍ମିକ, ଜ୍ୟୋତିଷ ପୁସ୍ତକ ପ୍ରକାଶନ କରି ଜ୍ଞାନଯୁଗ ପବ୍ଲିକେଶନ ନିଜକୁ ଧନ୍ୟ ମନେ କରିଥିଲାବେଳେ ଏହି ପୁସ୍ତକ 'ଶନି ମହାଗ୍ରହ ପ୍ରଭାବ ଓ ପ୍ରତିକାର'ର ପ୍ରକୃତ ଉପାଦେୟତା ଓ ଆବଶ୍ୟକତା ନିଜେ ଗଭୀର ଭାବରେ ଅନୁଭବ କରିଥିବା କଥା କହିଥିଲେ । ଏହି ପୁସ୍ତକର ପ୍ରଥମ ସଂସ୍କରଣ ୨୦୦୮ ମସିହାରେ ପ୍ରକାଶିତ ହୋଇ ପୁସ୍ତକର ଲୋକପ୍ରିୟତା ଦୃଷ୍ଟିରୁ ଅନେକ ଥର ପ୍ରକାଶ ପାଇଛି । ଆଜିର ଏହି ସଂସ୍କରଣକୁ ଏକ ନୂତନ ପରିବର୍ଦ୍ଧିତ ସଂସ୍କରଣ ଭାବରେ ପ୍ରକାଶ କରାଯାଇଛି । ଏକାମ୍ର ମହାବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧାପିକା ଶ୍ରୀମତୀ ପ୍ରଭା ମଞ୍ଜରୀ ପଟ୍ଟନାୟକ ଏହି କାର୍ଯକ୍ରମର ଆଭିମୁଖ୍ୟ, ପ୍ରାରମ୍ଭିକ ସୂଚନା ଓ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସଂଗେସଂଗେ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଯୋଜନା କରିଥିଲେ । ଉତ୍ସବରେ ଆଧ୍ୟାତ୍ମିକ କ୍ଷେତ୍ର ଉପରେ ରୁଚି ରଖିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ବହୁସଂଖ୍ୟାରେ ଆଧ୍ୟାତ୍ମିକ ସାଧକ ଓ ଭକ୍ତମାନେ ଯୋଗଦେଇଥିଲେ ।

ଶ୍ରମିକ ସମ୍ମାନ ପାଇଁ କଳିଙ୍ଗ ହସ୍ପିଟାଲରେ ଶ୍ରମ ଦିବସ ପାଳନ

ଭୁବନେଶ୍ୱର, (ସବ୍ୟୁ): ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ସଭିଏଁ ମେ ୧ ଦିନଟିକୁ ଶ୍ରମିକଙ୍କ ଅଧିକାର, ଆତ୍ମସମ୍ମାନ ଓ ସୁରକ୍ଷା ପାଇଁ ସ୍ମୃତି ଓ ଅନୁପ୍ରେରଣା ଭାବେ ପାଳନ କରନ୍ତି । ଏହି ଅବସରରେ କଳିଙ୍ଗ ହସ୍ପିଟାଲ କର୍ମଚାରୀ ସଂଘ ତରଫରୁ ଏକ ଉତ୍ସବମୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି, ଯାହାର ଉଦ୍ଦେଶ୍ୟ ଥିଲା ଶ୍ରମିକ ଅଧିକାର ସଚେତନତା ବଢ଼ାଇବା, ସଂଘବଦ୍ଧତା ବୃଦ୍ଧି କରିବା ଓ ଅନ୍ତଃସ୍ଥଳୀୟ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବା । କଳିଙ୍ଗ ହସ୍ପିଟାଲ କର୍ମଚାରୀ ସଂଘ ର ମୂଳ ଉଦ୍ଦେଶ୍ୟ ସଂଘ ଏକ ଶ୍ରମିକ ବନ୍ଧନ ସଂଗଠନ ଯାହା କଳିଙ୍ଗ ହସ୍ପିଟାଲ ଅନ୍ତର୍ଗତ କର୍ମଚାରୀମାନଙ୍କ ନ୍ୟାୟ ସୁନିଶ୍ଚିତ କରିବା, ତାଙ୍କର କାର୍ଯ୍ୟ ଅବସ୍ଥା ଓ ସୁବିଧା ବୃଦ୍ଧି କରିବା ପାଇଁ ଗଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଡାକ୍ତର ଶୀତକଣ୍ଠ ଦାଶ, ଅଧ୍ୟକ୍ଷ, କଳିଙ୍ଗ ହସ୍ପିଟାଲ, ବିଶ୍ୱଭୁଷଣ ପତ୍ରୀ, ଅଧ୍ୟକ୍ଷ, କଳିଙ୍ଗ ହସ୍ପିଟାଲ କର୍ମଚାରୀ ସଂଘ ଓ ବରିଷ୍ଠ ବକ୍ତା ଶ୍ରୀ ବିଶ୍ୱଭୂଷଣ ପତି ଉପସ୍ଥିତ ଥିଲେ । ଏହିଠାରେ ଶ୍ରମିକ ଅଧିକାର, ଏକତା ଓ ସମ୍ମାନ ଉପରେ ଅନେକ ପ୍ରେରଣାଦାୟକ ଅଭିଭାଷଣ ହୋଇଥିଲା।ଛ ସଂଘର ଧ୍ୱଜ ଉତ୍ତୋଳନ ସହ ଅନୁଷ୍ଠାନ ଆରମ୍ଭ ହୋଇଥିଲା, ଯାହା ସାଧାରଣ ସଚିବଙ୍କ ନିର୍ଦ୍ଦେଶନାରେ ଚାଲିଥିଲା । ଅନ୍ତିମରେ ସୁରେଶ ତ୍ରିପାଠୀ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ଉପସଂହାର କରିଥିଲେ ।

ଫୁଲଟାରେ ପୁଣି ବୋମାମାଡ଼
ଦୁଇ ପ୍ଲାଟୁନ ପୋଲିସ ମୁତୟନ, ବୋମା ଜବତ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମ ପୁଣିଥରେ ଅଶାନ୍ତ ହୋଇ ଉଠିଛି । ଶୁକ୍ରବାର ରାତ୍ର ସେଠାରେ ଘନଘନ ବୋମାମାଡ ହୋଇଛିଛି ଏଥିରେ କେହି ଆହତ ହୋଇନଥିବା ବେଳେ ଗାଁ'ରେ ଆତଙ୍କର ଖେଳାଇଛନ୍ତି ଅପରାଧୀ ଗୋଷ୍ଠୀ । କାମରେ ଆସୁନି ଶାନ୍ତି କମିଟି ଠୁ ଦୁଇ ଅପରାଧୀ ଗୋଷ୍ଠୀ ମଧ୍ୟରେ ବହୁବର୍ଷ ହେଲା ଚକପଞ୍ଝା ଲାଗିରହିଛି। ଗୋଟିଏ ପଟେ କୋଠ ହିସାବ ଓ ଅନ୍ୟପଟେ ପତିଆରାକୁ କେନ୍ଦ୍ର କରି ଗ୍ରାମର ପୂର୍ବ ସାହି ଓ ବେଣୁସାହି ଆଦି ଦୁଇ ସାହି ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଛି । ଉଭୟଙ୍କ ଗୋଷ୍ଠୀର ସଦସ୍ୟମାନେ ଫୁଲଟା ଗ୍ରାମରେ ଏକାଥର ବୋମାମାଡ କରିଥିବା ବେଳେ ଶୁକ୍ରବାର ରାତି ୧୦ଟା ବେଳେ ଉକ୍ତ ଗ୍ରାମରେ ଘନଘନ ବୋମାମାଡ଼ ହୋଇଥିଲା। ଆଗକୁ ଯେପରି ଗ୍ରାମରେ ଅପ୍ରିତିକର ପରିସ୍ଥିତି ନହୁଏ ସେଥିପାଇଁ ଗ୍ରାମରେ ଦୁଇ ପ୍ଲାଟୁନ ପୁଲିସ ମୁତୟନ ରହିଥିବା ଥାନା ଅଧିକାରୀ କୃଷ୍ଣ ସାହୁ ସୂଚନା ଦେଇଛନ୍ତି । ପୋଲିସ ନିଜ ଆଡୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ସେ କହିଛନ୍ତି ।

ଘଟଣାରୁ ପ୍ରକାଶ ଯେ, ଫୁଲଟାରେ ବୋମାମାଡ ପରେ ପୋଲିସ ସେଠାରେ ପହଞ୍ଚିଥିଲା । ହେଲେ ଘଟଣାକୁ ନେଇ ଗ୍ରାମର କେହିବି ଲୋକ ମୁହଁ ଖୋଲୁନାହାନ୍ତି । ନକଟରେ ଜାମିନରେ ଆସିଥିବା ଦୁଇ ଅପରାଧି ଗୋଷ୍ଠୀ କିଛିଦିନ ହେଲା ଗାଁ'ରେ ମୁହାଁମୁହିଁ ହେବା ଝଗଡା କରୁଥିଲେ । ହେଲେ କେହିବି ଏନେଇ ଥାନାରେ ଅଭିଯୋଗ କରୁନଥିଲେ ।ଶୁକ୍ରବାର ରାତ୍ର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠି ନିଜର ପତିଆରା ଜାହିର କରିବା ପାଇଁ ଏହି କାଣ୍ଡ ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି । ଏଥିରେ ଯେଉଁମାନଙ୍କର ସମ୍ପୃକ୍ତି ଥିବା ଜଣାପଡିବ ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି ।

ମାଟ୍ରିକ ପରୀକ୍ଷାରେ ପ୍ରିନ୍ସ ପବ୍ଲିକ ସ୍କୁଲର ଅପୂର୍ବ ସଫଳତା

ବାରିପଦା, (ସବ୍ୟୁ) : ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ବାରିପଦା ସହର ପାଲବଣୀ ଉପକଣ୍ଠ ଦେବେନ୍ଦ୍ରପୁର ଅଞ୍ଚଳରେ ଅବସ୍ଥିତ ପ୍ରିନ୍ସ ପବ୍ଲିକ ସ୍କୁଲର ୪୦ଜଣ ପିଲା ବାଜିମାତ କରିଛନ୍ତି । ସୂଚନା ଅନୁଯାୟୀ ଶୁକ୍ରବାର ଅପରାହ୍ନ ୪ ଟା ସମୟରେ ଓଡ଼ିଶା ମ୍ୟାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହା ପିଲାଙ୍କ ମଧ୍ୟରେ ଯେତିକି ଉତ୍ସୁକତା ଥିଲା ସେତିକି ଭୟ ମଧ୍ୟ ଥିଲା ଆଜି ତାହାର ଅନ୍ତ ଘଟିଛି । ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ୨ ଜଣ ଛାତ୍ରଛାତ୍ରୀ ଏ-୧ ଗ୍ରେଡ଼ରେ ପାସ କରିଛନ୍ତି । ୧୮ଜଣ ଛାତ୍ରଛାତ୍ରୀ ୮୦ପ୍ରତିଶତରୁ ଅଧିକ ରଖିଥିବା ବେଳେ ଅବଶିଷ୍ଟ ଛାତ୍ରଛାତ୍ରୀ ୭୦% ରୁ ଅଧି ନମ୍ବର ରଖି ସଫଳତା ପାଇଛନ୍ତି । ଛାତ୍ର ପ୍ରମିତ ନାରାୟଣ ବେହେରା ୯୨% ନମ୍ବର ରଖି ସ୍କୁଲ ଟପର ହୋଇଛନ୍ତି ।

ସେହିପରି ୯୦ ପ୍ରତିଶତ ନମ୍ବର ରଖି ଗାୟତ୍ରୀ ଭଦ୍ରା ଦ୍ୱିତୀୟ ସ୍ଥାନ ଓ ୮୭ ପ୍ରତିଶତ ନମ୍ବର ରଖି ମୌସୁମ ପ୍ରଭାତ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ନିମନ୍ତେ ବିଦ୍ୟାଳୟର ପରିଚାଳନା ସମିତି, ପ୍ରଧାନ ଶିକ୍ଷକ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ମାଟ୍ରିକ୍ ଫଳ: ବୁଗୁଡ଼ା ବ୍ଲକରେ ୭ଜଣ ଏ-୧, ପୁନମଙ୍କୁ ମିଳିଛି ୫୬୫

ବୁଗୁଡ଼ା ,(ସବ୍ୟୁ) : ମ୍ୟାଟ୍ରିକ୍ ପରୀକ୍ଷା ଫଳକୁ ନେଇ ବୁଗୁଡ଼ା ବ୍ଲକର ଛାତ୍ରଛାତ୍ରୀ ଉତ୍ସାହିତ ଥିବା ଜଣାପଡ଼ିଛି। ଏଥର ବୁଗୁଡ଼ା ବ୍ଲକଅନ୍ତର୍ଗତ ୨୭ଟି ହାଇସ୍କୁଲ ମଧ୍ୟରୁ ୩ଟି ହାଇସ୍କୁଲର ୭ ଜଣ ଛାତ୍ରଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବୁଗୁଡା ବ୍ଲକର ବିରଞ୍ଚିପୁର ଗ୍ରାମସ୍ଥ ଶ୍ରୀ ରାଧାକୃଷ୍ଣ ହାଇସ୍କୁଲର ମେଧାବୀ ଛାତ୍ରୀ ପୁନମ୍ ପ୍ରଧାନ ସର୍ବାଧିକ ୫୬୫ ମାର୍କ ପ୍ରାପ୍ତ କରି ବୁଗୁଡ଼ା ବ୍ଲକ ଟପ୍ପର ରୂପେ ବିବେଚିତ ହୋଇଛନ୍ତି । ସେହିପରି ସେହି ରାଧାକୃଷ୍ଣ ହାଇସ୍କୁଲର ଛାତ୍ର ଟି.କିର୍ତ୍ତୀମାନ ପାତ୍ର ୫୬୧, ଛାତ୍ରୀ ଯୁଗରୂପା ଯୁଗାନ୍ତିକା ସାହୁ ୫୪୯ ଓ ଛାତ୍ରୀ ଶୁଭସ୍ମିତା ଗୌଡ ୫୪୦ ମାର୍କ ଏବଂ ସୋରଡ ହାଇସ୍କୁଲର ଛାତ୍ରୀ ଇ.ଶୁଭଶ୍ରୀ ରାଓ ୫୫୬ ମାର୍କ, ମାଣିତରା ହାଇସ୍କୁଲର ଛାତ୍ରୀ ସୋନାଲି ସାହୁ ୫୫୪ ଓ ପି.ଶ୍ରଦ୍ଧାଶ୍ରୀ ପାତ୍ର ୫୪୨ ମାର୍କ ହାସଲ ପୂର୍ବକ ଏ-୧ରେ ଉତ୍ତୀର୍ଣ ହୋଇ ସ୍ୱ ସ୍ୱ ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି । ତେବେ ଛାତ୍ରୀ ପୁନମ୍ ପ୍ରଧାନ ସର୍ବାଧିକ ୯୪.୧୬ ପ୍ରତିଶତ ନମ୍ବର ରଖି ବୁଗୁଡ଼ା ବ୍ଲକ ଟପ୍ପର ହୋଇଥିବାରୁ ସେ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛନ୍ତି । ପ୍ରକାଶ ଯୋଗ୍ୟ ଯେ ,ଚଳିତ ବର୍ଷ ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯାଳୟ ଅଧିନସ୍ଥ ୧୦ଟି କେନ୍ଦ୍ରରେ ମୋଟ ୧୭୪୩ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିଲେ ।

ମୟୂରଭଞ୍ଜ ଜିଲ୍ଲାପରିଷଦର ଅଷ୍ଟମ ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପରିଷଦର ୮ମ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାନ୍ୟବର ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦାଃ, ବଡସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳୀ ମୁର୍ମୁ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ପ୍ରମୁଖଙ୍କ ସମେତ ଜିଲ୍ଲାପରିଷଦର ସଦସ୍ୟ/ସଦସ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭିନ୍ନ ସରକାରୀ ବିଭାଗ ର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ଜିଲ୍ଲାରେ ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟକାରି କରାଯାଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ବିଭାଗୀୟ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ଗୁଡିକ ଆଗେଇ ନେବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇ ବୈଠକ ପରିଚାଳନା କରିଥିଲେ । ସଭା କାର୍ଯ୍ୟ ଆରମ୍ଭରେ କାଶ୍ମୀରର ପହେଲଗାମ ଠାରେ ଆତଙ୍କୀ ହମଲାରେ ନିହତ ହୋଇଥିବା ବ୍ୟକ୍ତି ତଥା ସେମାନଙ୍କ ଶୋକସନ୍ତପ୍ତ ପରିବାରଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହିତ ନିହତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହିତ ଆଦିବାସୀ ବହୁଳ ଜିଲ୍ଲାରେ ବାଲ୍ୟ ବିବାହକୁ ସାମୂହିକ ପ୍ରୟାସରେ ସମ୍ପୂର୍ଣ୍ଣ ବିଲୋପ କରିବା ଉଦ୍ଦେଶ୍ୟରେ ଅଧ୍ୟକ୍ଷା ଶ୍ରୀମତୀ ହାଁସଦାଃ ଉପସ୍ଥିତ ଥିବା ସମସ୍ତଙ୍କୁ ଏକ ଶପଥ ପାଠ କରାଇଥିଲେ। ମାନ୍ୟବର ମନ୍ତ୍ରୀ ତା'ଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜିଲ୍ଲାରେ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକାରି ହେଉଥିବା ଜନକଲ୍ୟାଣ ଯୋଜନାରେ କୌଣସି ଜଣେବି ଯୋଗ୍ୟ ହିତାଧିକାରୀ ଯେମିତି ଯୋଜନାରୁ ବଂଚିତ ନହୁଅନ୍ତି ସେଥିପ୍ରତି ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ପରିଷଦ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମେ ଗତ ଜିଲ୍ଲା ପରିଷଦ ବୈଠକରେ ସଭ୍ୟସଭ୍ୟା ମାନଙ୍କ ଦ୍ୱାରା ଉତଥାପିତ ଆପତ୍ତି ଅଭିଯୋଗ ଓ ପ୍ରସ୍ତାବ ଆଦି ବିଷୟ କ୍ରମରେ ସମ୍ପୃକ୍ତ ବିଭାଗ ଅଧିକାରୀ ମାନଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଅନୁପାଳନ ବିବରଣୀ ଉପରେ ସମୀକ୍ଷା ମୂଳକ ଆଲୋଚନା ପୂର୍ବକ ଦୃଢ଼ୀକରଣ କରାଯାଇଥିଲା । ତତ୍ପରେ ବୈଠକରେ ବିଶେଷ କରି ସ୍ୱାସ୍ଥ୍ୟ, ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ ତଥା ବୟୋ ବନ୍ଦନ ଯୋଜନାରେ ଚିହ୍ନଟି କରଣ ସ୍ଥିତି, ସାଧାରଣ ବଣ୍ଟନ, ରାସନ କାର୍ଡ ବଣ୍ଟନ, କୃଷି, ଉଦ୍ୟାନ, ଶିକ୍ଷା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ବିଦ୍ୟୁତ୍, ଗ୍ରାମ୍ୟ ସଡ଼କ ଯୋଜନା, କୃଷି, ଉଦ୍ୟାନ କୃଷି, ସମନ୍ୱିତ ଆଦିବାସୀ କଲ୍ୟାଣ, ସେରିକାଲଚର, ଜିଲ୍ଲା ମଙ୍ଗଳ, ଆଦି ବିଭିନ୍ନ ବିଭାଗ ଯୋଜନା ଅନ୍ତର୍ଗତ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଆଲୋଚନା ପ୍ରସଙ୍ଗ କ୍ରମରେ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ପଂଚାୟତ ସମିତି ଅଧ୍ୟକ୍ଷ-ଅଧ୍ୟକ୍ଷା ମାନଙ୍କ ଦ୍ୱାରା ଗୃହରେ ଉପସ୍ଥାପିତ ଆପତ୍ତି ଅଭିଯୋଗ ତଥା ଗଠନ ମୂଳକ ପ୍ରସ୍ତାବ ଉପରେ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅବଗତ କରିଥିଲେ । ମାନ୍ୟବର ବିଧାୟକ ସନାତନ ବିଜୁଳି ଡିଏମଏଫ ଟ୍ରଷ୍ଟ ବୋର୍ଡ ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ। ଅନ୍ୟାନ୍ୟ କିଛି ଆପତ୍ତି ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରି କ୍ଷେତ୍ର ପରିଦର୍ଶନ ପୂର୍ବକ ତଥ୍ୟ ଆହୋରଣ କରି ଆବଶ୍ୟକ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରିଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଠଣାପଲ୍ଲୀ-ନାଗିରି ରାସ୍ତାର ଅବସ୍ଥା ଶୋଚନୀୟ

ବୁଗୁଡ଼ା ,(ସବ୍ୟୁ): ବୁଗୁଡା ବ୍ଲକ ମୋଟାବାଡି ପଞ୍ଚାୟତ ଅନ୍ତର୍ଗତ ଠଣାପଲ୍ଲୀ - ନାଗିରି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଅନେକ ସ୍ଥାନରେ ପାଣି ଜମି ରହୁଛି। ଫଳରେ ଲୋକଙ୍କ ଯାତାୟାତରେ ଘୋର ଅସୁବିଧା ହେଉଛି। ପୂର୍ବରୁ ସେହି ରାସ୍ତାଟି ଲଟାବୁଦା ମାଡିଯାଇ ସଂକୀର୍ଣ୍ଣ ଓ ଶୋଚନୀୟ ଅବସ୍ଥାରେ ରହିଥିଲା। ଠାଏଁ ଠାଏଁ ଖାଲଖମା ଯୋଗୁଁ ପଦଚାରୀ ଏବଂ ଯାନବାହାନ ଚଳାଚଳରେ ସମସ୍ୟା ସୃଷ୍ଟି କରୁଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ମୋରମ ପକାଯାଇ ରାସ୍ତାର ପ୍ରଶସ୍ତୀକରଣ ସହ ମରାମତି ପରେ ଅବସ୍ଥାରେ ସୁଧାର ଆସିଥିଲା । ଲୋକଙ୍କ ଯାତାୟାତରେ ସୁବିଧାଜନକ ହୋଇପାରିଥିଲା।ତେବେ ସମ୍ପ୍ରତି ବର୍ଷା ହେଲେ ରାସ୍ତାର ଅନେକ ଜାଗାରେ ପାଣି ଜମି ରହୁଥିବାରୁ ଲୋକଙ୍କ ଯାତାୟାତରେ ନାହିଁ ନଥିବା ଅସୁବିଧା ହେଉଛି। ଏଣୁ, ରାସ୍ତାର ମରାମତି ଦିଗରେ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ଡ୍ରପ ଆଉଟ୍ ରୋକିବାକୁ ଅଣ୍ଟା ଭିଡିଲେ ସରକାର: ଘରକୁଘର ବୁଲି ହେଉଛି ସର୍ଭେ

ଛତ୍ରପୁର, (ସବ୍ୟୁ): ରାଜ୍ୟରେ ଡ୍ରପ ଆଉଟ ଏକ ବଡ ସମସ୍ୟା ସୃଷ୍ଟି କରିଛି । ଡ୍ରପ ଆଉଟ ରୋକିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ଏନେଇ ଅପ୍ରେଲ ୩୦ ରୁ ମେ ୫ ତାରିଖ ପର୍ଯ୍ୟନ୍ତ କରାଯାଉଛି ଡ୍ରପ ଆଉଟ ସର୍ଭେ । ଘରକୁ ଘର ବୁଲି ଶିକ୍ଷକ/ଶିକ୍ଷୟତ୍ରୀ ମାନେ କରୁଛନ୍ତି ଏହି ସର୍ଭେ । ଶୂନରୁ ୧୮ ବର୍ଷର ପିଲାଙ୍କ ତଥ୍ୟ ସଂଗ୍ରହ କରାଯାଉଛି । ଅଧା ପାଠ ଛାଡିଥିବା ପିଲାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। କେଉଁ ଅଚଂଳରେ କେତେ ପିଲା ଅଧାରୁ ପାଠ ଛାଡିଛନ୍ତି ତାହାର ଏକ ତାଲିକା ପ୍ରସ୍ତୁତ କରାଯାଉଛି । ସର୍ଭେ କରିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ଆସିଥିଲା । ଗଞ୍ଜାମ ଜିଲାରେ ୯୩୫ ଜଣ ପିଲା ଡ୍ରପ ଆଉଟ ହୋଇଥିବା ସୂଚନା ମିଳିଛି । ଏପରିକି ଜିଲାରେ କିପରି ଡ୍ରପ ଆଉଟ ସର୍ଭେ କାମ ଚାଲିଛି ସେନେଇ ଏହାର ତଦାରଖ କରିବା ନେଇ ଓସେପା ଯୁଗ୍ମ ନିର୍ଦ୍ଦେଶିକା ତଥା ଗଞ୍ଜାମ ଜିଲାର ନୋଡାଲ ଅଫିସର ଅମିତା ପଟ୍ଟନାୟକ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ସର୍ଭେ କାର୍ଯ୍ୟ ତଦାରଖ କରିଥିଲେ । ଖଲ୍ଲିକୋଟ, ରମ୍ଭା ପରେ ଛତ୍ରପୁର ଆସି ନିଜେ ମଧ୍ୟ କିଛି ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିଥିଲେ । କେଉଁ କାରଣ ପାଇଁ ପିଲାମାନେ ପାଠ ପଢାଅଧାରୁ ଛାଡୁଛନ୍ତି, କିପରି ଡ୍ରପ ଆଉଟ ପିଲା ଚିହ୍ନଟ ହୋଇ ସ୍କୁଲ ଫେରିବେ ଏହି ସର୍ଭେର ଉଦେଶ୍ୟ । ପରେ ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ । ପରେ ଡିପିସି କାର୍ଯ୍ୟାଳୟ ସମିଳନୀ କକ୍ଷରେ ଜିଲାର ଶିକ୍ଷା ସମ୍ବନ୍ଧୀୟ ସମିକ୍ଷା କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲା ଶିଖାଧିକାରୀ ଏସ. ଧନଞ୍ଜୟ, ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ସୁଜିତ କୁମାର ପାଢ଼ୀ, ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ଲକ ଶିକ୍ଷାଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ବାରିପଦା ସ୍ଥିତ ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ନହରପଦା କ୍ଲଷ୍ଟର ତରଫରୁ ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କ୍ଲଷ୍ଟର ର ସିଆରସିସି କନକଲତା ମାଝୀଙ୍କ ପୌରହିତରେ ଅତିଥି ରୂପେ ଏବିଇଓ ବ୍ରଜମୋହନ ମୁର୍ମୁ, ଏବିଇଓ ତପସ୍ୱିନୀ ଦାଶ,ଏବିଇଓ ଡଃ ସ୍ନେହଲତା ନାୟକ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅର୍ଚ୍ଚନା ବେହେରା । ଉକ୍ତ କ୍ଲଷ୍ଟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ପ୍ରମୁଖ ଯୋଗଦେଇ ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନଙ୍କ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପ୍ରତି ସ୍ନେହଭାବ, କର୍ତ୍ତବ୍ୟ ପରାୟଣ, ସମୟାନୁବର୍ତ୍ତିତା ଆଦି ଗୁଣଗାନ କରିଥିଲେ । ପରିଶେଷରେ ଉପଢୌକନ, ପୁଷ୍ପଗୁଚ୍ଛ, ହ୍ୟାଣ୍ଡ ବ୍ୟାଗ ପ୍ରଦାନ ପୂର୍ବକ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅତିଥି ପରିଚୟ ଶିକ୍ଷୟତ୍ରୀ ରତନା ବାନାର୍ଜୀ, ସଭାକାର୍ଯ୍ୟକ୍ରମ ପରିଚାଳନା ଶିକ୍ଷକ ସୁବୋଦ କୁମାର ଦାସ, ଧନ୍ୟବାଦ ଅର୍ପଣ ଶିକ୍ଷକ ମନୋଜ ପରିଡା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନହରପଦା କ୍ଲଷ୍ଟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ ।

ଶ୍ରୀ ରାଧାକୃଷ୍ଣ ହାଇସ୍କୁଲର ଏ-୧ ଛାତ୍ରଛାତ୍ରୀ ପୁରସ୍କୃତ

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ବିରଞ୍ଚିପୁର ଗ୍ରାମସ୍ଥ ଶ୍ରୀ ରାଧାକୃଷ୍ଣ ହାଇସ୍କୁଲ ପକ୍ଷରୁ ସ୍ୱପରିସରରେ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିରଞ୍ଚିପୁର କ୍ଲଷ୍ଟର ସିଆରସିସି ଦେବଦତ୍ତ ମହାନ୍ତି ଓ ମାଣିତରା କ୍ଲଷ୍ଟର ସିଆରସିସି ଶଶୀକାନ୍ତ ପାତ୍ର ଯୋଗ ଦେଇ କୃତି ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ ।

ଏହି ଅବସରରେ ବୁଗୁଡା ବ୍ଲକ ଟପ୍ପର ଛାତ୍ରୀ ପୁନମ ପ୍ରଧାନ (୫୬୫)ଙ୍କ ସମେତ ଛାତ୍ର ଟି.କିର୍ତ୍ତୀମାନ ପାତ୍ର (୫୬୧),ଛାତ୍ରୀ ଯୁଗରୂପା ଯୁଗାନ୍ତିକା ସାହୁ (୫୪୯) ଓ ଶୁଭସ୍ମିତା ଗୌଡ (୫୪୦)ଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜ୍ଞାପନ ସହ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା ।ଏଥି ସହ ୧ ମାର୍କ ପାଇଁ ଏ-୧ରୁ ବଞ୍ଚିତ ହୋଇଥିବା ବିଦ୍ୟାଳୟର ଅନ୍ୟତମ ମେଧାବୀ ଛାତ୍ର ରିତେଶ କୁମାର ପଣ୍ଡା (୫୩୯)ଙ୍କୁ ମଧ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ କ୍ରୀଡା ଶିକ୍ଷକ ଆଦିତ୍ୟ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ସହକାରୀ ଶିକ୍ଷକ ଅରୁଣ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଏଥିରେ କୃତି ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହିଥିଲେ ।

୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା: ସରସ୍ୱତୀ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗରର
କ୍ରମାଗତ ୩୩ ବର୍ଷ ଧରି ଶତପ୍ରତିଶତ ସଫଳତା

ବ୍ରହ୍ମପୁର , (ସବ୍ୟୁ) : ଶୁକ୍ରବାର ପ୍ରକାଶିତ ହୋଇଥିବା ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି । ଗତ ୩୩ ବର୍ଷ ଧରି ୧୦୦% ସଫଳତା ହାସଲ କରିଆସୁଥିବା ଏହି ବିଦ୍ୟାଳୟର ଚଳିତ ବର୍ଷ ମୋଟ ୩୬୩ ଜଣ ଛାତ୍ର/ଛାତ୍ରୀମାନେ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥିଲେ ।

ଉତ୍ତିର୍ଣ୍ଣ ହୋଇଥିବା ମୋଟ ୩୬୩ ଛାତ୍ର/ଛାତ୍ରୀଙ୍କ ମଧ୍ୟରୁ ଏ-୧ ଅର୍ଥାତ୍ ୯୦%ରୁ ଉର୍ଦ୍ଧ୍ୱରେ ୭୬ ଜଣ, ଏ-୨ ଅର୍ଥାତ୍ ୮୦%ରୁ ଉର୍ଦ୍ଧ୍ୱରେ ୧୩୩ ଜଣ, ଏବଂ ବି-୧ ଅର୍ଥାତ୍ ୭୦%ରୁ ଉର୍ଦ୍ଧ୍ୱରେ ୯୪ ଜଣ, ଉତ୍ତୀର୍ଣ୍ଣ ହୋଇ ସାରା ରାଜ୍ୟରେ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି । ସେଥିମଧ୍ୟରୁ ପ୍ରଥମ ସ୍ଥାନରେ ମିଳିତ ଭାବରେ ଅର୍ପିତା ଆଚାର୍ଯ୍ୟ ଓ ଆଶୁତୋଷ ସେଠୀ ମୋଟ ୫୮୨ ମାର୍କ (୯୭%), ଦ୍ୱିତୀୟ ସ୍ଥାନରେ ପ୍ରତ୍ୟୁଷ କୁମାର ନାୟକ ୫୭୬ ମାର୍କ (୯୬%), ତୃତୀୟ ସ୍ଥାନରେ ପ୍ରୀୟ ରଞ୍ଜନ ପଣ୍ଡା ୫୭୫ ମାର୍କ (୯୫.୮୩%). ଚତୁର୍ଥ ସ୍ଥାନରେ ଆକାଂକ୍ଷା ଜେନା ମୋଟ ୫୭୧ ମାର୍କ (୯୫.୧୭%), ପଞ୍ଚମ ସ୍ଥାନରେ ମିଳିତ ଭାବେ ପ୍ରୀତିରାଣି ଭୂୟାଁ ଓ ବିଶ୍ୱଜିତ ପାତ୍ର ମୋଟ ୫୭୦ ମାର୍କ (୯୫%), ଷଷ୍ଠ ସ୍ଥାନରେ ଆୟୁଶକାନ୍ତ ରଥ ମୋଟ ୫୬୯ ମାର୍କ (୯୪.୮୩%), ସପ୍ତମ ସ୍ଥାନରେ ମିଳିତ ଭାବେ ରାକେଶ କୁମାର ସେଠୀ ଓ ଖୁସୁବୁ ରାଣୀ ସାହୁ ମୋଟ ୫୬୮ ମାର୍କ (୯୪.୬୭%), ଅଷ୍ଟମ ସ୍ଥାନରେ ମିଳିତ ଭାବେ ଶୁଭମ ସାହୁ, ଆଶୁତୋଷ ପାତ୍ର, ପ୍ରଜାପତି ସାହୁ, ଶୁଭ୍ରଜିତ ପୃଷ୍ଟି, ଶୌମ୍ୟ ରଞ୍ଜନ ପାଣିଗ୍ରହୀ, ଶୁଭଙ୍କର ଦାସ ଓ ଆଶୁତୋଷ ପାତ୍ର ମୋଟ ୫୬୫ ମାର୍କ (୯୪.୧୭%), ନବମ ସ୍ଥାନରେ ବିଶ୍ୱ ରଞ୍ଜନ ସାମନ୍ତରାୟ ମୋଟ ୫୬୪ ମାର୍କ (୯୪%) ଓ ଦଶମ ସ୍ଥାନରେ ପ୍ରତିକ୍ଷା ମହାରଣା ମୋଟ ୫୬୩ ମାର୍କ (୯୩.୮୩%) ରଖି ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ ସହ ରାଜ୍ୟସ୍ତରରେ ବିରଳ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଶିଶୁମାନଙ୍କର ଏହି ଅଭୂତପୂର୍ବ ସଫଳତା ପାଇଁ ପରିଚାଳନା ସମିତିର ସଭାପତି ଶ୍ରୀ ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ଶ୍ରୀ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ଶ୍ରୀ ନିଳକଣ୍ଠ ସାହୁ, କୋଷାଧକ୍ଷ ଶ୍ରୀ ସୋମନାଥ ନନ୍ଦ, ସଦସ୍ୟା ଶ୍ରୀମତି ପ୍ରଣତି ସାମଲ ଓ ବାସନ୍ତି ବେହେରା ଉପଦେଷ୍ଟା ଡ.ଶ୍ରୀକାନ୍ତ ମହାପାତ୍ର, ଡ. ହରିକୃଷ୍ଣ ନାୟକ, ଶ୍ରୀମତୀ ମମତା ପାଣିଗ୍ରାହୀ, ଶ୍ରୀ ଧର୍ମରାଜ ସାହୁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶ୍ରୀ ନରସିଂହ ଚୌଧୁରୀ, ଶ୍ରୀ ସୁଦର୍ଶନ ପାଢ଼ୀ, ବି.ଗଜପତି ରାଓ ଓ ଶ୍ରୀ ହରିକୃଷ୍ଣ ପାଢ଼ୀ, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସୁରେଶ କୁମାର ଆଚାର୍ଯ୍ୟ ଏବଂ ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଶ୍ରୀ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ସମସ୍ତ ଅଭିଭାବକଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

ଭଜହରି ବିଦ୍ୟାପୀଠର ଶତ ପ୍ରତିଶତ ସଫଳତା

ସୋର, (ସବ୍ୟୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି।ଏଥିରେ ଭଜହରି ବିଦ୍ୟାପୀଠ ଦହିପୁର-ନୁଆପୁର୍ ର ଫଳାଫଳ ଶତ ପ୍ରତିଶତ (୧୦୦%) ହୋଇଛି। ଏହି ବିଦ୍ୟାପୀଠ ଲଗାତାର ୭ବର୍ଷ ଧରି ଏଠାକାର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି।ଚଳିତ ବର୍ଷ ସ୍କୁଲର ୬୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେଛ ସେମାନଙ୍କ ମଧ୍ୟରୁ ୧୯ ଛାତ୍ରଛାତ୍ରୀ ୬୦ପ୍ରତିଶତ ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ପ୍ରତିଶତ ନମ୍ବର ରଖି ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭଜହରି ବିଦ୍ୟାପୀଠର ଛାତ୍ର ନୟନ କୁମାର ପଣ୍ଡା ସର୍ବାଧିକ ୫୬୪ ନମ୍ବର ରଖି ଏ-୧ ହାସଲ କରି ସ୍କୁଲ୍ ଟପର ହେବା ସଂଗେସଂଗେ ସୋର ବ୍ଲକ୍ ରେ ମଧ୍ୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ODISHA GRAMEEN BANK
INFORMATION TECHNOLOGY DEPARTMENT, HEAD OFFICE, GANDAMUNDA, P.O.: KHANDAGIRI, BHUBANESWAR-751030 (ODISHA)

Odisha Grameen Bank invites GEM bid no. **GEM/2025/B/6172800** application for Selection of Service provider for Re-designing of Bank's website and intranet site for Odisha Grameen Bank. For details and application format please visit Bank's website: **www.odishabank.in**

GENERAL MANAGER

DISTRICT PROJECT OFFICE, SAMAGRA SHIKHYA, GAJAPATI
No. 1259/Ped/25 Date : 02.05.25

TENDER CALL NOTICE FOR SUPPLY OF TEACHING LEARNING MATERIALS (TLM)

n-27 : Sealed tenders under two bid systems are invited from the reputed agency/supplier/manufacturer having valid PAN, GST & IT clearance,registration of firm etc for supply of Teaching Learning Materials (Drawing Book.Crayons, Pencil, Slate etc.) for Sishu vatika to Class-III) for the year 2025-26. The tender papers (biddocuments) containing detailed specification with terms and conditions,application of Technical Bid & application of Financial Bid can be obtained by downloading form the web site i.e. www.qaiapati.odisha.qov.in and www.osepa.odisha.qov.in. The bidders are required to submit demand Draftof Rs. 2000/- (Rupees Two thousand only) drawn in favour of Dist. Project Coordinator, SS, GAJAPATI, towards cost of tender paper along with the application of technical bid.The last date and time for receiving of tender paper is on Dt 16.05.2025 at 11.00 A.M and will be opened on the same day at 11.30 A.M in the office of the District Education Office, Paralakhemundi, GAJAPATI in presence of Tenderers' or their authorized representatives. Corrigendum/addendum if required will be uploaded in the above web site. Hence potential bidders are requested to go through with the above web site. The authority reserves the right to reject any or all the tenders without assigning any reasons thereof.

By the order of Collector, Gajapati
Sd/- District Education Officer-cum-DPC
Samagra Shiksha Gajapati

OIPR : 27116/11/0003/2526

Government of Odisha
Information & Public Relations Department
Lok Sampark Bhawan, Bhubaneswar

No. 7648 / I&PR, Bhubaneswar, Dated : 3.5.2025
Z : (IPR-PM-MISC-0038-2025

Quotation for designing and printing of Booklets, Brochures, Leaflets, News paper art work, Adaptation charges for hoarding art work of I&PR Deptt.

1. **Director, I&PR Department,** Govt, of Odisha (The Client) invite sealed quotations from the reputed registered firms for designing and printing of Booklets, Brochures, Leaflets, News paper art work, Adaptation charges for hoarding art work.
2. Detailed about scope of work eligibility requirements and other details may be seen from the website of I&PR Department **www.inpr.odisha.ROv.in/website** of Odisha Govt. **http://www.odisha.gov.in**.The detail document may be downloaded from the said website of I&PR Department/ website of Govt. Odisha.
3. Last date for receipt of sealed quotations on **dtd. 13.05.2025 at 05.00 PM.** 4. Date for opening of sealed quotations on **dtd. 14.05.2025 at 11.00 AM** in the Office .of the **Director, I&PR, Lok Sampark Bhawan, Unit-V, Bhubaneswar Pin- 751001.**

OIPR : 15001/11/0635/2526

ଦର୍ଶକଙ୍କ ମନମୋହିଲା ରୂପାନ୍ତର
ପ୍ରଯୋଜିତ ନାଟକ 'ଅପଦାର୍ଥ'

ବାରିପଦା, (ସବ୍ୟୁ) : ସ୍ଥାନିୟ ସହୀଦ୍ ସ୍ମୃତିଭବନରେ ରୂପାନ୍ତର ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ବସନ୍ତ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ପ୍ରାରମ୍ଭରେ ଓଡିଶାର ପ୍ରତିଷ୍ଠିତ ନାଟ୍ୟକାର ତଥା ମଂଚ ଅଭିନେତା ଏବଂ ନିର୍ଦ୍ଦେଶକ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ଗୀତିକାର ଦିବଂଗତ ସଂଗ୍ରାମ ମହାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ତଥା ପରେଶ ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ଅପଦାର୍ଥ' ମଞ୍ଚସ୍ଥ ହୋଇଯାଇଛି । ସହ ନିର୍ଦ୍ଦେଶନାରେ ସତ୍ୟନାରାୟଣ ଦାସ ଓ ସଂଗୀତ ନିର୍ଦ୍ଦେଶନାରେ ଗୁରୁ ନନ୍ଦକିଶୋର ଦାସ ସହଯୋଗ କରିଥିଲେ। ନାଟକରେ ସତ୍ୟ, ସପନ, ମଦନ, ରବିନ୍ଦ୍ର, ଆଲୋକ, ଦିନେଶ, ପ୍ରଦୀପ, ପିନ୍ଟୁ, ପଦ୍ମିନୀ ଏବଂ ଅପୂର୍ବା ଅଭିନୟ କରିଥିବାବେଳେ ବୈଦୁତିକ ଶବ୍ଦ ସଂଯୋଜନାରେ ଶୁଭେନ୍ଦୁ ସାହୁ, ମଂଚସଜ୍ଜାରେ ସନ୍ତୋଷ କମିଲା, ଦଳ ପରିଚାଳନାରେ ନାରାୟଣ ମଣ୍ଡଳ ଓ ମଂଚ ପରିଚାଳନାରେ ମନୋଜ କୁମାର ଜେନା ସାହାଯ୍ୟ କରିଥିଲେ । ଉକ୍ତ ଉତ୍ସବକୁ ଆନୁଷ୍ଠାନିକଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୂପାନ୍ତରର ଅଧ୍ୟକ୍ଷ ବିରେନ୍ଦ୍ର ନାଥ ସାହୁ, ଉପାଧ୍ୟକ୍ଷା ଡଃ ଦମୟନ୍ତୀ ବେଶ୍ରା, ନିର୍ଦ୍ଦେଶକ ପରେଶ ସାହୁ ଓ ନୃତ୍ୟ ନିର୍ଦ୍ଦେଶିକା ବର୍ନରୂପା ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ନାଟକଟି ଏତେ ଜୀବନ୍ତ ହୋଇଥିଲା ଯେ, ଭରପୁର ପ୍ରେକ୍ଷାଳୟରେ ଦର୍ଶକ ମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା।

ଶିଶୁ ବିଦ୍ୟାମନ୍ଦିରରେ ମେଧାବୀ ଅଭିନନ୍ଦନ ଉତ୍ସବ

ଭଞ୍ଜନଗର,(ସବ୍ୟୁ) :ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଡିହପଡାଳ ଠାରେ ମେଧାବୀ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଚଳିତ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ଼. କମ୍ବୁପାଣି ସାମନ୍ତ ଯୋଗଦେଇ ମେଧାବୀ ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ଦର୍ଶନ କରିଥିଲେ।ସମ୍ମାନିତ ଅତିଥି ଭାବେ ସମ୍ପାଦକ ଜ୍ୟୋତି ରଞ୍ଜନ ବିଷୋୟୀ,ସହ-ସମ୍ପାଦକ ଗଙ୍ଗାଧର ଦାସ,କୋଷାଧ୍ୟକ୍ଷ ଏସ୍.ଗୁପ୍ତେଶ୍ୱର ସୁବୁଦ୍ଧି, ଉପଦେଷ୍ଟା ତ୍ରିନାଥ ଗୌଡ଼ ଯୋଗ ଦେଇଥିଲେ।ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଅଙ୍କିତା ମିଶ୍ର ୫୬୦(୯୩.୩୩%), ସିଦ୍ଧି ପ୍ରଜ୍ଞା ପ୍ରଧାନ ୫୫୬(୯୨.୬୭%) ,ଅମ୍ଳାନ ତ୍ରିପାଠୀ ୫୫୬(୯୨.୬୭%) ଶ୍ରୀୟା ସମ୍ପୂର୍ଣ୍ଣା ବିଷୋୟୀ ୫୫୫(୯୨.୫୦%), ରାହୁଲ ସ୍ୱାଇଁ ୫୫୨(୯୨.୦%) ଆଦିତ୍ୟ ନାରାୟଣ ମିଶ୍ର ୫୪୯(୯୧.୫%), କ୍ରିଷ୍ଣା ପ୍ରସାଦ ମହାପାତ୍ର ୫୪୩(୯୦.୫%)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ।।କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଗୁରୁମା ସଂଗୀତା ପଟ୍ଟନାୟକ, ଅତିଥି ପରିଚୟ ଆଚାର୍ଯ୍ୟ ସୁଶାନ୍ତ କୁମାର ବେହେରା ପ୍ରଦାନ କରିଥିବା ବେଳେ କୃତଜ୍ଞତା ଜ୍ଞାପନ କରିଥିଲେ ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣ ଚନ୍ଦ୍ର ପଣ୍ଡାଛ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

ଗଞ୍ଜାମ ଜିଲ୍ଲା ପ୍ଲମ୍ବର
କାର୍ଯ୍ୟରତ ସଙ୍ଘ ବାର୍ଷିକ ଉତ୍ସବ

ବ୍ରହ୍ମପୁର, (ସବ୍ୟୁ) :ବ୍ରହ୍ମପୁର ହିଲପାଟଣାସ୍ଥିତ ବିଜୁ ପଟନାୟକ ସଂସ୍କୃତି ଭବନ ଠାରେ ଶ୍ରମିକ ଦିବସ ଅବସରରେ ଗଞ୍ଜାମ ଜିଲ୍ଲା ପ୍ଲମ୍ବର କାର୍ଯ୍ୟରତ ସଙ୍ଘ ତରଫରୁ ସଙ୍ଘର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଙ୍ଘର ସଭାପତି ସୁଧୀର କୁମାର ସାହୁ ଅଧକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ରହ୍ମପୁର ବିଧାୟକ ତଥା ବରିଷ୍ଠ ନେତା ଡ଼ଃ. ରମେଶ ଚନ୍ଦ୍ର ଚ୍ୟାଉପଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମର ମେୟର ସଙ୍ଘମିତ୍ରା ଦଳାଇ, ପୂର୍ବତନ ବିଡିଏ ଅଧକ୍ଷ ତଥା ବିଶିଷ୍ଟ ସମାଜସେବୀ ସୁବାଷ ମହାରଣା, ଲୋଚାପଡା ଗ୍ରାମ ସରପଞ୍ଚ ଏଲ. ମୋହନ ଦାସ ପ୍ରମୁଖ ମଂଚାସୀନ ରହି ଶ୍ରମିକ ଦିବସରେ ଗଞ୍ଜାମ ଜିଲ୍ଲା ପ୍ଲମ୍ବର କାର୍ଯ୍ୟରତ ସଙ୍ଘର ୧୪ତମ ବାର୍ଷିକ ଉତ୍ସବର କାର୍ଯ୍ୟ କାରିତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ପୂର୍ବତନ ସଭାପତି ତଥା ସଂଘର ବରିଷ୍ଠ ସଭ୍ୟ ବିକ୍ରମ କୁମାର ସାହୁ, ଉପ-ସଭାପତି ବି. ଅର୍ଜୁନ ପାତ୍ର, କାର୍ଯ୍ୟକାରୀ ସଭାପତି ଆନନ୍ଦ ସାହୁ, ସାଧାରଣ ସମ୍ପାଦକ ପୀତବାସ ସାମନ୍ତରା, ସହ-ସମ୍ପାଦକ ନାରାୟଣ ସାହୁ, ଯୁଗ୍ମ-ସମ୍ପାଦକ ବିଷ୍ଣୁ ଚୌଧୁରୀ, କୋଷାଧକ୍ଷ ଏ. କୃଷ୍ଣମୂର୍ତ୍ତି ପାତ୍ର, ବରିଷ୍ଠ ସଭ୍ୟ ସୁବାଷ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଚଳାଇଥିଲେଛ କାଯ୍ୟକ୍ରମ ଶେଷରେ ବହୁ ଛାତ୍ର ଓ ଛାତ୍ରୀ ମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

୧୫ ନୂତନ ଆରଆଇ ଅଫିସ୍ ଓ ଆବାସସ୍ଥଳର ଶିଳାନ୍ୟାସ କଲେ ରାଜସ୍ୱ ମନ୍ତ୍ରୀ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲା ବଡଚଣା ନିର୍ବାଚନ ମଣ୍ଡଳୀ ତଥା ଦର୍ପଣ ତହସିଲ ଅଧୀନରେ ରହିଥିବା ୧୫ଟି ରାଜସ୍ୱ ନିରିକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଓ ଆବାସ ସ୍ଥଳ ନିର୍ମାଣ ପାଇଁ ଶନିବାର ଦିନ ଶିଳାନ୍ୟାସ ହୋଇଛି! ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ବଡଚଣାର ଦର୍ପଣ ତହସିଲରେ କାର୍ଯ୍ୟରତ ୧୬ ଗୋଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ମଧ୍ୟରୁ ମାତ୍ର ଗୋଟିଏ ରାଜସ୍ୱ ନିରୀକ୍ଷକଙ୍କ ସ୍ଥାୟୀ ଗୃହ ଥିବାବେଳେ ୧୫ ଗୋଟି ନିରୀକ୍ଷକ କାର୍ଯ୍ୟାଳୟ ଅସ୍ଥାୟୀ ଗୃହରେ ଚାଲୁଥିଲା। ଏନେଇ ତହସିଲ ପକ୍ଷରୁ ସ୍ଥାୟୀ ଗୃହ ନିର୍ମାଣ ପାଇଁ ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଥିଲା। ଏଥିନେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ ରାଜସ୍ୱମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଏହି ଦାବିକୁ ଯଥାର୍ଥ ମନେକରି ସେଥିନେଇ ୧୮କୋଟି ୭୨ ଲକ୍ଷ ୭୪ହଜାର ଟଙ୍କା ମଞ୍ଜୁର କରିଥିଲେ । ବଡ଼ଚଣା ମହୋତ୍ସବ ପଡ଼ିଆରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ଅବସରରେ ଶିଳାନ୍ୟାସ ଉତ୍ସବ ଆୟୋଜିତ ହୋଇଥିଲା । ବୈରୀ,ସୋଲର,ଛତିଆ,ସମିଆ, ବନ୍ଦାଳ,ବଡଘୁମୁରି, ବାଇଶିମୌଜା, ବାଲିଚନ୍ଦ୍ରପୁର, ଗୋପାଳପୁର, ବରଦା, ବନ୍ଦରେଶ୍ୱର, ମୁଷାଟିକିରି, ଚମ୍ପାପୁର, ଖଏରା ଓ ବଡଚଣା ସହ ୧୫ ଗୋଟି ରାଜସ୍ୱ ନିରୀକ୍ଷକଙ୍କ ନୁତନ କାର୍ଯ୍ୟାଳୟ ଓ ନିବାସ ସ୍ଥଳର ଶିଳାନ୍ୟାସରେ ସ୍ଥାନ ପାଇଛି। ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରା ,ସମ୍ମାନିତ ଅତିଥିଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ,ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ,ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅବିନାଶ ବାରିକ , ନାରିନେତ୍ରୀ ଦେବଜାନୀ ପ୍ରଧାନ ,ପ୍ରମୁଖ ଯୋଗଦେଇଥିଲେ । ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ସଂଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ଚଣା ବି ଡ଼ି ଓ ରବିନ୍ଦ୍ର ପ୍ରଧାନ ,ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ, ପ୍ରମୋଦ ଜେନା ,ଲଲାଟ ମହାପାତ୍ର, ବିମଳ ପ୍ରଧାନ , ବେଣୁଧର ବିଶ୍ୱାଳ , ସମୀର ରାଉତ ,ରବୀନ୍ଦ୍ର ରାଉତ ,ପ୍ରୀତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

କଟକ ରିଙ୍ଗରୋଡ଼ ସମ୍ପ୍ରସାରଣ କାର୍ଯ୍ୟ ସମୟରେ ଘଟିଥିବା ଦୁର୍ଘଟଣା

ତଦନ୍ତ କରିବ ୩ ଜଣିଆ ବୈଷୟିକ କମିଟି

ଭୁବନେଶ୍ୱର (ସବ୍ୟୁ) : କଟକ ରିଙ୍ଗରୋଡ଼ ସଂପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଘଟିଥିବା ଦୁଃଖଦ ଦୁର୍ଘଟଣାରେ ଦୁଇଜଣ ଯନ୍ତ୍ରୀଙ୍କ ସମେତ ତିନି ଜଣଙ୍କର ପ୍ରାଣ ହାନି ଘଟିଛି ଏବଂ ଦୁଇଜଣ ଆହତ ହୋଇ ଏସ ସି ବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁମ୍ବାଇରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଥିବାବେଳେ ଏହି ଘଟଣା ସମ୍ପର୍କରେ ଜାଣିବା ପରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଅତି ଗୁରୁତର ସହ ଗ୍ରହଣ କରିବା ସହ ଏପରି ଘଟଣା କାହିଁକି ଏବଂ କେଉଁ ପରିସ୍ଥିତରେ ଘଟିଲା ସେ ସମ୍ପର୍କରେ ଏକ ବୈଷୟିକ କମିଟି ଦ୍ୱାରା ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୂର୍ତ୍ତ ବିଭାଗ ଏଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ନେତୃତ୍ୱ ରେ ମୁଖ୍ୟଯନ୍ତ୍ରୀ ରାସ୍ତା –୨ ଏବଂ ଏ ଡି ଏମ (ଜେନେରାଲ) କଟକଙ୍କୁ ନେଇ ଏକ ତିନି ଜଣିଆ ବୈଷୟିକ କମିଟି ଗଠନ କରି ଆସନ୍ତା କାଲିଠାରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଆସନ୍ତା ୧୫ ଦିନ ମଧ୍ୟରେ ଏହାର କାରଣ ଓ ଦାୟୀ ଥିବା ବ୍ୟକ୍ତିଙ୍କ ବାବଦରେ ସବିଶେଷ ବିବରଣୀ ପ୍ରଦାନ କରିବାକୁ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଡେରାବିଶ ବ୍ଲକ ଜିଲ୍ଲାର ସର୍ବାଧିକ ଏ–୧ ଗ୍ରେଡ୍‌ଧାରୀ ୨୩ ଜଣ

ଡେରାବିଶ,(ସବ୍ୟୁ) :ଚଳିତ ବର୍ଷ ଡେରାବିଶ ବ୍ଲକ ଅଂଚଳରେ ୩୭ଟି ବିଦ୍ୟାଳୟରେ ମୋଟ ୧୬୩୯ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୧୧ଟି ବିଦ୍ୟାଳୟରେ ଶତପ୍ରତିଶତ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଥିବା ଜଣଯାଇଛି । ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମୋଟ ୨୩ ଜଣ ଏ–୧ ଗ୍ରେଡ଼ଧାରୀ ରହିଛନ୍ତି । ତେବେ ଡେରାବିଶ ବ୍ଲକ ଅନ୍ତର୍ଗତ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟର ୧୮ ଜଣ ଛାତ୍ରଛାତ୍ରୀ ଏ–୧ ଗ୍ରେଡ଼ଧାରୀ ହୋଇଥିବା ସେମାନଙ୍କ ମଧ୍ୟରୁ ଛାତ୍ରୀ ଆୟେଶା ଧଳ ୫୬୫ ନମ୍ବର ରଖି ବ୍ଲକ ଟପ୍ପର ହେବାର ଆଖ୍ୟା ଅର୍ଜନ କରିଛନ୍ତି । ସେହିପରି ଗୋଲରାହାଟ ସ୍ଥିତ ଡେରାବିଶ ହାଇସ୍କୁଲର ଛାତ୍ରୀ ମନିଷା କର ୫୬୩ ରଖି ଦ୍ୱିତୀୟ ଓ କଳିଙ୍ଗ ଆବାସିକ ବିଦ୍ୟାଳୟର ଛାତ୍ର ଆଦିତ୍ୟ ନାରାୟଣ ରଥ, ଛାତ୍ରୀ ସିଦ୍ଧିରୁପା ଦାଶ ଓ କାଜଲ ତ୍ରିପାଠୀ ଏବଂ ହରିଅଙ୍କ ହାଇସ୍କୁଲର ଛାତ୍ରୀ ଶୁଭସ୍ମିତା ସ୍ୱାଇଁ ୫୬୦ ନମ୍ବର ରଖି ବ୍ଲକରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି କଳିଙ୍ଗ ଆବାସିକ ବିଦ୍ୟାଳୟର ଛାତ୍ରୀ ଶୁଭାଶିନୀ ଲେଙ୍କା ୫୫୯, ଶୁଭଶ୍ରୀ ପରିଡ଼ା, ୫୫୪ , ଆନନ୍ଦିତା ମହାପାତ୍ର ୫୪୨, ପ୍ରିତିସନ୍ଧ୍ୟା ସାହୁ ୫୪୯, ତେଜସ୍ୱିନୀ ପଡ଼ିହହାରୀ ୫୪୮, ଗାୟତ୍ରୀ ରାଉତ ୫୪୮ , ଭାଗ୍ୟଶ୍ରୀ ମହାନ୍ତି ୫୪୬, ଆଦ୍ୟାଶା ପରିଡ଼ା ୫୪୬, ଶ୍ରଦ୍ଧା ପ୍ରିୟଦର୍ଶିନୀ ୫୪୧, ଗାୟତ୍ରୀ ବେହେରା ୫୪୧ ଓ ଛାତ୍ର ଦେବାଶିଷ ସାହୁ – ୫୫୭, ହିତେନ ଆଚାର୍ଯ୍ୟ ୫୪୫, ଆଦିତ୍ୟ ଶଙ୍କର ବାରିକ ୫୪୫, ଯୋଗେଶ ସ୍ୱାଇଁ ୫୪୧, କେ.ସି. ନୋଡାଲ ଉଚ୍ଚବିଦ୍ୟାଳୟ, ସନ୍ଥପୁରାର ଛାତ୍ରୀ ସଂଜନା ସାହୁ ୫୫୬, ବିବି ମଡେଲ ହାଇସ୍କୁଲ, ଦୋହଳୀ ସୁଦର୍ଶନ ପଣ୍ଡା – ୫୪୫ ଓ ଶୁଭଙ୍କର ମନ୍ତ୍ରୀ ୫୪୫ ନମ୍ବର ରଖି ବ୍ଲକରେ ଏ–୧ ଗ୍ରେଡ଼ଧାରୀ ହୋଇପାରିଚନ୍ତି । ବ୍ଲକରେ ସର୍ବାଧିକ ଏ–୧ ଗ୍ରେଡ଼ ପାଇଥିବା କଳିଙ୍ଗ ଆବାସିକ ବିଦ୍ୟାଳୟ ଜିଲ୍ଲାରେ ମଧ ଅଧିକ ଏ–୧ ପାଇବାର ଗୌରବ ଅର୍ଜନ କରିଛନ୍ତି । ବ୍ଲକର ଆରିପଦା ହାଇସ୍କୁଲ, ବିବିମଡେଲ ହାଇସ୍କୁଲ, ହରିଅଙ୍କ ହାଇସ୍କୁଲ, ଜାଗୁଳେଇ ବିଦ୍ୟାନିକେତନ ବେଲରପା, ଜାଗୁଳେଇପଡ଼ା ଦେଶପୁର ବାଳିକା ବିଦ୍ୟାନିକେତନ, କୁସୁନୁପୁର ହାଇସ୍କୁଲ, ଲାଲବାହାଦୁର ହାଇସ୍କୁଲ ଗଣେଶପୁର, ପଂଚାୟତ ହାଇସ୍କୁଲ ଯଅଁରାବାରିକୂଳ, ରାମଚନ୍ଦ୍ର ବିଦ୍ୟାପୀଠ ସବଳଙ୍ଗ, ଶାରଦା ଏକାଡେମୀ ଛକନା, ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ ଠାକୁରହହାଟ ବିଦ୍ୟାଳୟ ଶତପ୍ରତିଶତ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି ।

ଡାକ୍ତର ହୋଇ ରୋଗୀଙ୍କ ସେବା କରିବି

କୁଆଖିଆ ,(ସବ୍ୟୁ) :ରସୁଲପୁର ବ୍ଲକ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ର କୃତୀ ଛାତ୍ରୀ ପ୍ରିୟଙ୍କା ଦାସ ଚଳିତ ମାଟ୍ରିକ ପରୀକ୍ଷାରେ ୫୬୦ ନ ରଖି ସମଗ୍ର ବ୍ଲକରେ ସର୍ବାଧିକ ମାର୍କ ରଖିଛନ୍ତି । ବଣ୍ଟରା ଗ୍ରାମର ବିଷ୍ଣୁ ଚରଣ ଦାସ, ମା ବିଦ୍ୟୁତ ପ୍ରଭା ଦାସ ଓ ଶିକ୍ଷକ ,ଗୁରୁଜୀଙ୍କ ଆଶୀର୍ବାଦ ସହଯୋଗ ଫଳରେ ସେ ସଫଳତା ଲାଭ କରିଛନ୍ତି । ସେ ତୃତୀୟ, ପଞ୍ଚମ, ସପ୍ତମରେ ବୃତ୍ତି ଏନ ଆର ଟି ଏସ ପଠାଣି ସାମନ୍ତ ବୃତ୍ତି ପାଇଥିଲେ । ସେ ଭଲ ପଢି ଡାକ୍ତର ହେବାକୁ ଲକ୍ଷ୍ୟ ରଖି ରୋଗୀଙ୍କ ସେବା କରିବାକୁ ମନ ବଳାଇଛନ୍ତି । ମଧୁବନ ଉଚ୍ଚ ବିଦ୍ୟାଳୟରେ ପ୍ରିୟଙ୍କାଙ୍କ ସଫଳତାରେ ଖୁସିର ଲହରୀ ଖେଳିଯାଇଛି ।

ଯୁବ ବ୍ୟବସାୟୀଙ୍କ ଆତ୍ମହତ୍ୟା

ଛତିଆ/ଚଣ୍ଡିଖୋଲ ,(ସବ୍ୟୁ) :ଯାଜପୁର ଜିଲ୍ଲାର ଛତିଆ ଗୋପପୁରର ଯୁବ ବ୍ୟବସାୟୀ ପ୍ରକାଶ ଲେଙ୍କା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି! ଶନିବାର ଦିନ ସକାଳୁ ଘରର କବାଟ ଖୋଲିଲା ବେଳକୁ ପ୍ରକାଶ ଫ୍ୟାନରେ ଝୁଲୁଥିବା ନେଇ ପରିବାର ଲୋକେ ଦେଖିବାକୁ ପାଇଥିଲେ! ତୁରନ୍ତ ତାଙ୍କୁ ଟାଙ୍ଗୀର ଏକ ଘରୋଇ ହସ୍ପିଟାଲକୁ ନିଆ ଯାଇଥିଲେ ବି ସେଠାରେ ପ୍ରକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ! ଏନେଇ ପରିବାର ପକ୍ଷରୁ ବୈରୀ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ! ତେବେ ଅପରାହ୍ନରେ ପୋଲିସ ପ୍ରକାଶଙ୍କ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରାଇଛି! ଏନେଇ ବୈରୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି! ତେବେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ! ପ୍ରକାଶଙ୍କ ଏପରି ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି!

କଟିକଟା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କଟିକଟା ଗ୍ରାମ ପଞ୍ଚାୟତର ସରପଞ୍ଚ ଚିତ୍ତରଂଜନ ମଳିକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଛି । ଏହି ପଞ୍ଚାୟତରେ ମୋଟ୍ ୧୨ଜଣ ୱାର୍ଡ଼ ସଭ୍ୟ ସଭ୍ୟାଙ୍କ ମଧ୍ୟରୁ ୧୦ଜଣ ୱାର୍ଡ଼ ସଭ୍ୟ ସଭ୍ୟା ଅନାସ୍ଥା ପ୍ରସ୍ତାବ ପତ୍ରରେ ଦସ୍ତଖତ କରିଥିବା ଜଣାଯାଇଛି । ବିଗତ ୨ବର୍ଷ ହେବ ଏହି ପଞ୍ଚାୟତରେ ମାସିକ ବୈଠକ ସମ୍ପୂର୍ଣ୍ଣ ଭାବେ କରାଯାଉନଥିବା ବେଳେ ଲୋକମାନଙ୍କର ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ମଧ କରାଯାଉନଥିବା , ସରପଞ୍ଚ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବାରୁ ସାଧାରଣ ଲୋକମାନେ ବିଭିନ୍ନ କାର୍ଯ୍ୟ ପାଇଁ ହଇରାଣ ହରକତ ହେଉଥିବାକୁ ଅଭିଯୋଗ କରି ୱାର୍ଡ଼ ସଭ୍ୟ ସଭ୍ୟା ମାନେ ଏଭଳି ଗୁରୁତର ନିଷ୍ପତ୍ତି ନେଇଛନ୍ତି । ଗତ ଶୁକ୍ରବାର ଦିନ ୱାର୍ଡ଼ ସଭ୍ୟ ସଭ୍ୟା ମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପତ୍ର ଦେଇଛନ୍ତି । ଖୁବ୍ ଶୀଘ୍ର ଏହି ଅନାସ୍ଥା ପ୍ରସ୍ତାବ ପତ୍ରର ଦସ୍ତଖତ ଯାଞ୍ଚ କାର୍ଯ୍ୟକ୍ରମ କରାଯିବା ପାଇଁ ୱାର୍ଡ଼ ସଭ୍ୟ ସଭ୍ୟା ମାନଙ୍କୁ ନୋଟିସ ଦିଆଯିବ ବୋଲି କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି ।

ଦସ୍ତଖତ ଯାଞ୍ଚ ପ୍ରକ୍ରିୟା ଶେଷ : ଅଧ୍ୟକ୍ଷା ଅନାସ୍ଥା ପ୍ରସ୍ତାବ କାଏମ୍ ହେଲା

ନିଶ୍ଚିନ୍ତକୋଇଲ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଗତ ଶୁକ୍ରବାର ୨୫ତାରିଖ ଦିନ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା । ଏହି ବ୍ଲକର ୩୧ଜଣ ସରପଞ୍ଚ ଓ ସମିତିସଭ୍ୟ ସଭ୍ୟାମାନେ କରିଥିବା ଅନାସ୍ଥା ପ୍ରସ୍ତାବର ଦସ୍ତଖତ ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଦସ୍ତଖତ ଯାଞ୍ଚ କରାଯିବା ପାଇଁ ବିଡ଼ିଓ ଦ୍ୱିବେନ୍ଦୁ ଦାସଙ୍କ ଦ୍ୱାରା ସମ୍ପୃକ୍ତ ଜନପ୍ରତିନିଧି ମାନଙ୍କୁ ନୋଟିସ ତଲବ୍ ହୋଇଥିଲା । ମଙ୍ଗଳବାର ପୂର୍ବାହ୍ନରେ କଟକସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସଭ୍ୟ ସଭ୍ୟାମାନେ ଯାଇ ସେମାନଙ୍କର ଦସ୍ତଖତ ଦେଇଥିଲେ । ଶନିବାର ଦିନ ବିଡ଼ିଓ ତାଙ୍କ କାର୍ଯ୍ୟାଳୟରୁ ସମ୍ପୃକ୍ତ ସଭ୍ୟ ସଭ୍ୟା ମାନଙ୍କର ଦସ୍ତଖତ ଥିବା ସମ୍ବଳିତ କାଗଜପତ୍ର ନେଇ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ଦସ୍ତଖତ ଗୁଡ଼ିକର ଯାଞ୍ଚ କରାଇଛନ୍ତି । ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମିତିରଂଜନ ଦେଓ ଏବଂ ଜିଲ୍ଲା ପଞ୍ଚାୟତ ଅଧିକାରୀ ଗୀତା ଆଚାର୍ଯ୍ୟ ଙ୍କ ଉପସ୍ଥିତିରେ ୩୧ଜଣ ଜନପ୍ରତିନିଧିଙ୍କ ଦସ୍ତଖତକୁ ଯାଞ୍ଚ କରାଯାଇଥିବା ବେଳେ ସମସ୍ତଙ୍କର ଦସ୍ତଖତ ଠିକ୍ ରହିଥିବା ଜଣାଯାଇଛି । ଦସ୍ତଖତ ଯାଞ୍ଚ ପରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ଅନାସ୍ଥା ପ୍ରସ୍ତାବକୁ କାଏମ ରଖାଯାଇଛି । ଖୁବ୍ ଶୀଘ୍ର ଅଧ୍ୟକ୍ଷାଙ୍କ ଅନାସ୍ଥା ଭୋଟ୍ ତାରିଖ ଧାର୍ଯ୍ୟ ହେବ ବୋଲି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି ।

ଜାରକା ଯୁବକକୁ ପିଟିପିଟି ହତ୍ୟା ଘଟଣା

ପରିବାରକୁ ଭେଟିଲେ କଂଗ୍ରେସ ନେତୃମଣ୍ଡଳୀ

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ଥାନା ଜାରକା ଜାମୁବଣିଆ ଅଂଚଳର ଯୁବକକୁ ଅମାନୁଷିକ ଭାବେ ପିଟିପିଟି ହତ୍ୟା ଘଟଣା ପରେ ଆଜି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉକ୍ତ ପରିବାରକୁ ଭେଟିବା ସହିତ ସ୍ୱାନ୍ତନା ଦେଇଛନ୍ତି । ଏଥିସହ ଶ୍ରୀ କାଡାମ ଥାନାକୁ ଯାଇ ସମସ୍ତ ବିଷୟରେ ଅବଗତ ହେବା ସହ ପୁଲିସ ଅଭିଯୁକ୍ତମାନଙ୍କୁ ଧରି ଶାସ୍ତି ଦେବାକୁ ଦାବି କରିଛନ୍ତି । ସୂଚନା ଯୋଗ୍ୟ ଯେ ପଇସା ହିସାବକୁ କେନ୍ଦ୍ର କରି କ୍ରସର କର୍ମଚରୀମାନେ ଏହି ଥାନା ଜାରକା ଜାମୁବଣିଆସ୍ଥିତ ଅଜୟ ଜେନାଙ୍କ ପୁଅ ଅରଜିତ ଜେନାକୁ ଅମାନୁଷିକ ଭାବେ ପିଟିପିଟି ଗୁରୁତର କରିଦେଇଥିଲେ । କଟକ ମେଡିକାଲରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ମେ ୧ ତାରିଖ ଦିନ ତାଙ୍କର ମୃତ୍ୟୁ ହୋଇଥିଲା । ଶବବ୍ୟବଚ୍ଛେଦ ପରେ ଗତକାଲି ତାଙ୍କ ମରଶରୀର ଜାରକା ଜାମୁବଣିଆସ୍ଥିତ ଘରକୁ ଅଣାଯାଇଥିଲା । ଗତକାଲି ଅପରାହ୍ନରେ ମୃତକ ଅରଜିତଙ୍କ ପିତା ଅଜୟ ଜେନା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ହତ୍ୟାକାଣ୍ଡରେ ସମ୍ପୃକ୍ତ ଜଣେ ଯୁବକକୁ ପୁଲିସ ଅଟକ ରଖିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଉଦ୍ୟମ ଜାରିରଖିଛି ଏହି ଖବର ଚର୍ଚ୍ଚାକୁ ଆସିବା ପରେ ଆଜି କଂଗ୍ରେସ ନେତା ତଥା ବିଧାୟକ ରାମଚନ୍ଦ୍ର କାଡାମ ଧର୍ମଶାଳା ଥାନାରେ ପହଁଚି ଥାନା ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ମୃତକଙ୍କ ପରିବାରଙ୍କୁ ତାଙ୍କ ଜାମୁବଣିଆସ୍ଥିତ ବାସ ଭାବନରେ ଭେଟି ଗଭିର ଶୋକ ବ୍ୟକ୍ତ କରିବା ସହିତ ପରିବର ଲୋକଙ୍କୁ ସ୍ୱାନ୍ତନା ଦେଇଛନ୍ତି । ତାଙ୍କର ଏହି ଗସ୍ତ ସମୟରେ ଜୀ ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, ଧର୍ମଶାଳା କଂଗ୍ରେସ ନେତା କିଶାନ ପଣ୍ଡା,ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ସୁଧାଂଶୁ ଶେଖର ଦେଓ,ଦୁର୍ଯ୍ୟୋଧନ ବେହେରା, ପ୍ରଫୁଲ୍ଲ ରାୟ, ସଞ୍ଜୟ କୁମାର ରାଉତ, ଦୀପକ ବଳ, ଦେବାଶିଷ ପରିଡା, କାର୍ତିକ ସାହୁ, ମିହିର ଖୁଂଟିଆ, ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ରହି ମୃତକର ପରିବାରକୁ ସମବେଦନା ଜଣାଇଥିଲେ ।

ବ୍ରାହ୍ମଣୀ ନଦୀ ଉପରେ ପତ୍ରପୁରରେ ନିର୍ମାଣ ହେବ ଦ୍ୱିତୀୟ ବ୍ରିଜ

ରାଜନଗର,(ସବ୍ୟୁ) : କଟକ ଚାନ୍ଦବାଲି ରାସ୍ତାର ପତ୍ରପୁର ନିକଟରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣ ହେବ ଦିତୀୟ ସେତୁ ପତ୍ରପୁର ନିକଟରେ ସେତୁ ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲା । ପତ୍ରପୁର ନିକଟରେ ବ୍ରାହ୍ମଣୀ ନଦୀ ଉପରେ ଦିତୀୟ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩୦୬ କୋଟି ୮୫ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି । ଏଥି ସହିତ ରାଜନଗର ନିର୍ବାଚନ ମଣ୍ଡଳୀର ପଟାମୁଣ୍ଡାଇ – କାଠିଆପଡା ରାସ୍ତାର ପ୍ରଶସ୍ତିକରଣ ସହିତ ପୁନଃନିର୍ମାଣ ପାଇଁ ୧୫ କୋଟି ୫୪ ଲକ୍ଷ ୬୮ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଅର୍ଥରେ ୧୧କିମି ୩୩ ମିଟର ରାସ୍ତା ନିର୍ମାଣ ହେବ । ରାଜନଗର ବ୍ଲକର ପନ୍ତାଳ ଭାୟା ପଞ୍ଚୁପଲ୍ଲୀ , ଶୀଳପୋଖରୀ , ନୂଆଖୁଣ୍ଟା ଦେଇ ଜୁନୁସନଗର ଘାଟ ଯାଏଁ ରାସ୍ତା ନିର୍ମାଣ ହେବ। ୯ କୋଟି ୩୩ ଲକ୍ଷ ୪୬ ହଜାର ଟଙ୍କା ବ୍ୟୟରେ ଏହି ୬ କିମି ୨୦୦ ମିଟର ରାସ୍ତା ନିର୍ମାଣ ହେବ । ପତ୍ରପୁର ସେତୁ ଓ ରାଜନଗର ନିର୍ବାଚନ ମଣ୍ଡଳୀର ଦୁଇଟି ରାସ୍ତା ପୁନଃନିର୍ମାଣଓ ପ୍ରଶସ୍ତିକରଣ ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ରାଜ୍ୟ ସରକାରଙ୍କ ଆଇନ , ପୂର୍ତ୍ତ , ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ଲିଖିତ ଭାବେ ଜଣାଇଥିଲେ । ସେତୁ ଓ ରାସ୍ତା ପାଇଁ ଅର୍ଥ ବ୍ୟୟ ବରାଦ ପରେ ମନ୍ତ୍ରୀ ଏନେଇ ଚିଠି ମାଧ୍ୟମରେ ଜଣାଇଛନ୍ତି । ଦୁଇଗୋଟି ରାସ୍ତା ଓ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାର ଅର୍ଥ ମଞ୍ଜୁର କରିଥିବାରୁ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ରାଜନଗର ବିଧାୟକ ଶ୍ରୀ ସାହୁ କୃତଜ୍ଞତା ଜଣାଇଛନ୍ତି ।

ବିଶ୍ୱ ଶ୍ରମିକ ଦିବସ ପାଳିତ

ପାରାଦ୍ୱୀପ, (ଜିପ୍ର) : ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ଜିରୋ ପଏଣ୍ଟ ମହାନ୍ତି,ତୈଳ ବିଶୋଧନାଗାର ଠିକା ଶ୍ରମିକ ସମବାୟ ସମିତି ସମ୍ପାଦକ ନିରଞ୍ଜନ ସାମଲ ,ପାରାଦ୍ୱୀପ ବନ୍ଦର

ସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସଂଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ ଉପ ସଭାପତି ଚିନ୍ମୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାଧାରଣ ସମ୍ପାଦକ ତାପସ ପଲାଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଂଘର ବିବରଣୀ ପାଠ କରିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିକ୍ରମ କ୍ଷତିଗ୍ରସ୍ତ ଜମିହରା କୃଷକ ସଂଘ ସମ୍ପାଦକ ମିହିର କାନ୍ତ ସାହୁ ,କାର୍ଯ୍ୟାଳୟ ସମ୍ପାଦକ ବିରେନ୍ଦ୍ର ମହାପାତ୍ର, ସମୀର ସୁତାର ଅଶୋକ ନାଥ, ରବୀନ୍ଦ୍ର ନାୟକଙ୍କ ସମେତ ସଂଘର ସଭ୍ୟ ମାନେ ଉପସ୍ଥିତ ଥିଲେ। ଶ୍ରମିକ ଦିବସ ଉପଲକ୍ଷେ ଶ୍ରମିକ ସଂଘ ପକ୍ଷରୁ ସଫେଇ, ବୃକ୍ଷ ରୋପଣ କାର୍ଯ୍ୟ କରାଯାଇଥିଲା ଏବଂ ସରକାରୀ ଡାକ୍ତରଖାନାରେ ରୋଗୀ ମାନଙ୍କୁ ଫଳ ଓ ଜରା ଶ୍ରମ ଅନ୍ତେବାସୀ ଖାଦ୍ୟ ବଣ୍ଟନ କରାଯାଇଥିଲା।

ଏସଏନ କଲେଜ ଛାତ୍ରୀଙ୍କ କୃତିତ୍ୱ

ରାଜକନିକା,(ସବ୍ୟୁ) : ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ର ୩ ୟ ବର୍ଷ ବିଜ୍ଞାନ ଛାତ୍ରୀ ତଥା ଡାଙ୍ଗମାଳ ଗ୍ରାମର ସଦାଶିବ ବେଦିଙ୍କ କନ୍ୟା ସ୍ୱାଗତୀକା ବେଦି ଗତ ୧ ତାରିଖରେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଚାନସେଲର ଡିବେଟ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରି ଏସ.ଏନ ମହାବିଦ୍ୟାଳୟକୁ ଗୌରବାନିତ୍ୱ କରିଛନ୍ତି । ଏହି ସଫଳତା ପାଇଁ ତାଙ୍କୁ ମହାବିଦ୍ୟାଳୟ ଅଧକ୍ଷା ଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଅଭିନନ୍ଦନ ଜଣାଇଛନ୍ତି

ଟଙ୍କା ବ୍ୟାଗ ପାଇ ଫେରାଇଲେ ହୁନା

କେନ୍ଦ୍ରାପଡା ,(ସବ୍ୟୁ) :କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୫ ନମ୍ବର ୱାର୍ଡର ଭଗ୍ନେଶ୍ୱର ଗ୍ରାମର ଅଭୟ ସ୍ୱାଇଁ (ହୁନା) ଏକ ଟଙ୍କା ବ୍ୟାଗ୍ ପାଇ ଫେରାଇଥିବା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସାନମଙ୍ଗଳା ଗ୍ରାମର ନିଳାମ୍ବର କର କିଛି ଟଙ୍କା ନେଇ ବ୍ୟାଗ୍‌କୁ ଡିପୋଜିଟ୍ କରିବାକୁ ଯାଉଥିବା ସମୟରେ ଟଙ୍କା ବ୍ୟାଗ୍‌ଟି ପଡିଯାଇଥିଲା। ଅଭୟ ଏହି ବ୍ୟାଗଟିକୁ ପାଇ ଏଥିରେ ଥିବା ଲକ୍ଷାଧିକ ଟଙ୍କା ଓ ଜରୁରୀ କାଗଜପତ୍ରକୁ କାଉନ୍‌ସିଲର ନିରାକାର ସ୍ୱାଇଁ, ସ୍ଥାନୀୟ ଅଂଚଳର ସମାଜସେବୀ ତୋଫାନ୍ ନାୟକ, ଅଜୟ କୁମାର ନାୟକଙ୍କ ଉପସ୍ଥିତିରେ ଟଙ୍କା ବ୍ୟାଗଟିକୁ ହଜିଥିବା ବ୍ୟକ୍ତିଙ୍କୁ ଫେରାଇଛନ୍ତି। ତାଙ୍କର ଏହି ମହତ୍ କାମ ପାଇଁ ସ୍ଥାନୀୟ କାଉନ୍‌ସିଲର ଶ୍ରୀ ସ୍ୱାଇଁ ଓ ବୁଦ୍ଧିଜିବୀମାନେ ପ୍ରଶଂସା କରିଛନ୍ତି।

ମହାକାଳପଡ଼ା ଉପକୂଳରେ ପଞ୍ଜିକରଣ ନମ୍ବର ଓ ନାମ ନଥିବା ଅନେକ ଫିସିଂ ବୋଟ

ମହାକାଳପଡ଼ା,(ସବ୍ୟୁ) :ଉପକୂଳ ମହାକାଳପଡ଼ା ବ୍ଲକର ଗୋଗୁଆ, ଲାଞ୍ଜୁଡା,ଜମ୍ବୁ, ସୁନୀତି, ବଟୀଘର, ରାମନଗର ଓ ଖରିନାସି ସମେତ ସାତ ପଂଚାୟତ ରେ ହଜାର ହଜାର ମତ୍ସ୍ୟଜୀବି ବସବାସ କରୁଛନ୍ତି । ମାଛ ମାରି ପେଟପୋଷିବା ମତ୍ସ୍ୟଜୀବି ପରିବାର ଲୋକଙ୍କ ମୁଖ୍ୟ ଜୀବିକା ହୋଇଥିବାରୁ କେହି ଫିସିଂ ବୋଟ ମାଲିକ ତ ଆଉ କିଏ ବୋଟ କର୍ମଚାରୀ ଭାବେ ଜୀବିକା ନିର୍ବାହ କରିଆସୁଛନ୍ତି । ସାମୁଦ୍ରିକ ମତ୍ସ୍ୟ ବିଭାଗ ବୋଟ ପଞ୍ଜିକରଣ ଓ ନବୀକରଣ କରିବା ସହିତ ଓ କର୍ମଚାରୀଙ୍କୁ ତାଲିକା ଭୁକ୍ତ କରାଇବାର ବିଧି ରହିଛି । ମାତ୍ର ବିଭାଗୀୟ ଅବହେଳାରୁ ପଞ୍ଜିକରଣ ବାହାରେ ଓ ଫିସିଂ ବ୍ୟାନ ସମୟରେ ବି ବୋଟ ଫିସିଂ ପାଇଁ ଦୁଃସାହସିକ ଭାବେ କାର୍ଯ୍ୟ କରୁଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଙ୍କ କୋହଳ ମନୋଭାବ ହେତୁ ଅନେକ ଫିସିଂ ବୋଟ ସରକାରୀ ନିୟମକୁ ଫୁ କରି ଉଡାଇ ବେଆଇନ କାର୍ଯ୍ୟ କରୁଛନ୍ତି । ଯେପରି ଖରିନାସି ଜେଟିରେ ଥିବା ଅନେକ ବୋଟ ର ନାମ ଦୃଶ୍ୟ ହେନଥିବା ବେଳେ ଆଉକିଛି ବୋଟରେ ପଞ୍ଜିକରଣ ନମ୍ବର ବି ଦେଖା ଯାଉନି । ପ୍ରତ୍ୟେକ ବୋଟରେ ନାମ ଓ ପଞ୍ଜିକରଣ ନମ୍ବର ଉପଯୁକ୍ତ ଭାବେ ପ୍ରଦର୍ଶିତ ହେବାର ଅଛି। ମାତ୍ର ମହାକାଳପଡ଼ା ସହକାରୀ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ(ଏଏଫଓ)କାର୍ଯ୍ୟାଳୟ କର୍ମଚାରୀ ମାନଙ୍କର ବୋଟ ମାଲିକ ମାନଙ୍କ ପ୍ରତି ଦୁର୍ବଳ ମନୋଭାବ ହେତୁ ବିନା ନଂ ଓ ନାମରେ ଅନେକ ବୋଟ ଫିସିଂ କୁ ଯାଉଛନ୍ତି । ଏହି ଗଳାବାଟ ଦେଇ କିଛି ବୋଟ ଫିସିଂ ବ୍ୟାନ ସମୟରେ ନିଷିଦ୍ଧାଞ୍ଚଳ ରୁ ଫିସିଂ କରି ଚମ୍ପଟ ମାରୁଛନ୍ତି । ଉପଯୁକ୍ତ ଭାବେ ନମ୍ବର ଓ ନାମ ପ୍ରଦର୍ଶିତ ହେଉନଥିବା ବୋଟ ଗୁଡିକ ପ୍ରତି ସାମୁଦ୍ରିକ ମତ୍ସ୍ୟ ବିଭାଗ,ତଟରକ୍ଷୀ ବାହିନୀ ଓ ବନବିଭାଗ ସତର୍କ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଧାଡ଼ିଭଙ୍ଗା ଗାଡିପାଇଁ ଗଡିଲା ମୁଣ୍ଡ, ପାଞ୍ଚଘଣ୍ଟା ରାସ୍ତାବନ୍ଦ

ପାରାଦୀପ, (ଜିପ୍ର): ଯିଏ ଦେଖିଲା ସିଏ କହିଲା ପାରାଦୀପର ରାଜରାସ୍ତାରେ ଚାଲିଛି କଣ । ଟଙ୍କା ରୋଜଗାର ପାଇଁ ଏଠି ପୋଲିସ ପ୍ରଶାସନ ଆଖି ବୁଝି ଦେଉଛି ଆଉ ପାରାଦୀପ ରାସ୍ତାରେ ଗୋଟାଏ ପରେ ଗୋଟାଏ ମୁଣ୍ଡ ଗଡି ଚାଲିଛି । ଏହିଭଳି ସାଂଘାତିକ ଅଭିଯୋଗ ଆଣି ଆଜି ସ୍ଥାନୀୟ ଲୋକେ ରାସ୍ତା ଉପରେ ପାଞ୍ଚଘଣ୍ଟା ରାସ୍ତାରୋକ କରିବାରୁ ଯାତାୟତ ଠପ ହେଇଗଲା । ଯିଏ ପାଇଲା ସେ ପୋଲିସକୁ ଆଜି ଖୋଲା ସମାଲୋଚନା କଲା । ଆଜି ଦିବା ଦଶ ଘଟିକା ସମୟରେ ନୟାଗଡ଼ ପାଣ୍ଡୋରାଶିଖା ଗ୍ରାମର କିଶୋର ଶିରୋମଣୀ ନିଜ ସ୍କୁଟି ଯୋଗେ ଅଠରବାଙ୍କୀ ମେଡିକାଲକୁ ବ୍ଲଡ ଟେଷ୍ଟ କରାଇବାକୁ ଆସୁଥିବାବେଳେ ହଠାତ ଦ୍ରୁତ ଗତିରେ ଧାଡ଼ି ଭାଙ୍ଗି ଡାହାଣ ପଟେ ମାଡି ଆସୁଥିବା ଏକ ଆଇରନ ବୋଝେଇ ଟ୍ରକ ତାଙ୍କ ଉପରେ ଚଢିଗଲା । ଘଟଣା ସ୍ଥଳରେ ହିଁ କିଶୋରଙ୍କର ମୃତ୍ୟୁ ହେଲା ସତ କିନ୍ତୁ ମୃତ୍ୟୁ ର ଚିତ୍ର ଏଭଳି ଥିଲା ଯେ ଯିଏ ଦେଖିବ ସିଏ ଧର୍ଯ୍ୟ ଧରି ରହିବା ମୁସ୍କିଲ । କାରଣ କିଶୋର ଙ୍କର ଅଣ୍ଟା ଠାରୁ ମୁଣ୍ଡ ଆଉ କିଛି ଦେଖିବାକୁ ନଥିଲା । ଟ୍ରକ ଚକା ତଳେ ବାଟି ହୋଇ ସବୁ ଖଣ୍ଡ ଖଣ୍ଡ ହୋଇ ରାସ୍ତାରେ ପଡିଥିଲା । ପାରାଦୀପକୁ ଦୈନିକ ହଜାର ହଜାର ଆଇରନ ଟ୍ରକ ଧାଡ଼ି କରି ଆସିବାକୁ ନିୟମ କରାଯାଇଛି । ଭୂତମୁଣ୍ଡାଇ, ଦୋଛକି ଓ ଅଠରବାଙ୍କୀ ପାଖରେ ପୋଲିସ ମଧ୍ୟ ପ୍ରହରା ଦେଉଛି । ଧାଡ଼ି ଭାଙ୍ଗିଲେ ପୋଲିସ ମାମଲା ରୁଜୁ କରି ଗିରଫ କରିବାର ନିୟମ ଅଛି ଓ ଆଗରୁ ମଧ୍ୟ ହୋଇଛି । କିନ୍ତୁ ଏବେ ସବୁ ଢିଲା । କିଛି ଦଲାଲ ସିଧା ଟଙ୍କା ଦେଇ ଧାଡ଼ି ଭାଙ୍ଗି ଡାହାଣ ପଟେ ଦ୍ରୁତ ଗତିରେ ମାଡି ଆସୁଛନ୍ତି ଓ ଏପଟେ ଦଲାଲ ଆଗରେ ଜାଗା ରଖୁଥିବା ବେଳେ କିଭଳି ଶୀଘ୍ର ଆସି ଧାଡ଼ିରେ ପୁଣି ପଶଯିବେ ସେନେଇ ଚାଳକ ଗାଡିକୁ ଦ୍ରୁତ ଗତିରେ ମଡାଇ ଆଣୁଛି । ଆଉ ଏହି ସମୟରେ ଯିଏ ପଡିଲା ସିଏ ଚକାତଳେ ବାଟି ହେବା ନିଶ୍ଚିନ୍ତ । ଯାହା ଆଜି ଘଟିଲା ଆଉ ଲୋକେ ଏସବୁ ସହ୍ୟ କରି କରି ଆଜି ସିଧା ସଳଖ ବିକ୍ଷୋଦଗାର କଲେ । ପରିସ୍ଥିତି ଏଭଳି ହେଲା ଯେ ଲୋକଙ୍କ ପାଖ ପଶି ପାରିଲା ନାହିଁ ପୋଲିସ । ଅନେକ ସମୟ ଧରି ଆଜି ରାଜରାସ୍ତାରେ କିଶୋର ଙ୍କର ଖଣ୍ଡ ବିଖଣ୍ଡିତ ଶବ ପଡି ରହିଥିବା ବେଳେ କିଶୋର ଏକ ଘରୋଇ କମ୍ପାନୀରେ କାର୍ଯ୍ୟକରି ନିଜ ପରିବାର ଆଣି ଗଡ଼ରେ ରଖି ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ପରିବାରକୁ ଏବେ ପୋଷିବ କିଏ ବୋଲି ସ୍ଥାନୀୟ ଲୋକେ ପୋଲିସକୁ ପ୍ରଶ୍ନ କରିଛନ୍ତି । ମୃତ କିଶୋରଙ୍କ ପୁତ୍ର ଆସି ସମସ୍ତଙ୍କ ସାମ୍ନାରେ ଧାଡ଼ି ଭଙ୍ଗା ଗାଡି ପାଇଁ ମୋ ବାପାଙ୍କ ଜୀବନ ଗଲା ଆମେ ଚଳିବୁ କିପରି ବୋଲି କାନ୍ଦି କାନ୍ଦି ପୋଲିସ ଉପରକୁ ଆଙ୍ଗୁଠି ଉଠାଇଥିବା ବେଳେ ପାଞ୍ଚ ଘଣ୍ଟା ଗାଡି ମୋଟର ବନ୍ଦ ହେବାରୁ ଅନେକ ଲୋକ ମଧ୍ୟ ନାହିଁ ନଥିବା ଅସୁବିଧା ଭୋଗିଲେ । ଅନେକ ବୁଝାଶୁଝା ପରେ ରାସ୍ତାରୋକ ହଟିଲା ସତ, କିନ୍ତୁ ଲୋକେ ପ୍ରଶ୍ନ କଲେ ପ୍ରତି ଛକରେ ପୋଲିସ ଜଗୁଥିବା ବେଳେ ଡାହାଣ ପଟ ରାସ୍ତାରେ ଆଇରନ ଗାଡି ଆସିଲା କେମିତି । ସମ୍ପୃକ୍ତ ଟ୍ରକ ଚାଳକ ଛଶହ ଟଙ୍କା ଦେଇ କୁଆଡେ ଧାଡ଼ି ଭାଙ୍ଗି ଆସିଥିବା ଲୋକଙ୍କ ମାଡ ଭୟରେ ପ୍ରକାଶ କରିଥିବା ବେଳେ ଛଶହ ଟଙ୍କା ନେଇଚି କିଏ ତାହାର ତଦନ୍ତ ହେବା ଜରୁରୀ । ନଚେତ ଏହିପରି ନିରୀହ ଲୋକଙ୍କ ମୁଣ୍ଡ ଏହିଭଳି ରାଜରାସ୍ତାରେ ଗଡି ଚାଲିବ ।

ଟ୍ରକ ମାଲିକ ସଂଘ ନୂତନ ଗୃହର ଶିଳାନ୍ୟାସ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଟ୍ରକମାଲିକ ସଂଘର ନୂତନ ଗୃହ ନିର୍ମାଣ ନେଇ ଶନିବାର ଦିନ ଶିଳାନ୍ୟାସ ହୋଇଛି। କଟକ ଢୁବୁରୀ ବାଇ ପାସ ପାର୍ଶ୍ୱରେ ସଂଘର ଏହି ନୂତନ ଗୃହର ଶୁଭ ଶିଳାନ୍ୟାସ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମରକୁମାର ନାୟକ ଯୋଗଦେଇ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇ ଗୃହ ନିର୍ମାଣକୁ ଯଥାଶୀଘ୍ର ଶେଷ କରାଯିବ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ମିତ କୁମାର, ସୁଙ୍ଗୁଡା ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ପୁଷ୍ପରାଜ ନାୟକ, ଉପସଭାପତି ମାନସ ରଞ୍ଜନ ନାୟକ, ସମ୍ପାଦକ କୀର୍ତ୍ତିରଞ୍ଜନ ସ୍ୱାଇଁ, ସହ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, କୋଷାଧକ୍ଷ ଯାହିଦ୍ ଖାଁ, ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ମୁଖପାତ୍ର ସତ୍ୟବ୍ରତ ଖଣ୍ଡାୟୀ, ଦେବରଞ୍ଜନ ସ୍ୱାଇଁ, ଶୈଳେନ୍ଦ୍ର ନାୟକ, ଶେଷଦେବ ନାୟକ ,ଦୀପକ ମିଶ୍ର, ସନ୍ତୋଷ କୁମାର ରାଉତ, ବିଜୟ ପାଲ ଯାଦବ, ହେମନ୍ତ କୁମାର ସାମଲ, ଉମେଶ ଜେନା, ସତ୍ୟଜିତ ବଳ, ବିନାୟକ ପଣ୍ଡା, ସନ୍ତୋଷ ବିଶ୍ୱାଳ, ପ୍ରମୋଦ କୁମାର ନାୟକ, ଶୁଭ ନାରାୟନ ଓଝା, କରୁଣାକର ମାହାଲା, ମହେନ୍ଦ୍ର ନାୟକ ଲକ୍ଷ୍ମୀଧର ସାହାଣୀ, ନୃସିଂହ ଚରଣ ନାୟକ, ଅନିଲ କୁମାର ସାହୁ ତ୍ରୈଲୋକ୍ୟ ନାଥ ନାୟକ ପ୍ରମୁଖଙ୍କ ସହ ବହୁବିଶିଷ୍ଟ ବ୍ୟକ୍ତିଉପସ୍ଥିତ ଥିଲେ।

ଆଇଏନଏସ ଚିଲିକା ଅଗ୍ନିବୀର ନିଯୁକ୍ତିରେ ଠକେଇ ମାମଲା

ଆଉ ଜଣେ ସେନା ଅଧିକାରୀ ରାଜସ୍ଥାନରୁ ଗିରଫ

ବାଲୁଗାଁ ,(ସବ୍ୟୁ) :ଆଇ ଏନ ଏସ ଚିଲିକା ପ୍ରଶିକ୍ଷଣ କେନ୍ଦ୍ରରେ ନୌ ସେନା ଅଗ୍ନିବୀର ପଦବୀରେ ନିଯୁକ୍ତି ନିମନ୍ତେ ଆବେଦନକାରୀଙ୍କ ଠାରୁ ଠକେଇ ଘଟଣାରେ ପୂର୍ବରୁ ୩ ଅଭିଯୁକ୍ତ ସେନା ଅଧିକାରୀଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତ ଜଣେ ନୌସେନା ଅଧିକାରୀ କ୍ରିଷ୍ଣାକାନ୍ତ ସାଇନି (୨୪) ଙ୍କୁ ବାଲୁଗାଁ ପୋଲିସ ରାଜସ୍ଥାନରୁ ଗିରଫ କରିବାରେ ସକ୍ଷମ ହୋଇଛି ।ସୂଚନା ଥାଉକି, ଆଇଏନ ଏସ ଚିଲିକାରେ ଅଗ୍ନିବୀର ପଦବୀ ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ବେଳେ ଅଭିଯୁକ୍ତ ମାନେ ମେଡିକାଲ ଯାଞ୍ଚ, ପୋଲିସ ଭେରିଫିକେସନ ସାର୍ଟିଫିକେଟ ଆଦି ସହାୟତା ଆଳ ଦେଖାଇ ଆବେଦନକାରୀ ମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟିଥିବା ଘଟଣା ପଦାକୁ ଆସିଥିଲା ।ଏ ନେଇ ପ୍ରଶିକ୍ଷଣ କେନ୍ଦ୍ର ଟ୍ରେନିଂ କାମାଣ୍ଡାଣ୍ଟ ବାଲୁଗାଁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଥିଲେ । ତେବେ ଏହି ରାକେଟରେ ଆଣ୍ଡାମାନ ନିକୋବର ଆଇ ଏନ ଏସ କେଶରୀରେ କାର୍ଯ୍ୟରତ ଆଉ ଦୁଇଜଣ ସେନା ଅଧିକାରୀ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡିଥିଲା ।ଅଭିଯୁକ୍ତ କ୍ରିଷ୍ଣାକାନ୍ତ ଛୁଟିରେ ନିଜ ଘର ରାଜସ୍ଥାନକୁ ଯାଇଥିବା ଖବର ପାଇ ବାଲୁଗାଁ ଆଇ ଆଇ ସି ଜୟ ପ୍ରକାଶ ପରିଡାଙ୍କ ତତ୍ତ୍ୱାବଧାନରେ ଏକ ଟିମ ସେଠାକୁ ଯାଇ ତାଙ୍କୁ ଗିରଫ କରିଥିଲେ ।ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ ନିମନ୍ତେ ଟିମ ଆଣ୍ଡାମାନ ନିକୋବର ଖୁବ ଶୀଘ୍ର ଗସ୍ତ କରିବ ବୋଲି ଆଇ ଆଇ ସି ପରିଡା ସୂଚନା ଦେଇଛନ୍ତି ।

ପୂର୍ବତନ କୃଷି ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଦଶପଲ୍ଲା ,(ସବ୍ୟୁ) : ପୂର୍ବତନ କୃଷି ଅଧିକାରୀ ତଥା ବିଜେପି କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଙ୍କ ବଡ ଭାଇ ସ୍ୱର୍ଗତ ବସନ୍ତ କୁମାର ପାଣିଗ୍ରାହୀ ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଅମର ଆତ୍ମା ର ସଦଗତି କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ , ବାଚସ୍ପତି ସୁରମା ପାଢ଼ୀ ,ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସହ ବହୁ ମାନ୍ୟ ଗଣ୍ୟବ୍ୟକ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ ସ୍ୱତନ୍ତ୍ର ହେଲିକ୍ୟାପ୍ଟର ରେ ଗଣିଆ କୃଷ୍ଣ ଚନ୍ଦ୍ର ବିଦ୍ୟାପୀଠ ଠାରେ ଅବତରଣ କରିଥିଲେ । ସେଠାରେ ଜିଲ୍ଲା ପ୍ରଶାସନ ଓ ଦଳୀୟ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡା ଦେଇସ୍ୱାଗତ କରିବା ପରେ ସଡ଼କପଥରେ

ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବାବୁଙ୍କ ପତଣ୍ଡା ସ୍ଥିତ ଘରେ ପହଞ୍ଚି ଶୋକ ସଂତପ୍ତ ପରିବାର, ବୃଦ୍ଧା ମାଆ,ଧର୍ମପତ୍ନୀଙ୍କୁ ସାନ୍ତ୍ୱନା ଦେଇଥିଲେ ।ପରେ ସେଠାରୁ ଆସି ସ୍ୱର୍ଗତ ବସନ୍ତ ବାବୁଙ୍କ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ସ୍ଥଳ ରେ ପହଂଚି ସ୍ୱର୍ଗତ ବସନ୍ତ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ଉତ୍ସବରେ ସ୍ୱର୍ଗତ ବସନ୍ତ ବାବୁଙ୍କ ପରିବାର, ଶୁଭେଚ୍ଛୁ, ବିଭିନ୍ନ ଜିଲ୍ଲାର ବହୁ ବିଜେପି କର୍ମକର୍ତ୍ତାଙ୍କ ସହ ବହୁ ଜନସାଧାରଣ ଯୋଗ ଦେଇଥିଲେ। ସେହିପରି ସଡ଼କପଥରେ ବାଚସ୍ପତି ଶ୍ରୀମତି ସୁରମା ପାଢ଼ୀ ସ୍ୱର୍ଗତ ପାଣିଗ୍ରାହୀଙ୍କ ଜନ୍ମ ମାଟି ପାତଣ୍ଡା ଗ୍ରାମରେ ପହଂଚି ଶୋକ ସଂତପ୍ତ ପରିବାର ଙ୍କ ନିକଟରେ ପହଂଚି ସାନ୍ତ୍ୱନା ଦେଇଥିବା ବେଳେ ସ୍ୱର୍ଗତ ପାଣିଗ୍ରାହୀ ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ଗତ ୨୧ ତାରିଖ ଦିନ ସ୍ୱର୍ଗତ ପାଣିଗ୍ରାହୀ ଙ୍କ ହୃଦଘାତ ରେ ଦେହାନ୍ତ ହୋଇଥିଲା । ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ଙ୍କ ଗସ୍ତ କୁ ଦୃଷ୍ଟି ରେ ରଖି ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

ଅଂଶୁଘାତରେ ଶିକ୍ଷକଙ୍କମୃତ୍ୟୁ ଅଭିଯୋଗ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ତିଳକଣା ପଞ୍ଚାୟତ ଦେମାଣ୍ଡୋ ଠାରେ ଥିବା ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା(କ୍ରୀଡ଼ା)ଶିକ୍ଷକ ଅକ୍ଷୟ କୁମାର ବେହେରାଙ୍କ ଶୁକ୍ରବାର ଦିନ ଅକାଳ ବିୟୋଗ ଘଟିଛି । ବର୍ତ୍ତମାନ ଚାଲିଥିବା ଡ୍ରପ୍ଆଉଟ୍ ବିଦ୍ୟାର୍ଥୀଙ୍କର ସର୍ଭେ କାର୍ଯ୍ୟରେ ସେ ଯୋଗ ଦେଇ ଘର ଘର ବୁଲି ସର୍ଭେ କରୁଥିଲେ । ପ୍ରବଳ ଗ୍ରୀଷ୍ମ ସହିତ ଗୁଳୁଗୁଳି ଯୋଗୁଁ ସର୍ଭେ କରିବା ସମୟରେ ସେ ହଠାତ୍ ଅସୁସ୍ଥ ହୋଇଥିଲେ । ତାଙ୍କୁ ଉଧାର କରାଯାଇ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଥିବା ବେଳେ ଅବସ୍ଥା ଉଦବେଗଜନକ ଥିବାରୁ ଡ଼ାକ୍ତର ତାଙ୍କୁ କଟକ ବଡ଼ମେଡ଼ିକାଲ ପଠାଇଥିଲେ ।

ଆନ୍ତର୍ଜାତୀୟ ଶ୍ରମ ଦିବସ ପାଳିତ

ନୟାଗଡ଼,(ସବ୍ୟୁ): ନୟାଗଡ଼ ରେ ଆନ୍ତର୍ଜାତୀୟ ଶ୍ରମ ଦିବସ ପାଳିତ ହୋଇଛି। ଏଥିରେ ନିର୍ମାଣ ଶ୍ରମିକ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ଉପଭୋକ୍ତାଙ୍କ କିବାଶ ଲାଗି ପ୍ରଣୟନ ଯୋଜନା ଓ ତାର ଉପକାରିତା ସଂପର୍କରେ ଆଲୋଚନା କରାଯାଇଥିଲା। ସମାରୋହରେ ୩୬୭ ଜଣ ଶ୍ରମିକଙ୍କୁ ବିଭିନ୍ନ ଯୋଜନାରେ ୨ କୋଟି ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସରକାରୀ ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ନୟାଗଡ଼ ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଶ୍ରମ ଦିବସରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କୁଶଳୀ ତଥା ଅଣକୁଶଳୀ ନିର୍ମାଣ ଶ୍ରମିକଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଚଂଳି ମାଛଖଣ୍ଡ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ

କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଶ୍ରମ ଦିବସର ତାପର୍ଯ୍ୟତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକ ଅଚଂଳର ୩୬୭ ଜଣ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଯୋଜନାରେ ୨ କୋଟି, ୧୨ ଲକ୍ଷ ୧୫ ହଜାର ୨ ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରମିକ ସଚେତନତା ଭି?କ କ୍ଷ୍ୟୁଦ୍ର ନାଟକ ପରିବେଷଣ ହୋଇଥିଲା। ବହୁ ସଂଖ୍ୟାରେ ଶ୍ରମିକ ଓ ଟ୍ରେଡ଼ ୟୁନିୟନ କର୍ମକ?ା ଯୋଗ ଦେଇଥିଲେ। ଜିଲ୍ଲା ଶ୍ରମ କଲ୍ୟାଣ ଅଧିକାରୀ ଚି?ରଂଜନ ରାଉତ ସମାରୋହ ସଂଯୋଜନା କରିଥିଲେ।

ଦୁଇ ପିଏମଶ୍ରୀ ସ୍କୁଲରେ ପାଇଲେନି ଏ-୧

ଖଣ୍ଡପଡା,(ସବ୍ୟୁ):ଶିକ୍ଷାନୁଷ୍ଠାନ ଗୁଡିକର ଭିତିଭୂମି ବିକାଶ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡିକୁ କୋଟି କୋଟି ଟଙ୍କାର ଅନୁଦାନ ଅର୍ଥ ଯୋଗାଇ ଦେଉଛନ୍ତି । ଅନୁଦାନ ଅର୍ଥ ୫-ଟି ଯୋଜନାରେ ବିନିଯୋଗ ପରେ ଏବେ ପିଏମଶ୍ରୀ ଯୋଜନାରେ ଖଣ୍ଡପଡା ବ୍ଲକର ୨ଟି ବିଦ୍ୟାଳୟକୁ ଅର୍ନ୍ତଭୁକ୍ତ କରାଯାଇଛି । ଖଣ୍ଡପଡା ସହରସ୍ଥିତ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ବେଣାଗାଡିଆ ଗ୍ରାମସ୍ଥିତ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ, ପିଏମଶ୍ରୀର ମାନ୍ୟତା ପାଇଥିଲେ ହେଁ ଉକ୍ତ ୨ଟି ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନରେ କର୍ତୃପକ୍ଷ କ୍ରମାଗତ ଭାବେ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି । ଫଳସ୍ୱରୁପ ଗତ ୪ ବର୍ଷ ଧରି ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳାଫଳ ଅନୁଯାୟୀ ଉକ୍ତ ୨ଟି ବିଦ୍ୟାଳୟର କେହି ହେଲେ ଛାତ୍ରଛାତ୍ରୀ ଏ-୧ ଗ୍ରେଡରେ ପାସ ନକରିବାକୁ ନେଇ ବୁଦ୍ଧିଜୀବି ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ଏକଦା ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରି ବିଦ୍ୟାଳୟ ପାଇଁ ସୁନାମ ଆଣିଥିବା ବେଳେ ଗତ ୪ ବର୍ଷ ମଧ୍ୟରେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି । ଏ ସପର୍କରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଲିପ୍ସା ନନ୍ଦଙ୍କୁ ପଚାରିବାରେ ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ ସାଙ୍ଗକୁ ଉଚ୍ଚ କର୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ବିଦ୍ୟାଳୟରେ ବର୍ଷ ତମାମ ସଚେତନତା କାର୍ଯ୍ୟକ୍ରମ, ସଭା ସମିତି, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଯୋଗୁଁ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନରେ ସମସ୍ୟା ସୃଷ୍ଟି ହେଉଥିବା ନେଇ ମତ ରଖିଥିଲେ । ତେବେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ପ୍ରକାଶିତ ଫଳାଫଳକୁ ନେଇ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କ ସହ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏ ସଂପର୍କରେ ପୁଙ୍ଖାନୁପୁଖ ଆଲୋଚନା କରାଯାଇଥିବା ପ୍ରଧାନ ଶିକ୍ଷୟତ୍ରୀ ସୂଚନା ଦେଇଛନ୍ତି । ତେବେ ମୋଟାମୋଟି ଭାବେ ପିଏମଶ୍ରୀ ମାନ୍ୟତା ପ୍ରାପ୍ତ ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷା ବିଭାଗ ଉଚ୍ଚ କର୍ତୃପକ୍ଷ ଓ ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ବାଲିଘାଟରେ ଚଢାଉ : ମେସିନ୍ ସହ ହାଇୱା ଗାଡ଼ି ଜବତ

ବାଙ୍କୀ ,(ସବ୍ୟୁ) :ମହାନଦୀରୁ ବିଭିନ୍ନ ଘାଟରୁ ବାଲି ଚୋରା ଚାଲାଣ ହେଉଥିବାର ଅଭିଯୋଗ ହୋଇ ଆସୁଥିଲା।ହେଲେ ବାଙ୍କୀ ତହସିଲ ଅନ୍ତର୍ଗତ ଓସ୍ତିଆ ବାଲିଘାଟ ରେଛ ଲିଜଧାରୀ ଲିଜ ନେଇଥିବା ଘାଟରୁ ବାଲି ଉଠାଣ ନ କରି ଅନ୍ୟତ୍ର ଉଠାଣ ଅର୍ଥାତ ମହାନଦୀ ବନ୍ଧକୁ ସୁବର୍ଣ୍ଣପୁର ଠାରେ କାଟି ବାଲି ଉଠାଣ କରିବାରୁ ବହୁ ବାର ଅଭିଯୋଗ ହୋଇ ଆସୁଥିଲା। ମାତ୍ର ଲିଜଧାରୀ ସମସ୍ତ ନିୟମ କାନୁନ୍‌କୁ ଫୁ କରି ବେଧଡକ ବାଲି ଚୋରା ଚାଲାଣ କରୁଥିବା ବେଳେ ଗୁରୁବାର ରାତିରେ କଟକ ଖଣି ବିଭାଗ ଅଧିକାରୀ, ବାଙ୍କୀ ପୋଲିସ ପହଞ୍ଚି ବାଲି ଉତ୍ତୋଳନ କରୁଥିବା ପ୍ରୋକୋଲିନ ମେସିନ କୁ ଜବତ କରି ବାଙ୍କୀ ଥାନା ରେ ରଖା ଯାଇଛି। ମହାନଦୀ ମଧ୍ୟ ଭାଗରେ ବାଲି ଭର୍ତ୍ତି ହୋଇଥିବା ହାଇୱା କୁ ମଧ୍ୟ ଜବତ କରିଛି ଖଣି ବିଭାଗ। ବାଲି ଘାଟ ରାସ୍ତାକୁ ସାତ ଫୁଟ ଓସାରର ଖୋଳା ଯାଇ ରାସ୍ତାକୁ ବିଚ୍ଛିନ୍ନ କରାଯାଇଅଛିଛ ଅପରାହ୍ନ ରେ ବାଙ୍କୀ ତହସିଲଦାର ଅଶେଷ କୁମାର୍ ନାୟକ ପହଞ୍ଚି ଘାଟ ବାହାରେ ଗଚ୍ଛିତ ଥିବା ବାଲି କୁ ନିଲାମ କରିବାକୁ ଉଦ୍ୟମ କରିଛନ୍ତି। ଓସ୍ତିଆ ବାଲିଘାଟର ଲିଜଧାରୀ ଚିନ୍ମୟୀ ମୁଦୁଲି ଲିଜ ନେଇଥିବା ସ୍ଥାନକୁ ଚିହ୍ନଟ କରା ଯାଇ ସେହି ଠାରୁ ବାଲି ଉଠାଣ କରାଯିବା ପାଇଁ ରାଜସ୍ୱ ନିରୀକ୍ଷକ ଓ କର୍ମଚାରି ପହଞ୍ଚି ମାପ ଚୁପ୍ ଆରମ୍ଭ କରିଛନ୍ତି ।ତେବେ ଲିଜଧାରୀ ସୁବର୍ଣ୍ଣପୁର ଘାଟରୁ ବାଲି ଉଠାଣ ନ କରି ଓସ୍ତୀଆ ବାଲିଘାଟରୁ ବାଲି ଉଠାଣ କରିବା ପାଇଁ ସାଧାରଣ ରେ ଦାବି ହେଉଛି ।

ନିରତାର ରାସ୍ତାରୁ ପୁଣି ଜବରଦଖଲ ଉଚ୍ଛେଦ

କଣ୍ଟାପଡ଼ା, (ସବ୍ୟୁ) : ଜିଲା ପ୍ରଶାସନ ପକ୍ଷରୁ କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଓଲଟପୁରଠାରେ ଥିବା ଏସଭି ନିରତାରକୁ ସଂଯୋଗକାରୀ ମୁଖ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ହୋଇଛି। ଶନିବାର ଜିଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେଙ୍କ ଉପସ୍ଥିତିରେ ଏହି କାର୍ଯ ସମ୍ପନ୍ନ ହୋଇଥିଲା। ଫୁଲନଖରା-ନିଆଳି ୬୦ନମ୍ବର ରାଜ ରାଜପଥର ବାଇରୋଇ ବଜାରଠାରୁ ଏସଭି ନିରତାରକୁ ସଂଯୋଗକାରୀ ଏକମାତ୍ର ରାସ୍ତା ଇତି ମଧରେ ସମ୍ପ୍ରସାରଣ ହୋଇଛି। ମାତ୍ର ନିରତାର ନିକଟ ରାସ୍ତା ପାର୍ଶ୍ୱରେ ସଂଖାଧିକ ଅସ୍ଥାୟୀ ଦୋକାନ ଗଢ଼ିଉଠିବାରୁ ରୋଗୀବୁହା ଯାନ ସମେତ ପ୍ରଶାସନିକ ଅଧିକାରୀଙ୍କ ଗାଡ଼ି ଓ ପାରା ମେଡ଼ିକାଲ ବସ ଆଦି ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଗତ ୨୦୨୨ ମସିହା ମେ ମାସରେ ପ୍ରଶାସନ ପକ୍ଷରୁ ରାସ୍ତା ଅବରୋଧକାରୀଙ୍କୁ ହଟାଇ ଦିଆଯାଇଥିଲା ମାତ୍ର ପୁନର୍ବାର ସେମାନେ ରାସ୍ତା ପାର୍ଶ୍ୱରେ ବବସାୟ ଆରମ୍ଭ କରିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଲା। ଏହାକୁ ଦୃଷ୍ଟିରେ ରଖି କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କ ନେତୃତ୍ୱରେ ଜବର ଦଖଲ ଉଚ୍ଛେଦ ହୋଇଛି। ପ୍ରାୟ ୧୫ଟି ଦୋକାନକୁ ଆଜି ଜେସିବି ମେସିନ ସହାୟତାରେ ଭାଙ୍ଗି ଦିଆଯାଇଛି। ଓଲଟପୁର ଥାନା ପୁଲିସ ଉଚ୍ଛେଦ ସମୟରେ ଉପସ୍ଥିତ ଥିଲେ।

ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀକୁ ସୁରଭି ପ୍ରତିଭା ସମ୍ମାନ

ଫୁଲନଖରା ,(ସବ୍ୟୁ) :କଟକ ସଦର ବାରଙ୍ଗବ୍ଲକ ଅନ୍ତର୍ଗତ ଗୁଆଳି ସୂର୍ଯ୍ୟ ଗୁରୁକୁଳରେ ନୃତ୍ୟ ଗୁରୁ ସଂଗୀତା ଛୋଟରାୟଙ୍କ ଦ୍ୱାରା ନୃତ୍ୟ ଶିକ୍ଷା କରୁଥିବା ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ କାଣ୍ଡି ଭୁବନେଶ୍ୱର ଏକାମ୍ର ନୃତ୍ୟ ମହୋତ୍ସବରେ ସୁରଭି ଅନୁଷ୍ଠାନ ତରଫରୁ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗ ମଞ୍ଚରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ଶ୍ରେଣୀରେ ମନୋନିତ ହୋଇ ' ସୁରଭି ପ୍ରତିଭା ସମ୍ମାନ ' ପାଇଛନ୍ତି ।ଗୁଆଳୀ (ବାଲିଚତୁରୀ)ମୌଜାର ପିତା ଜର୍ମାନ କାଣ୍ଡୀ ଓ ମାତା ସବିତାଙ୍କ କନ୍ୟା ଶୁଭଲକ୍ଷ୍ମୀ ବର୍ତ୍ତମାନ ପଞ୍ଚବଟୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ମନ୍ଦିରରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରିବା ସହିତ ନୃତ୍ୟ କଳାପ୍ରତି ରୁଚି ରଖିବା ଦ୍ୱାରା ଅଞ୍ଚଳର କଳାପ୍ରେମୀ ମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପାଇପ ଫାଟି ପାନୀୟ ଜଳ ଯୋଗାଣ ବନ୍ଦ

ସାକ୍ଷୀଗୋପାଳ ,(ସବ୍ୟୁ) :ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳ ପୁର ପଞ୍ଚାୟତର ଭାର୍ଗବୀ ନଦୀ ଓ ବିଭୁତି ଦଣ୍ଡା ନିକଟରେ ସତ୍ୟବାଦୀ ବ୍ଲକର ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅବସ୍ଥିତ। ଏହି ପ୍ରକଳ୍ପରୁ ସତ୍ୟବାଦୀ ବ୍ଲକର ୧୪ ଗୋଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ହେଉଅଛି । ଗତ ଏପ୍ରିଲ ମାସ ୨୯ ତାରିଖ ଠାରୁ ଏହି ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣ ବନ୍ଦ ରହିଅଛି । ଫଳରେ ଏହି ପାନୀୟ ଜଳ ପ୍ରକଳ୍ପ ଉପରେ ପାନୀୟ ଜଳ ନିମନ୍ତେ ନିଭରଶୀଳ ୧୪ ଗୋଟି ପଞ୍ଚାୟତର ଲକ୍ଷାଧିକ ବ୍ୟକ୍ତି ଓ ବଜାର ଅଞ୍ଚଳର ବ୍ୟବସାୟୀ ମାନେ ଗତ ୫ ଦିନ ଧରି ପାନୀୟ ଜଳ ପାଇ ପାରିନାହାନ୍ତି ।ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବାରୁ ସ୍ଥାନୀୟ ଜନସାଧାରଣ ଚଳିତ ଗ୍ରୀଷ୍ମ ପ୍ରବାହ ସମୟରେ ପାନୀୟ ଜଳ ନିମନ୍ତେ ହଇରାଣ ହେଉଛନ୍ତି ।ଅନୁସନ୍ଧାନରୁ ଜଣା ପଡ଼ିଅଛି, ଏହି ପ୍ରକଳ୍ପର ମୁଖ୍ୟ ପାଇପ ବରାଳ ନିକଟସ୍ଥ ମୁନିନ୍ଦା ଓ ପଟ୍ଟନାୟିକିଆ ନିକଟସ୍ଥ ମାନ ପୁର ଠାରେ ଦୁଇ ଗୋଟି ସ୍ଥାନରେ ଫାଟି ଯାଇଅଛି । ଏହି ଉଭୟ ସ୍ଥାନରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସାକ୍ଷୀଗୋପାଳ କାର୍ଯ୍ୟାଳୟ ତରଫରୁ ମରାମତି ଚାଲିଛି । ମରାମତି ଶେଷ ହେବା ପରେ ଜଳ ଯୋଗାଣ ଆରମ୍ଭ ହେବ ବୋଲି ଜଣା ପଡ଼ିଛି। ଶନିବାର ଦିନ ବିଭାଗୀୟ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଉଭୟ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ ବୋଲି ଜଣା ପଡ଼ିଛି।ତୁରନ୍ତ ମରାମତି ଶେଷ କରି ଜଳ ଯୋଗାଣ ସ୍ୱାଭାବିକ କରିବା ନିମନ୍ତେ ସ୍ଥାନୀୟ ଜନସାଧାରଣ ଦାବୀ କରିଛନ୍ତି ।

ଶୁଭମ ପାଇବେ ଅଂଜଳି ମିଶ୍ର ସ୍ମୃତି ପୁରସ୍କାର

ଖଣ୍ଡପଡା,(ସବ୍ୟୁ) :ଚଳିତ ବର୍ଷ ଖଣ୍ଡପଡା ବ୍ଲକସ୍ତରରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ୫୪୭ ନମ୍ବର ରଖିଥିବା ଛାତ୍ର ଶୁଭମ ରାଉତଙ୍କୁ ଅଂଜଳି ମିଶ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି । ଏ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଶୁଭମଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅଂଜଳି ମିଶ୍ର ସ୍ମୃତି କମିଟି ପକ୍ଷରୁ ସୂଚନା ମିଳିଛି । ପ୍ରକାଶଥାଉକି ଗତ ୨୦୦୩ ମସିହାରୁ ପ୍ରତିବର୍ଷ ଦିର୍ଘ ୨୩ ବର୍ଷ ଧରି ଖଣ୍ଡପଡା ବ୍ଲକସ୍ତରରେ ମାଟ୍ରିକ ଟପ୍ପର ମାନଙ୍କୁ ଉତ୍ସାହିତ କରିବା ପାଇଁ ପୁରସ୍କାର ପ୍ରଦାନ କରାଯାଉଥିବା ଜଣାପଡିଛି ।

ବିଭିନ୍ନ ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ସଫଳତା

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି।ଚଳିତ ବର୍ଷ ପରୀକ୍ଷାରେ କମାଗୁରୁ ମୋଟ ୬୬ ଜଣ ପରୀକ୍ଷା ଦେଇଥିଲେ। ଏ-୧ ରେ ଆର୍ଯ୍ୟ ପ୍ରସାଦ ପାଇକରାୟ ୫୪୬ ମାର୍କ ରଖିଥିବାବେଳେ ଏ-୨ରେ ୩ ଜଣ ,ବି-୧ରେ ୫ ଜଣ, ବ-୨ରେ ୧୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଂକିଆ ଭଗବତ ଦେବ ବିଦ୍ୟାପୀଠ ର ୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିରୁ ଏ-୨ ରେ ୨ ଜଣ, ବ-୧ ରେ ୪ ଜଣ ଓ ବି-୨ରେ ୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୋଳବାଇ ଭଗବତୀ ସରକାରୀ ହାଇସ୍କୁଲର ସମୁଦାୟ ୯୫ ଜଣ ପରୀକ୍ଷା ଦେଇଥିବାବେଳେ ଏ-୨ରେ ଜଣେ , ବି -୧ରେ ୧୨ ଜଣ ଓ ବି-୨ରେ ୧୪ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଛଣଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ୫୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୬ ଜଣ ପାସ କରିଛନ୍ତି।ସେଥିରୁ ଏ-୨ ରେ ୪ ଜଣ, ବ-୧ ରେ ୧୧ ଜଣ , ବି - ୨ ରେ ୧୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଡମଣଭୂମି ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୪ ଜଣ ପରୀକ୍ଷାର୍ଥୀରୁ ୪୪ ଜଣ ପାସ କରି ଶତକଡା ଶତ ପ୍ରତିଶତ ସଫଳତା ହାସଲ କରିଛି।

ଫକୀର ହରିଚନ୍ଦନଙ୍କ ଜନ୍ମ ଶତାବ୍ଦୀ ସମାପନ ଉତ୍ସବ

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକ୍ ନାନକେରା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ସ୍ୱର୍ଗତ ବାଗ୍ମି ଫକୀର ହରିଚନ୍ଦନଙ୍କ ଜନ୍ମ ଶତାବ୍ଦୀ ସମାପନ ସମାରୋହ ଉତ୍ସବ କଣାସ ବ୍ଲକ୍ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଫକୀର ହରିଚନ୍ଦନ ଫାଉଣ୍ଡେସନର ସଭାପତି ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଖଣ୍ଡପଡ଼ା ପୂର୍ବତନ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ଯୋଗଦେଇଥିଲେ । ସମ୍ମାନୀତ ଅତିଥିଭାବେ ପୂର୍ବତନ ବିଧାୟକ ତଥା ମିଳିତ ଓଡ଼ିଶା ନିଶାନିବରଣ ଅଭିଯାନର ଆବାହକ ପଦ୍ମଚରଣ ନାୟକ,ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ,ରମରଞ୍ଜନ ବଳିଆରସିଂହ,ଖୋର୍ଦ୍ଧା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ,ଜଟଣୀ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ସନ୍ଧ୍ୟାବତୀ ପ୍ରଧାନ,ବରିଷ୍ଠ ପ୍ରଶାସନିକ ଅଧିକାରୀ ସହଦେବ ଜୟସିଂହ,କଣାସ ବ୍ଲକ୍ ଅଧକ୍ଷା ପ୍ରଭାତୀ ରାଉତ,ଉପାଧକ୍ଷ ଅଭିମନ୍ୟୁ ଜୟସିଂହ,କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି,ଲେଖକ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ । ।ପ୍ରଥମେ ସ୍ୱର୍ଗତ ଫକୀର ହରିଚନ୍ଦନଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପୂର୍ବତନ ବିଧାୟକ ତଥା ମିଳିତ ଓଡ଼ିଶା ନିଶାନିବରଣ ଅଭିଯାନର ଆବାହକ ବର୍ଷୀୟାନ ପଦ୍ମଚରଣ ନାୟକଙ୍କୁ ଫକୀର ହରିଚନ୍ଦନ ଫାଉଣ୍ଡେସନ ତରଫରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା ।ବରେଣ୍ୟ ଅତିଥିମାନେ କହିଥିଲେ ସ୍ୱର୍ଗତ ଫକୀର ହରିଚନ୍ଦନ ଜଣେ ଏକା ଧାରାରେ ସାହିତ୍ୟିକ,ଗାଳ୍ପିକ, ରଜନିତୀଜ୍ଞ, ନାଟ୍ୟକାର,ସଂସ୍କାରକ,ଶିକ୍ଷାବିତ ଓ ସମାଜସେବୀ ଭାବେ କଣାସ ଅଞ୍ଚଳ ପାଇଁ ତାଙ୍କର ଅବଦାନ ଅତୁଳନୀୟ ।ସେ ଯେଉଁ ଦିଗ ଦର୍ଶନ ଦେଇଯାଇଛନ୍ତି ସେଥିରେ ଆଜିର ଯୁବପିଢି ଅନୁପ୍ରାଣିତ ହୋଇ ଏହାକୁ କାର୍ଯ୍ୟକାରୀ କଲେ ସମାଜର ଅନେକ ବିକାଶ ହେବା ସଙ୍ଗେ ସଙ୍ଗେ ସ୍ୱର୍ଗତ ହରିଚନ୍ଦନଙ୍କ ଅଧୁରା ଅଭିଳାଷ ପୂର୍ଣ୍ଣ ହୋଇପାରିବ ।ସଭାର ମୁଖ୍ୟ ଆକର୍ଷଣ ତଥା ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକ ତାଙ୍କର ବହୁମୂଲ୍ୟ ଭାଷଣରେ କଣାସ ଅଞ୍ଚଳର ବିକାଶ ପୁରୁଷ ଫକୀର ହରିଚନ୍ଦନଙ୍କ ଜୀବନୀ ଉପରେ ବିଶେଷ ଭାବେ ଆଲୋକପାତ କରିଥିଲେ। ।ସେ କହିଥିଲେ ଆଜିର ପବିତ୍ର ଅକ୍ଷୟତୃତୀୟା ଦିବସରେ ସମସ୍ତେ ଶପଥ ନେବା ଦରକାର କଣାସ ଅଂଚଳରୁ ସମ୍ପୂର୍ଣ ନିଶା ମୁକ୍ତ କରାଗଲେ ସମାଜ ତଥା ଅଞ୍ଚଳର ବିକାଶ ଧାରା ଆଗକୁ ଯାଇପାରିବ ।ନାଏହି କାର୍ଯ୍ୟକ୍ରମରକୁ ସ୍ୱର୍ଗତ ଫକୀର ହରିଚନ୍ଦନଙ୍କ ସୁପୁତ୍ର ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରସାଦ ହରିଚନ୍ଦନ ଓ ଡକ୍ଟର ପ୍ରଦୀପ ହରିଚନ୍ଦନ ଆୟୋଜନ କରିଥିବା ବେଳେ ମଞ୍ଚ ସଞ୍ଚାଳନା କରିଥିଲେ ଉପସ୍ଥାପିକା ମଧୁମିତା ।

ଆର୍ଯ୍ୟ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨ ଛାତ୍ରୀ ଏ-୧

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରକାରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଆର୍ଯ୍ୟ ବିହାର ଛାତ୍ର ଛାତ୍ରୀ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ଳିତ ବର୍ଷ ପରୀକ୍ଷାରେ ମୋଟ ୬୭ ଜଣ ପରୀକ୍ଷା ଦେଇଥିଲେ। ଏୱାନରେ ୨ଜଣ, ଏ-୨ରେ ୬ ଜଣ ,ବି-୧ ରେ ୨୦, ବି-୨ ରେ ୨୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ ୱାନରେ ଦେବାଶ୍ରୀତା ମିଶ୍ର ଓ ସମୀକ୍ଷା ମିଶ୍ର ଉତ୍ତୀର୍ଣ୍ଣ ହୋଇ ବିଦ୍ୟାମନ୍ଦିର ମାନ ବୃଦ୍ଧି କରିଛନ୍ତି। ସମସ୍ତ ଛାତ୍ରଛାତ୍ରୀ କୃତିତ୍ୱ ର ସହ ଉତ୍ତୀର୍ଣ୍ଣ ହୋଇ ଥିବାରୁ ବିଦ୍ୟାମନ୍ଦିର ର ସମ୍ପାଦକ ବିଭୁତି ଭୂଷଣ ଆଚାର୍ଯ୍ୟ,ପ୍ରଧାନ ଶିକ୍ଷକ ନଳିନୀ ରଥ ଓ ସମସ୍ତ ଗୁରୁଜୀ ଗୁରୁମା ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ଙ୍କୁ ଅଭିନନ୍ଦନ ଜଣାଇଛନ୍ତିଛ।ସହିପରି ନିରାକାରପୁର କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବି-୧ରେ ୪ ଜଣ, ବି-୨ରେ ୧୬ ଜଣ , ସି ରେ ୫୧ ଜଣ ଓ ଡି ରେ ୩୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସୁନ୍ଦରଗ୍ରାମରେ ଖୋଲିଲା ଉପ ସ୍ୱାସ୍ଥକେନ୍ଦ୍ର

କଣ୍ଟାପଡ଼ା, (ସବ୍ୟୁ) :କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ସରକାରୀ ଉପ ସ୍ୱାସ୍ଥକେନ୍ଦ୍ର କାର୍ଯକ୍ଷମ ହୋଇଛି। ନିଆଳି ବିଧାୟକ ଇଂ.ଛବି ମଲିକ ମୁଖ ଅତିଥିଭାବେ ଯୋଗଦେଇ ଶନିବାର ପୂର୍ବାହ୍ନରେ ଏହାକୁ ଉଦଘାଟନ କରିଛନ୍ତି। ଆୟୁଷ୍ମାନ ଆରୋଗ ମନ୍ଦିର ଅନ୍ତର୍ଗତ ଏହି ଉଦଘାଟନୀ ଉତ୍ସବ ଅବସରରେ ବିଜେପି ଯୁବ ସଂଗଠକ ବିପିନ ବେହେରା, ବାଗଲପୁର ସରପଞ୍ଚ ଜୋତ୍ସ୍ନାରାଣୀ ସେଠୀ, କୈଳାସଚନ୍ଦ୍ର ଦାଶ, ସହକାରୀ ଯନ୍ତ୍ରୀ ଇଂ.ଧନଂଜୟ ସାମଲ, କାପଡ଼ା ବିଡ଼ିଓ ସ୍ୱପ୍ନିତା ନାୟକ, ଅଶୋକକୁମାର ରଥ, ତୁଷାରକାନ୍ତ ରାଉତରାୟ, ବେଣୁଧର ଜଟ୍ଟ ଓ ଦଳୀୟ କର୍ମୀ ତଥା ସ୍ୱାସ୍ଥ କର୍ମଚାରୀ, ଏଏନଏମ, ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କେନ୍ଦ୍ରଦ୍ୱାରା ସୁନ୍ଦରଗ୍ରାମ, ପିଙ୍ଗାପଡ଼ା, ବଡ଼ଝରିଲୋ, ଚିଳପୁର, ଖଣ୍ଡିଆରୀପୁର, ଗୋପାଳଗର, ବାଗଲପୁର ଓ ଦେଉଳୀ ପ୍ରଭୃତି ଅଞ୍ଚଳର ଲୋକମାନେ ସ୍ୱାସ୍ଥ ସେବା ପାଇପାରିବେ। ଆଜିର ଏହି ସ୍ୱାସ୍ଥକେନ୍ଦ୍ର କାର୍ଯକ୍ଷମକୁ ନେଇ ସମ୍ପୃକ୍ତ ଅଞ୍ଚଳର ଲୋକମାନଙ୍କ ମଧରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି।

ନୀରିହ ବ୍ୟକ୍ତିଙ୍କ ସ୍ଥିତିବାନ ଜମିକୁ ନିଜ ନାମରେ କରିବା ପାଇଁ ଷଡ଼ଯନ୍ତ୍ର

ନ୍ୟାୟ ପାଇଁ ନଟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ

କୋଣାର୍କ,(ସବ୍ୟୁ) :କୋଣାର୍କ ଥାନା ଅଧିନସ୍ଥ କୁରୁଜଙ୍ଗ ଗ୍ରାମପଞ୍ଚାୟତର ତାଳସୁଆଁ ଗ୍ରାମର ନଟବର ଜେନାଙ୍କ ପୈତୃକ ସ୍ଥିତିବାନ ଜମିକୁ ହଡପ କରିବା ପାଇଁ କୁରୁମ ଗ୍ରାମର ଜୈନିକ ବ୍ୟକ୍ତି ଷଡଯନ୍ତ୍ର କରୁଥିବା ନେଇ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଛି। ତଥାପି ସପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଥିବାରୁ ନ୍ୟାୟ ପାଇଁ ନଟବର ଜେନାଙ୍କ ପୁଅ ସୁନିଲ କୁମାର ଜେନା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଖବରରୁ ପ୍ରକାଶ ଯେ କୋଣାର୍କ ଥାନା ଅଧିନସ୍ଥ ତାଳସୁଆଁ ଗ୍ରାମର ନଟବର ଜେନାଙ୍କ ପଡୋଶୀ ଗ୍ରାମ କୁରୁମ ଠାରେ ପ୍ଲଟ ନଂ ୧୪,ପ୍ଲଟ ନଂ - ୨୦,ପ୍ଲଟନଂ-୭୦,ପ୍ଲଟ ନଂ - ୮୨ ଓ ପ୍ଲଟନଂ-୧୦୧ ରେ ମୋଟ ୫୬ ଡିସିମିଲ ସ୍ଥିତିବାନ ସମ୍ପତ୍ତି ରହିଛି। ନଟବର ଜେନାଙ୍କ କୁରୁମ ଗ୍ରାମ ଠାରେ ଥିବା ପୈତୃକ ସମ୍ପତ୍ତିକୁ କୁରୁମ ଗ୍ରାମର ଭାସ୍କର ପ୍ରଧାନ ଦୀର୍ଘଦିନ ଧରି ଜବରଦଖଲ କରି ଚାଷ କରି ଆସୁଛନ୍ତି ବୋଲି ଗତ ଏପ୍ରିଲ ୨୨ ତାରିଖରେ ନଟବର ଜେନା କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପତ୍ରରେ ନଟବର ଦର୍ଶାଇଛନ୍ତି ଯେ ଚଳିତବର୍ଷ ଭାସ୍କର ପ୍ରଧାନ ଙ୍କ ଦ୍ୱାରା ବେଆଇନ ଦଖଲ କରାଯାଇଥିବା ଜମିରେ ଚାଷ ନ କରିବା ପାଇଁ ମୋର ପୁଅ ସୁନିଲ ଜେନା ବାରଣ କରିବାରେ ଏଥିରେ ରାଗିଯାଇ ଭାସ୍କର ମୋ ପୁଅକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଆମ୍ଭର ପରିବାର ସଦସ୍ୟଙ୍କୁ ଜୀବନରେ ମାରି ଦେବା ପାଇଁ ଧମକ ଦେଇଥିବା ନେଇ ନଟବର ଜେନା ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ଘଟଣା ପ୍ରତି କୋଣାର୍କ ପୋଲିସ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ନ୍ୟାୟ ପାଇଁ ନଟବର ଜେନାଙ୍କ ପୁଅ ସୁନିଲ କୁମାର ଜେନା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତ। ଏଠାରେ ସୂଚନାଯୋଗ୍ୟ ନଟବର ଜେନା ଜଣେ ହୃଦରୋଗୀ ହୋଇ ଥିବାରୁ ଜମି ଜବରଦଖଲ କରିଥିବା ଭାସ୍କର ପ୍ରଧାନଙ୍କ ଧମକ ଚମକ ଯୋଗୁଁ ଭୟଭୀତ ହୋଇ ହୃଦରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିବା ପୁଅ ସୁନିଲ ଜେନା କହିଛନ୍ତି। ଉକ୍ତ ପରିବାର ସଦସ୍ୟଙ୍କ ସୁରକ୍ଷା ପ୍ରଦାନ କରିବା ସହିତ ଜବରଦଖଲ ହୋଇଥିବା ସ୍ଥିତିବାନ ଜମିକୁ ଆଇନଗତ ପ୍ରକ୍ରିୟା ମାଧମରେ ଫେରାଇବାକୁ ନଟବର ଜେନାଙ୍କ ପୁଅ ସୁନିଲ କୁମାର ଜେନା ମାନ୍ୟବର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଆଇଜି କଟକ, ପୁରୀ ଏସପି, ପୁରୀ ଜିଲ୍ଲାପାଳଙ୍କୁ ଆକୁଳ ନିବେଦନ କରିଛନ୍ତି।

ସାମାଜିକ ସଂଗଠନ ବିସିଟିର ବହୁବିଧ ସେବାକାର୍ଯ୍ୟ

ଫୁଲନଖରା ,(ସବ୍ୟୁ): ଅଗ୍ରଣୀ ସାମାଜିକ ସଂଗଠନ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ,ଓଡ଼ିଶା(ବିସିଟି) ରକ୍ତଦାନ ସହ ବହୁବିଧ ସେବାରେ ବ୍ରତୀ । ଅସହାୟ ଲୋକମାନଙ୍କ ସହ କର୍କଟ ରୋଗୀଙ୍କ ସେବା,ରକ୍ତଦାନ ଶିବିର,ଅଙ୍ଗଦାନ ସଚେତନତା, ପରିବେଶ ସୁରକ୍ଷା,କମ୍ବଳ ଓ ଖାଦ୍ୟ ବଣ୍ଟନ,ନିୟମିତ ଏସସିବି କଟକ ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ରୋଗୀଙ୍କୁ ରକ୍ତ ଯୋଗାଇବାରେ ବ୍ରତୀ। ଏହି ମହାନ୍ ଚିନ୍ତା ଚେତନା ଅନନ୍ୟ ଆଦର୍ଶରେ ଅନୁପ୍ରାଣିତ ସମାଜସେବୀ,ରକ୍ତଦାତା ଇଂ.ବିମଳ ଚନ୍ଦ୍ର ଦାସ ଏକ ପରିଚିତ ନାମ ଯେକି ବିସିଟିର ପ୍ରତିଷ୍ଠାତା ସମ୍ପାଦକ । ସେ ଏଯାବ୍ ୪୫ ବର୍ଷ ବୟସରେ ୬୮ ଥର ରକ୍ତଦାନ କରିଛନ୍ତି ଏଂ ତାଙ୍କ ଜନ୍ମ ଦିନ ଓ ବିବାହ ବାର୍ଷିକରେ ରକ୍ତଦାନ ଶିବିର ଆୟୋଜନ କରନ୍ତି ଯାହା କି ନିଆରା ସେବା । ତାଂକ ଧର୍ମପତ୍ନୀ କଟକ ଶିଶୁ ଭବନର ବରିଷ୍ଠ ସେବିକା ସ୍ୱର୍ଗତା ବିଷ୍ଣୁପ୍ରିୟା ଦୋଙ୍କ ଦ୍ୱିତୀୟ ସନ୍ତାନ ଜନ୍ମ ସମୟରେ ରକ୍ତ(ଏ)ର ସମସ୍ୟା ନେଇ ମୃତ୍ୟ ଘଟିଥିଲା । ତାଙ୍କ ସ୍ମୃତିରେ ବିଷ୍ଣୁପ୍ରିୟା ଚାରି ଟେବୁଲ୍ ଟ୍ରଷ୍ଟ ଗଠନ କରି ରକ୍ତଦାନରେ ସମର୍ପିତ । ବିସିଟିର ବାର୍ତ୍ତା ରହିଛି ଆମକୁ ରକ୍ତ ଦିଅ ଆମେ ତମକୁ ଜୀବନ ଦାନ କରିବୁ । ବିଭିନ୍ନ ସ୍ଥାନରେ ଟ୍ରଷ୍ଟ ପକ୍ଷରୁ ଜନ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ବା ନାଟକ ପରିବେଷଣ କରାଯିବାସହ ଆଲୋଚନା ଚକ୍ର ଆଦି କରାଯାଇ ରାଜ୍ୟରେ ରକ୍ତଦାନ ସମ୍ପର୍କରେ ଏକ ଯୁଗାନ୍ତକାରୀ ବଳିଷ୍ଠ ପଦକ୍ଷେପ ସୃଷ୍ଟି କରିଛି ।

ଅଗ୍ନିଗର୍ଭ ସମୟ

ପ୍ରାତଃସ୍ମରଣୀୟ ଉତ୍କଳଗୌରବ ମଧୁସୂଦନ ଦାସ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ସମଗ୍ର ବିଶ୍ୱ ଇତିହାସର ଗର୍ଭାନୁଶୀଳନ କଲେ ତ୍ୟାଗ, ତୀତିକ୍ଷା, ବଳିଦାନର ସର୍ବକାଳୀନ ତ୍ୟାଗର ଶ୍ରେୟ କେବଳ ଏହି ମହାପୁରୁଷଙ୍କ ପାଇଁ ଓଡ଼ିଆ ଇତିହାସ ହିଁ ନେବ । ଏହାର ସମୁଜ୍ଜ୍ୱଳ ଐତିହାସିକ ମହାନାୟକ ରାଜା ଇନ୍ଦ୍ରଦ୍ୟୁମ୍ନ । ସେଥିପାଇଁ ଇନ୍ଦ୍ରଦ୍ୟୁମ୍ନଙ୍କ ଶ୍ରାଦ୍ଧ ଦେଇଆସୁଛନ୍ତି ପ୍ରଭୁ ଜଗନ୍ନାଥ । ମହାପୁରୁଷଙ୍କ ଜୀବନାଲେଖ୍ୟ ଓ ଅକଳ୍ପନୀୟ ଅବଦାନକୁ ଉପଜିବ୍ୟ କଲେ ପ୍ରତ୍ୟେକ ଓଡ଼ିଆ ତାଙ୍କ ମାଟିର ପାତାଳ ଭେଦୀ କୃତଜ୍ଞତା ଜ୍ଞାପନ ସଂସ୍କୃତି ଆଧାରରେ କୁଳବୃଦ୍ଧ ମଧୁସୂଦନଙ୍କ ଜୟନ୍ତୀରେ ଜୟଗାନ ଓ ଶ୍ରାଦ୍ଧରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏକ କୃତଜ୍ଞୀୟ କର୍ତ୍ତବ୍ୟ । ଇହଲୀଳା ସମ୍ବରଣ କରିବା କିଛି ମୁହୂର୍ତ୍ତ ପୂର୍ବରୁ ତାଙ୍କ ଶଯ୍ୟା ନିକଟରେ ଉପସ୍ଥିତ ଥିବା ପଣ୍ଡିତ ନୀଳକଣ୍ଠ ତାଙ୍କୁ ପଚାରିଥିଲେ ଓଡ଼ିଶାବାସୀଙ୍କ ପାଇଁ ତାଙ୍କର କିଛି କହିବାର ଅଛି କି ?

ମଧୁ ବାବୁ କ୍ଷୀଣ ସ୍ୱରରେ କହିଥିଲେ ଓଡ଼ିଶାବାସୀ ତାଙ୍କର ଅନ୍ତର ନିର୍ମଳ ରଖିବେ । ମୁଁ ତ ଯାଉଛି , ମନେ ରଖିଥିବ ଜଣେ 'ଓଡ଼ିଆ ଥିଲା' । ଉତ୍କଳୀୟ ସ୍ୱାଭିମାନର ପ୍ରତୀକ ମଧୁସୂଦନ ଦାସଙ୍କୁ ଲକ୍ଷ୍ୟ କରି ଯଥାର୍ଥରେ ଫକୀର ମୋହନ ଲେଖିଥିଲେ –

'ଧନ୍ୟ ଧନ୍ୟ ଧନ୍ୟ ମଧୁସୂଦନ , ଉତ୍କଳ
ମାତାର ଯୋଗ୍ୟ ସନ୍ତାନ , ଦେଲ
ଉତ୍କଳୀୟଙ୍କୁ ନବ ଜୀବନ , ଶିଖାଇଲ
ଲୋକେ ଜାତି ବନ୍ଦନ ।'

ଓଡ଼ିଆ ଜାତିର ଗର୍ବ, ଗୌରବ, ସ୍ୱାଭିମାନର ପ୍ରତୀକ, ଜାତୀୟ ଜାଗରଣର ପ୍ରତିବଦ୍ଧତାଧର୍ମୀ ମହାନାୟକ, ଅନେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ, ଯଥା – ପ୍ରଥମ ସ୍ନାତକ , ପ୍ରଥମ ସ୍ନାତକୋତ୍ତର, ପ୍ରଥମ ସ୍ୱୀକୃତିପ୍ରାପ୍ତ ଅଧିବକ୍ତା, ପ୍ରଥମ ବିଲାତ ଯାତ୍ରୀ, ପ୍ରାଦେଶିକ ବ୍ୟବସ୍ଥାପକ ସଭା ଓ କେନ୍ଦ୍ରୀୟ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଦସ୍ୟ , ପ୍ରଥମ ଓଡ଼ିଆ ମନ୍ତ୍ରୀ , ଏପରିକି ପ୍ରଥମ ଭାରତୀୟ ସ୍ୱେଚ୍ଛାକୃତ ମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାତା , ଶିଳ୍ପ ଉଦ୍ୟୋଗୀ ଭଳି ବହୁ କ୍ଷେତ୍ରରେ ସର୍ବକାଳୀନ ଆଦର୍ଶ, ଯାହାଙ୍କର ଜୀବନାଲେଖ୍ୟର ଦିନ ପଞ୍ଜିକା ହିଁ ଓଡ଼ିଶାର ଇତିହାସ, ପିଢ଼ି ପରେ ପିଢ଼ି ପ୍ରତି ଓଡ଼ିଆଙ୍କ ଚିର ବନ୍ଦନୀୟ, ପ୍ରାତଃ ସ୍ମରଣୀୟ, ଉତ୍କଳ ଗୌରବ ବାରିଷ୍ଟର୍ ମଧୁସୂଦନ ଦାସ ।

ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରରେ ୨୮ ଅପ୍ରେଲ ୧୮୪୮ରେ ଜନ୍ମଗ୍ରହଣ କରିଥିଲେ । ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀଙ୍କ ପୁଅ ମଧୁସୂଦନଙ୍କ ପ୍ରଥମ ନାମ ଥିଲା ଚୌଧୁରୀ ଗୋବିନ୍ଦ ବଲ୍ଲଭ ଦାସ । ପରେ ତାଙ୍କ ବାପା, ମାଆ ତାଙ୍କ ନାମକୁ ବଦଳାଇ ମଧୁସୂଦନ ରଖିଥିଲେ ।

ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ସତ୍ୟଭାମାପୁରର ଗାଁ ଚାଟଶାଳୀରୁ ମାଟି ବଂଶ ଅବଧାନଙ୍କ ତତ୍ତ୍ୱାବଧାନରେ । ଚାଟଶାଳୀ ପଢ଼ା ଶେଷ କରି ସେ କଟକ ଗଲେ ଓ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ । ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ ଯାହାକୁ ଆଜି ଦିନରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କୁହାଯାଉଅଛି । ଏହା ପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ । କିଛି ପଇସା ସଞ୍ଚୟ କରି ସେ ଉଚ୍ଚଶିକ୍ଷା ନିମିତ୍ତ ଚାନ୍ଦବାଲି ଦେଇ ଧୂଆଁକଳ ଚାଳିତ ନାଆରେ କଲିକତା ଯାତ୍ରା କଲେ । ୧୮୭୦ରେ ସେ ସ୍ନାତକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟରେ ସ୍ନାତକ ପରୀକ୍ଷାର୍ଥୀମାନଙ୍କ ସଂସ୍କୃତ ପରୀକ୍ଷାର ଉତ୍ତର ନିଜ ମାତୃଭାଷାରେ ଲେଖିବା ନିୟମ ଥିଲା, କିନ୍ତୁ ପରୀକ୍ଷକ ବଙ୍ଗଳା ଛଡ଼ା ଅନ୍ୟ କୌଣସି ଭାଷା ଜାଣି ନଥିବାରୁ ବଙ୍ଗଳା ବ୍ୟତୀତ ଅନ୍ୟ କୌଣସି ଲିପିରେ ସଂସ୍କୃତ ପ୍ରଶ୍ନୋତ୍ତର ଲେଖିବାକୁ ଅନୁମତି ମିଳୁନଥିଲା ।

ମଧୁବାବୁ ନିଜ ମାତୃଭାଷା ଓଡ଼ିଆରେ ସଂସ୍କୃତର ଉତ୍ତର ଲେଖିବାପାଇଁ ଜିଦ୍ ଧରି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟମାନଙ୍କୁ ଜଣାଇଲେ । ସେଠାରୁ କୌଣସି ସୁଫଳ ନ ମିଳିବାରୁ ସେ ତତ୍କାଳୀନ ବଙ୍ଗ–ବିହାର–ଓଡ଼ିଶାର ଲ୍ୟୁଟନାଣ୍ଟ ଗଭର୍ଣ୍ଣର ସାର ଉଇଲିଅମ ଗ୍ରେଙ୍କ ନିକଟକୁ ଏକ ଟେଲିଗ୍ରାମ ପ୍ରେରଣ କରିବାପରେ ଗ୍ରେଙ୍କ ହସ୍ତକ୍ଷେପ ପରେ ସେ ଓଡ଼ିଆରେ ନିଜର ଉତ୍ତର ଲେଖିଥିଲେ । କଲିକତାରେ ଅମ୍ବିକା ପ୍ରସାଦ ହାଜିରା ନାମକ ବଙ୍ଗୀୟ ଖ୍ରୀଷ୍ଟିୟାନ ପାଦ୍ରୀଙ୍କ ସହିତ ସେ ପରିଚିତ ହେଲେ ।

ଅମ୍ବିକା ପ୍ରସାଦ ମଧୁସୂଦନଙ୍କର ଉଚ୍ଚଶିକ୍ଷାପ୍ରତି ଆଗ୍ରହ ଦେଖି ତାଙ୍କୁ ଏ ଦିଗରେ ସାହାଯ୍ୟ କଲେ । ସେଠାରେ ମଧୁବାବୁ ଇଂରାଜୀ ସାହିତ୍ୟରେ ଏମ୍.ଏ. ପାସ କଲାପରେ କଲିକତାରେ ଏକ ସ୍କୁଲରେ ଶିକ୍ଷକତା କଲେ । ତତ୍କାଳୀନ କଲିକତାରେ କଲେଜ ପାଠ ପଢ଼ିବା ନିମନ୍ତେ ଏଣ୍ଟ୍ରାନ୍ସ ପରୀକ୍ଷା ପାସ କରିବା ଦରକାର ପଡୁଥିଲା । ଏଣ୍ଟ୍ରାନ୍ସ ପରୀକ୍ଷା ନିମନ୍ତେ ଏକ ଛାତ୍ର ସହାୟକ ପୁସ୍ତକ 'ମଡେଲ କୋଶ୍ଚିନ୍ସ' ରଚନା କରିଥିଲେ ।

ଗଣିତ ଓ ଭୂଗୋଳରେ ତାଙ୍କର ଭଲ ଦଖଲ ଥିଲା । ନିଜର ଗୁଣ ଓ କର୍ମନିଷ୍ଠା ବଳରେ ସେ କଲିକତାର ଶ୍ରୀରାମପୁର କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତ ହେଲେ । ଛାତ୍ର ଛାତ୍ରୀମାନଙ୍କର ଅତି ପ୍ରିୟ ମଧୁବାବୁ ଇତି ମଧ୍ୟରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏଲ୍. ପାସ କରି ସାରିଥିଲେ । ସେ ସମୟରେ ନିଜ ପେଟପାଟଣା ପାଇଁ ଅନେକ ଓଡ଼ିଆ କଲିକତାରେ ଚାକିରି କରୁଥିଲେ । ସେମାନଙ୍କର ଶିକ୍ଷାଗତ ଉନ୍ନତି ପାଇଁ ମଧୁବାବୁ କଲିକତାରେ ନୈଶ ବିଦ୍ୟାଳୟ ସ୍ଥାପନା କରାଇଥିଲେ ।

ଓକିଲ ହେବାପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ । ପରେ ସେ କଲିକତା ହାଇକୋର୍ଟରେ ବାରିଷ୍ଟର ଜେଟି ଉଡ୍ରଫଙ୍କ ସହଯୋଗୀ ଭାବେ ଓକିଲାତି କରିଥିଲେ । ୧୨ ସେପ୍ଟେମ୍ବର ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି କଲେ । ଓକିଲ ମହଲରେ ପ୍ରଥମେ ତାଙ୍କୁ ଅନେକ ପରିହାସର ସାମନା କରିବାକୁ ହୋଇଥିଲେ । କିନ୍ତୁ ଖଣ୍ଡପଡ଼ା ରାଜାଙ୍କ ମୋକଦ୍ଦମା , କେନ୍ଦୁଝରା ରାଜାଙ୍କ ମୋକଦ୍ଦମା, ଶ୍ରୀମନ୍ଦିର ପରିଚାଳନା ବିବାଦ ଭଳି କେତେକ ଜଟିଳ ମୋକଦ୍ଦମାରେ ନିଜର ଦକ୍ଷତାର ପରିଚୟ ଦେଇ ସେ ନିଜକୁ କଟକ ଓକିଲମାନଙ୍କ ଭିତରେ ଶ୍ରେଷ୍ଠ ପ୍ରମାଣିତ କରି ପାରିଥିଲେ ।

ଗଣିତ ଓ ଭୂଗୋଳରେ ତାଙ୍କର ଭଲ ଦଖଲ ଥିଲା । ନିଜର ଗୁଣ ଓ କର୍ମନିଷ୍ଠା ବଳରେ ସେ କଲିକତାର ଶ୍ରୀରାମପୁର କଲେଜରେ ଅଧ୍ୟାପକ ଭାବରେ ନିଯୁକ୍ତ ହେଲେ । ଛାତ୍ର ଛାତ୍ରୀମାନଙ୍କର ଅତି ପ୍ରିୟ ମଧୁବାବୁ ଇତି ମଧ୍ୟରେ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏଲ୍. ପାସ କରି ସାରିଥିଲେ । ସେ ସମୟରେ ନିଜ ପେଟପାଟଣା ପାଇଁ ଅନେକ ଓଡ଼ିଆ କଲିକତାରେ ଚାକିରି କରୁଥିଲେ । ସେମାନଙ୍କର ଶିକ୍ଷାଗତ ଉନ୍ନତି ପାଇଁ ମଧୁବାବୁ କଲିକତାରେ ନୈଶ ବିଦ୍ୟାଳୟ ସ୍ଥାପନା କରାଇଥିଲେ । ଓକିଲ ହେବାପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ । ପରେ ସେ କଲିକତା ହାଇକୋର୍ଟରେ ବାରିଷ୍ଟର ଜେଟି ଉଡ୍ରଫଙ୍କ ସହଯୋଗୀ ଭାବେ ଓକିଲାତି କରିଥିଲେ । ୧୨ ସେପ୍ଟେମ୍ବର ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି କଲେ ।

ଉତ୍କଳର ଗଜପତି ଦିବ୍ୟସିଂହ ଦେବ, ସାଧୁ ଶିବାଦାସଙ୍କ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ହୋଇ ନିର୍ବାସନ ଦଣ୍ଡରେ ଦଣ୍ଡିତ ହୋଇଥିଲେ । ତାଙ୍କ ପୁତ୍ର ଜଗନ୍ନାଥ ଜେନାମଣି ଯିଏ ପରେ ମୁକୁନ୍ଦ ଦେବ ଭାବେ ପରିଚିତ ନାବାଳକ ଥିବାରୁ ମନ୍ଦିର ପରିଚାଳନାରେ ତୃଟି ଦର୍ଶାଇ , ମନ୍ଦିରର ବଂଶାନୁକ୍ରମିକ ପରିଚାଳନା ଭାର କାଢ଼ି ନେବା ନିମନ୍ତେ ଏକ ଦେବାନୀ ମୋକଦ୍ଦମା ଦାଏର କରିଥିଲେ । ମଧୁବାବୁ ଜଗନ୍ନାଥ ଜେନାମଣିଙ୍କ ମାତାମହୀ ସୂର୍ଯ୍ୟମଣୀ ପାଟ ମହାଦେଇଙ୍କ ତରଫରୁ ପ୍ରତିବାଦୀ ଭାବରେ , ବ୍ରିଟିଶ ସରକାର ଧର୍ମରେ ଅଯଥା ହସ୍ତକ୍ଷେପ କରୁଛନ୍ତି ବୋଲି ମୋକଦ୍ଦମା ଲଢ଼ି ଜୟ ଲାଭ କରିଥିଲେ । ସେ ଏହି ମୋକଦ୍ଦମାଟି ବିନା ପାରିଶ୍ରମିକରେ ଲଢ଼ିଥିଲେ । ୬ ଜାନୁଆରୀ ୧୯୨୧ ମସିହାରେ ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀରୂପେ ନିଯୁକ୍ତି ପାଇଥିଲେ । ସେତେବେଳେ ମନ୍ତ୍ରୀମାନଙ୍କୁ ମାସିକ ବେତନ ମିଳୁଥିଲା । ଇଂରେଜ ସରକାରଙ୍କଠାରୁ ଦରମା ନେଇ କାମ କଲେ ଲୋକଙ୍କୁ ନିରପେକ୍ଷ ସେବା ଦେବା ସମ୍ଭବ ନୁହେଁ ବୋଲି ଯୁକ୍ତି କରି ସେ ଅବୈତନିକ ମନ୍ତ୍ରୀପଦ ପାଇଁ ପ୍ରସ୍ତାବ ରଖିଥିଲେ । ସରକାର ଏଥିରେ ରାଜି ନ ହେବାରୁ ୯ ମାର୍ଚ୍ଚ ୧୯୨୩ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

କଟକର ସୁନାରୂପାର ତାରକସି କାମ ପାଇଁ ମଧୁସୂଦନ ଦାସ ନିଜ ବାସଘରେ ଏକ କର୍ମଶାଳାର ଆୟୋଜନ କରି କାରିଗରମାନଙ୍କୁ ତାଲିମ ପ୍ରଦାନ କରିବାର ବ୍ୟବସ୍ଥା କରାଇଥିଲେ । ଏଥି ସହିତ ସୁନା, ରୂପା ଓ ଅନ୍ୟାନ୍ୟ କଞ୍ଚାମାଲ କିଣିବା ଲାଗି ସେ କାରିଗରମାନଙ୍କୁ ପଇସା ମଧ୍ୟ ଦେଉଥିଲେ । ବିକ୍ରି ହେଉ କି ନ ହେଉ ସେମାନଙ୍କ କାମ ନିମନ୍ତେ ସେ ଦୈନିକ ବେତନ ଦେଉଥିଲେ । ଲଣ୍ଡନ ଯାଇଥିବାବେଳେ ସେ ସେଠାରେ ଏହିସବୁ କାମର ଏକ ପ୍ରଦର୍ଶନୀର ଆୟୋଜନ କରିଥିଲେ । କଟକରେ ସେ ଉତ୍କଳ ଟ୍ୟାନେରୀ ନାମକ ଜୋତା କାରଖାନା ପ୍ରତିଷ୍ଠା କରିଥିଲେ । ଖରାପ ହୋଇଯାଉଥିବା ଜୋତାଗୁଡ଼ିକୁ ବଜାରକୁ ନ ଛାଡ଼ି ତାକୁ ପୋଡ଼ି ପକାଉଥିଲେ ।

ଏହା ଫଳରେ ଉତ୍କଳ ଟ୍ୟାନେରୀ ବହୁ କ୍ଷତି ସହିଥିଲା । ଜଣେ ଲେଖକ ଓ କବି ଭାବରେ ସେ ଅନେକ ଦେଶାତ୍ମବୋଧକ ଲେଖା ଲେଖିଛନ୍ତି । ସେ ଓଡ଼ିଆ ଓ ଇଂରାଜୀରେ ଅନେକ ଉପାଦେୟ ଲେଖା ଲେଖିଯାଇଛନ୍ତି । ତାଙ୍କର କେତୋଟି ଜଣାଶୁଣା ଲେଖା ହେଉଛି, ଉତ୍କଳ ସନ୍ତାନ, ଜାତି ଇତିହାସ, ଜ୍ଞାନୀର ଉକ୍ତି , ଜାତୀୟ ଗୀତିକା । ସେ ମଧ୍ୟ ଓଡ଼ିଆ, ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଥିଲେ । ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସେ ସାରାଜୀବନ ସଂଗ୍ରାମ କରିଥିଲେ ।

ତାଙ୍କର ପ୍ରଚେଷ୍ଟା ସହ ଅନ୍ୟ ବୀରପୁତ୍ରମାନଙ୍କ ପ୍ରଚେଷ୍ଟା ଫଳରେ ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ଭାଷା ଭିତ୍ତିରେ ପ୍ରଥମ ଭାରତୀୟ ରାଜ୍ୟ ଭାବେ ଓଡ଼ିଶାର ପ୍ରତିଷ୍ଠା ସମ୍ଭବ ହୋଇଥିଲା । ୧୯୩୪ ମସିହା ଫବୃୟାରୀ ମାସ ୪ ତାରିଖରେ ସେ ମୃତ୍ୟୁବରଣ କରିଥିଲେ ।

ଅରଙ୍ଗାବାଦ ବରୀ ଯାଜପୁର
ମୋ– ୯୯୩୮୯୦୬୦୭୦

ଖରା ଛୁଟି

ମୈତ୍ରେୟୀ କମିଳା

ଗଳ୍ପ

ସକାଳୁ ଉଠୁ ଉଠୁ ଝରକା ଖୋଲି କୋଇଲିର କୁହୁ କୁହୁ ଶବ୍ଦ, ସାମ୍ନାର କୃଷ୍ଣଚୁଡା ଗଛ ଫୁଲରେ ଲାଲ ହୋଇଆସିଲାଣି ଦେଖି ଫେରି ଯାଉଥିବା ଫଗୁଣକୁ ଚାହିଁ ଟିକେ ଆନମନା ହେଲା ଲୁସା । ପୁଅକୁ ଡାକିଲା...ଇନୁ ଉଠ, କେତେବେଳ ହେଲାଣି, ମାମା ଆଜି ଆଉ ସ୍କୁଲ ନାହିଁ, ଟିକେ ଶୋଇବାକୁ ଦିଅ । ଆଜି ଠୁ ତୋର ସମର କୋର୍ସ ଆରମ୍ଭ । କାଲି ସ୍କୁଲ ଛୁଟି ହେଲା ବେଳକୁ ଆଜି ପୁଣି ନୂଆ କୋର୍ସ, ମୁଁ ଯିବିନି ଯା । ଯିବୁନି କଣ,ତୁ ଜାଣିଛୁ ତୋ ପାପା କେତେ ଟଙ୍କା ଭରିଛନ୍ତି, ଖାଲି ଗୋଟେ ମାସ ପାଇଁଛ

ଇସସ....ଏମିଲି ଦିଦି, ହନି ଆଉ ରୁହାନି ସେଠି କେତେ ମଜା କରୁଛନ୍ତି । ସେମାନେ ଛୁଟିରେ ଅଜା ଘରକୁ ଯାଇଛନ୍ତି ନା ମାମା, ତୁମେ କାଲି ଭିଡିଓ କଲ ରେ ସେମାନଙ୍କୁ ଦେଖି କଥା ହଉଥିଲ ନା,ମୋତେ ଏମିଲି ଦିଦି କହୁଥିଲା ସେମାନେ ସକାଳୁ ଉଠିଲା ବେଳକୁ ବାଡ଼ିପଟ ଆମ୍ବ ଗଛ ରୁ କେତେ ଆମ୍ବ ଖସୁଛି, ଆଉ ପୋଖରୀ ରୁ ମାଛ ଧରା ହଉଛିଛ ସେମାନେ କେତେ ମଜା କରୁଛନ୍ତିଛସ୍କୁଲ ଛୁଟି ହେଲା ସେମାନେ ବୁଲିବାକୁ ଗଲେଛ ମୋର ଖାଲି ସବୁବେଳେ ସ୍କୁଲଛ ଆମେ ତ ଏତେ ଦୂର ରେ ରହୁଛୁ ପାପାଙ୍କ ଛୁଟି ହେଲେ ତ ଆମେ ଯିବା । ମାମା କଥା ଶୁଣି ଦୁଃଖୀ ହୋଇଗଲା ଇନୁ ।

ଲୁସା ତା' ସାତ ବର୍ଷର ପିଲାକୁ ବୁଝାଉଥାଏ । ହେଲେ ମନେ ମନେ ଭାବୁଥାଏ ବାପା ମାଆଙ୍କ ପାଖରେ ପହଞ୍ଚି କେତେ ମଜା କରୁଛନ୍ତି ତାଙ୍କ ନାତି ନାତୁଣୀମାନେ । ଯେମିତି ସ୍କୁଲ ଛୁଟି ହେଲା ଭାଇ ର ସ୍ତ୍ରୀ ଚାକିରି କରିଛି ବୋଲି ଭାଇ,ତା ପିଲା ଆଉ ସାନ ଭଉଣୀର ପୁଅ ଝିଅକୁ ନେଇ ଗାଁ ରେ ବାପା ମାଆଙ୍କ ପାଖରେ ଛାଡିଦେଇ ଆସିଲା ।

ସତରେ କେଡେ ଖୁସିରେ ଦିନ କାଟୁଥିବ ବାପା ମାଆଙ୍କର । ଇନୁ ମନେ ମନେ ଖୋଜୁଛି ସେମାନଙ୍କୁ, ଯଦି ସେ ମଧ୍ୟ ସେଇଠି ଥାଆନ୍ତା ତ । ସେମାନେ ସବୁ ଫଟୋ ପଠାଉଛନ୍ତି, କେମିତି ସକାଳୁ ବିଲ ଆଡ଼କୁ ଯାଉଛନ୍ତି, କୋଇଲି କୁ କୁ କରୁଛି, ସେଇ ଶବ୍ଦ ରେ ହନି କୁ......କୁ..କରୁଛିଛଗଛ ରୁ ଫୁଲ ତୋଳୁଛନ୍ତିଛ ବାଡ଼ି କୁ ଯାଇ ବାଇଗଣ, କାକୁଡି, ଲାଉ ଶାଗ ତୋଳିଆଣୁଛନ୍ତି । ମାମା ଆଜି ସମର କୋର୍ସରେ ସେଇ ଯୋଉ ମୋଟା ପିଲା କାଲି ଆସିଥିଲା ଆଜି ତାକୁ ବହୁତ ରାଗୁଥିଲେ ମିସ୍ । ସେ ନା ବହୁତ ଲେଟ ଆସିଲା ବୋଲି, ହଉ ଆଇ କହୁଥିଲେ କଣ ସବୁ ପିଠା କରିବେ ବୋଲି? ତୁମେ ସେମିତି ବନେଇଦିଅ ନା, ଦେଖୁଛି ଲୁସା ମଧ୍ୟ ଅନ୍ୟମନସ୍କ , ମାମା ତୁମେ ସେଇ ଯଉ ଫୋଟୋରେ ଗୋଟେ ମାଙ୍କଡ଼କୁ ଦେଖି ରୁହାନି ଡରି ଲୁଚିଥିଲା, ଦେଖିଲ,ମନେ ମନେ ଆହୁରି ହସିଉଠିଲା ଇନୁ ।

କୁଆପଥର ବର୍ଷାରେ ସବୁ ଭିଜି ଭିଜି କୁଆପଥର ଆଣିଥିଲେ । ଆଉ ସେଦିନ ପିଣ୍ଡାରେ ବସି ରାସ୍ତାରେ ଟିଙ୍ଗ ଟିଙ୍ଗ କରି ଯାଉଥିବା ଆଇସକ୍ରିମ ବାଲାଠୁ ଅରଞ୍ଜ କଲର ଆଇସକ୍ରିମ ଖାଇ ତାକୁ ଫଟୋ ପଠେଇଥିଲେ, । ହନି ଆଉ ରୁହାନି ତ ରଙ୍ଗ ହୋଇଥିବା ଜିଭଟାକୁ କାଢ଼ି ଓ୍ବେ କରି ତାର ମଜାକ ଉଡେଇ ଥିଲେ । ତା' ମଥା ଆଉ କାମ କରୁନି । ଏପଟେ ପାପାଙ୍କ କାମ ସରୁନି, ସେ ଗାଁ କୁ ଯିବା ନା ଧରୁ ନାହାନ୍ତି ।

ପାପା କାଲି ରବିବାର,ସକାଳେ ଜୁମ୍ବା ଅଛି । ଆମେ ସମସ୍ତେ ଜୁମ୍ବାରେ ନାଚିବା । ରାତି ଖାଇବା ବେଳେ ଇନୁ କହିଲା । ସକାଳୁ ଉଠି ଇନୁ କାହାରିକୁ ରଖେଇ ଦଉନି । ମାମା ଜଲ୍ଦି କରୋ, ଲେଟ ହୋଇଯିବ । ପାପା ତୁମେ ଶୀଘ୍ର ଚା' ପିଅ, ଗାଡି ବାହାର କର । ସାଙ୍ଗମାନେ ସବୁ ଆସିଗଲେଣି । ଆରେ ଜୁମ୍ବା ଷ୍ଟାର୍ଟ ହେଲାଣି । ମାମା ଦେଖ, ସେ ଝିଅ ଯେମିତି ହାତ ଉପରକୁ ଉଠଉଛି ସେମିତି ଉଠାଅ । ଗୋଡ଼ର ପୋଜିସନ ଠିକ ରଖ ।

ଫାଷ୍ଟ ଫାଷ୍ଟ, ଏତେ ସ୍ଲୋ ହେଲେ ହେବନି, ମୁଁ କଣ ତୋ ଭଳି ଏତେ ଫାଷ୍ଟ, ନା ମୋ ଦେଇ ହବନି, ଏବେ ମାମାର ହାତ ଧରି ଗୀତର ତାଳରେ ନାଚିଲା ଇନୁ । ମୋବାଇଲରୁ କିଛି ଫୋଟୋ ଉଠେଇ ପଠେଇଲା ଅଜା, ଆଇଙ୍କୁ । ଏମିତି ସୁଇମିଙ୍ଗ ପୁଲ, ପାର୍କରେ ଯାଇ ଫୋଟୋ ସବୁ ପଠେଇଲା । ତଳେ ଲେଖିଲା ଛୁଟିର ମଜା ।

କିନ୍ତୁ ଭିତରେ ଭିତରେ ଭାରି ଦୁଃଖୀ ଅଛି ସେ । ଏଥର ପାପା କହିଲେ ଆମେ ଦୁଇ ଦିନ ପାଇଁ ହଉ ପଛେ ଗାଁ କୁ ଯିବା ଛୁଟିରେ । ଇନୁର ପାଦ ଆଉ ତଳେ ଲାଗିଲାନି । ରାତିଟା ତା ପାଇଁ ବହୁତ ଲମ୍ବା ହୋଇଗଲା । ଛୁଟି ସରି ଆସୁଛି ନା ।

ତାଙ୍କ ଗାଡି ଗାଁରେ ପହଞ୍ଚିବାବେଳକୁ ଘର ଭିତରୁ ସବୁ ଦୌଡ଼ି ଆସିଲେ। ଗାଡି ଭିତରୁ ସମସ୍ତଙ୍କୁ ଦେଖି ଆଗେ ଖୁସି ହୋଇଗଲା ଇନୁ । ଓହ୍ଲେଇବା ପରେ ସମସ୍ତେ ତାକୁ କୋଳେଇ ନେଲେ । ଅଜା କହିଲେ କି ରେ ନାତି ଟୋକା ଆମକୁ ଲେଖିଥିଲୁ ପରା ଛୁଟିର ମଜା, ଗାଁ କୁ କେମିତି ଆସିଲୁ ? ଇନୁ କହିଲା ତୁମମାନଙ୍କୁ ଚିଡେଇବା ପାଇଁ ଲେଖିଥିଲି, ଅସଲ ଛୁଟି ଆଜି ଆରମ୍ଭ ଏଇଠୁ । ସମସ୍ତେ ଫେଁ କି ହସିଲେ । ଆକାଶର ଜହ୍ନ ଯେମିତି ଅଗଣାରେ ହସିଲା । ତା'ପରଦିନ ସକାଳୁ ସମସ୍ତେ ଉଠି କୋଇଲିର କୁହୁ କୁହୁ ଶବ୍ଦରେ ବାଡ଼ି ପଟକୁ ଦୌଡିଲେ ।

ଆମ୍ବ ତୋଳା ହୋଇଆସିଲା, ମାଛ ଧରା ହେଲା, ଦହି ବରା ଆଳୁଦମ୍, ଘୁଗୁନିର ପାଗ ଜମିଲା । ପାପା ମଧ୍ୟ ଦୁଇଦିନ ଜାଗାରେ ଚାରିଦିନ ରହିଲେ । ଯିବାବେଳେ ଇନୁ କହିଲା ଅଜା ଗାଁ କୁ କିଏ ନେଇଥିଲା? ଅଜା ପଚାରିଲେ କାହିଁକି, ଗୋଟେ କଥା କହିବି,ରଘୁ ଅଜା ଘରେ ଖେଳୁ ଖେଳୁ ତାଙ୍କ ଚା' କପ୍‌ଟା ମୋ ବଲ ବାଜି ଭାଙ୍ଗି ଗଲା, ସେ କହିଲେ ଥାଉ ପିଲା ଲୋକ, ଜମା ରାଗିଲେନାହିଁ । ଗାଁ କେତେ ଭଲ । ମୋର ଜମା ଏଠୁ ଯିବାକୁ ଇଚ୍ଛା ନାହିଁ । ଏ ଛୁଟି ଆଉ କିଛିଦିନ ଗଡେଇ ଦିଅ କେହି ।

ନବୀ ମୁମ୍ବାଇ,
ମୋ–୯୦୨୯୧୯୯୬୫୦

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

କବିତା

ପ୍ରସିଦ୍ଧ ଚନ୍ଦନ ଯାତ...

ରାମଚନ୍ଦ୍ର ବେହେରା

ଅକ୍ଷି ତୃତୀୟାରୁ ଆରମ୍ଭ ହୁଅଇ
ପ୍ରସିଦ୍ଧ ଚନ୍ଦନ ଯାତ
ଜ୍ୟୋଷ୍ଠମାସ ଶୁକ୍ଳ ଚତୁର୍ଦ୍ଦଶୀ ଦିନ
ହୋଇଥାଏ ତା'ର ଅନ୍ତ
ପ୍ରଭୁ ମଦନମୋହନ
ଜଳକ୍ରୀଡା କରି ଖୁସି ମନାସନ୍ତି
ହସିଉଠେ ଶଂଖଧାମ ।
ଚନ୍ଦନ ପ୍ରଲେପି ପୁଷ୍ପହାର ପିନ୍ଧି
ବିମାନରେ ବସି ପ୍ରଭୁ
ଭକ୍ତଙ୍କ ଗହଣେ ନରେନ୍ଦ୍ର କୂଳକୁ
ଯାଆନ୍ତି ହରଷେ ବିଭୁ
ଭ୍ରାତା କୃଷ୍ଣ ବଳରାମ
ଭୂଦେବୀ ଶ୍ରୀଦେବୀ ପଞ୍ଚ ମହାଦେବ
କରନ୍ତି ସାଥେ ଭ୍ରମଣ ।
ମାନବୀୟ ଲୀଳା କରନ୍ତି ଠାକୁର
ଶୁଭେ ଶଙ୍ଖ ହୁଳହୁଳି
ନରେନ୍ଦ୍ର ପୋଖରୀ ହୁଏ ଲୋକାରଣ୍ୟ
ବାଜେ ମୃଦଙ୍ଗ କାହାଳୀ
ଶୁଭେ ନାମ ସଂକୀର୍ତ୍ତନ
ଘଣ୍ଟ ଘଣ୍ଟି ତାଳେ ଚାପଖେଳ ଶୋହେ
ଅପୂର୍ବ ସେହି ଦର୍ଶନ ।
ବୟାଳିଶ ଦିନ ଚାଲେ ଏହି ଯାତ
ପବିତ୍ର ଶ୍ରୀକ୍ଷେତ୍ର ଧାମେ
ଗ୍ରୀଷମ ତପତ ଦୂରାନ୍ତି ଠାକୁର
ଚନ୍ଦନ ଯାତରା ନାମେ
ସିନ୍ଧୁଜେମା ପ୍ରାଣଧନ
ତୁମ ଏ ଯାତକୁ ଯେ'କରେ ଦର୍ଶନ
ମିଳିଥାଏ କୋଟି ପୂଣ୍ୟ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ–୭୩୫୫୬୩୪୩୪୬

ଧର୍ମର ପରିଭାଷା କ'ଣ ?

ସ୍ୱୟଂପ୍ରଭା ରଥ

ରକ୍ତ ତ ନାଲିଆ, ପୁଣି ତୋ ରକ୍ତ
ମୋ ରକ୍ତରେ ଫରକ କ'ଣ ?
ଧର୍ମର ଦ୍ୱାହୀ ଦେଇଯିବା ନୃଶଂସ, ବର୍ବର
ପରି ନିରୀହଙ୍କୁ ହତ୍ୟା କରିପାରେ
ପଚାର ତ ତାକୁ, ଧର୍ମର ପରିଭାଷା
କ'ଣ?
ଅଧର୍ମ ବୋଇଲେ କ'ଣ ?
କାଶ୍ମୀର ଭୂସ୍ୱର୍ଗ ?
ଆଜି ପହଲଗାମରେ ଶୁଭୁଛି
ହୃଦୟ ବିଦାରକ କରୁଣ କ୍ରନ୍ଦନ!
କିଛି ନିର୍ଦ୍ଦୋଷ ଅକାରଣେ ବଳୀ ପଡ଼ିଗଲେ
ଦିନ ଦ୍ୱିପହରରେ
ଅସ୍ତମିତ ହେଲା ରକ୍ତାକ୍ତ ତପନ !
ହଜିଗଲା ପ୍ରେମରୁ ରଙ୍ଗ, ଫୁଲରୁ ସୁଗନ୍ଧ
ନବ ସୀମନ୍ତିନୀର ମଥାର ସିନ୍ଦୁର
ସ୍ୱର୍ଗର ଅଗଣାରେ ସବୁଜିମା ଛାରଖାର!
ବାଳୁତ ଶିଶୁ ଆଜି ତ୍ରସ୍ତ
ଆଖି ଆଗେ ଗୁଳି ଖାଇଥିବା ବାପାଙ୍କ
ନିଃସ୍ପ୍ରାଣ ଶରୀର
ବହୀଯାଉଛି ରକ୍ତ ଧାର ଧାର !
ଓଃ, ଏସବୁ ଆଉ ସହି ହେଉନାହିଁ
ଏ ଆତଙ୍କବାଦୀମାନେ କ'ଣ ମାନବ ?
ଆଉ ଦାନବ ଭିତରେ ତେବେ ପ୍ରଭେଦ
କ'ଣ
ଗୋଟିଏ ଶ୍ୱାସରେ ବନ୍ଧା ତ ସାରା ବିଶ୍ୱ
ଜୀବଜଗତ ଯୋଡ଼ି ହୋଇ ରହିଛି
ଗୋଟିଏ ପ୍ରାଣ!
ଯିଏ ମୋର ମୋର କହି ବାଣ୍ଟୁଛି
ପଚାର ତ ତାକୁ
ମୋ ଭୂଇଁର ସୂର୍ଯ୍ୟାରଶ୍ମି,
ତୋ ଭୂଇଁର ସୂର୍ଯ୍ୟରଶ୍ମି
ଅଲଗା ଅଲଗା ବାଣ୍ଟି ପାରିବ କ'ଣ ?
ଶୁଣିଛି ଜଙ୍ଗଲରେ ବି ନିୟମ ଥାଏ
ପକ୍ଷୀ ଶାବକଟିଏ ଗଛରୁ ପଡ଼ିଗଲେ
ସାରା ଜଙ୍ଗଲ ଶିହରି ଉଠେ
ସ୍ତବ୍ଧ ହୋଇଯାଏ
ପେଟ ଭରିଥିଲେ ବାଘ ବି ମୃଗଟିକୁ
ସାମ୍ନାରେ ଚାଲିବାକୁ ଦିଏ !
ମଣିଷଙ୍କ ଜଙ୍ଗଲରେ ତ ଥରହର
ଅସୂୟାର ନିଆଁ ଲାଗିଥାଏ !
ଜଳକୁ ବାଣ୍ଟି ଦେଉଛୁ ଏ ଦେଶର,
ସେ ପ୍ରଦେଶର କହି
ଅମୃତର ଧାରାରେ ପୁଣି
ତୋର/ମୋର କ'ଣ ?
ପୃଥିବୀକୁ ବାଣ୍ଟି ଦେଉଛୁ ଖଣ୍ଡ ଖଣ୍ଡ କରି
ତୋ ଭୂଖଣ୍ଡର ଜହ୍ନ ତାରା, ମୋ
ଭୂଖଣ୍ଡର ଜହ୍ନ ତାରାଙ୍କୁ
ବାଣ୍ଟିପାରିବ କ'ଣ?
ସୈନିକଟିଏ କହୁଥିବାର ଶୁଣିଲି
ଯାହା ବିରୁଦ୍ଧରେ ଯୁଦ୍ଧ କରି ହଜିଗଲା
ମୋର ଯୌବନ, ସାରା ଆୟୁଷ୍କାଳ
ତାକୁ ମୁଁ ଚିହ୍ନେ ନାହିଁ
କେବଳ ମୋତେ ଯିଏ ଲଢ଼ିବାକୁ
ଶିଖାଇଦେଲା
ତାକୁ ହିଁ ଜାଣେ
ସେଥିରେ କିନ୍ତୁ ସୁଖ ନିଦ୍ରାରେ ଶୋଇବା
ଲୋକର ଯାଏ ଆସେ କ'ଣ ?
ତୁଷାର ଖଣ୍ଡ ସହ ସବୁ ପାର୍ଥକ୍ୟ,
ସବୁ ବ୍ୟବଧାନ
ତରଳି ଯାଆନ୍ତାକି
ଆଉ କେବେ କେଉଁ
ନାରକୀୟ ଘଟଣାରେ
ଭୂସ୍ୱର୍ଗ ଶାପିତ ହୁଅନ୍ତାନି
ଫୁଲ ପ୍ରଜାପତି ସଙ୍ଗେ ଖାଲି
ସ୍ୱପ୍ନ ପହଁରୁଥାନ୍ତା କି
ଆମେ ସବୁ କଳା, ଗୋରା,
ହଳଦିଆ ଲୋକେ
ମିଶି ମାନବତ୍ୱରେ ରଙ୍ଗେଇ ଯାଆନ୍ତେ କି !
ଆମ ପରିଚୟ ହୁଅନ୍ତା: ଅମୃତସ୍ୟ ସନ୍ତାନ!

ଫ୍ଲାଟ ନଂ–୫୧୩
୭୮ ଡିମ୍ପ୍ସ ଆପାର୍ଟମେଣ୍ଟ,
ଘାଟିକିଆ, ଭୁବନେଶ୍ୱର–୭୫୧୦୦୩

ଆଶାଦୀପ

ପ୍ରଦୀପ ନାୟକ

ଜନ୍ମ ଓ ମୃତ୍ୟୁର ଅଭିସନ୍ଧିରେ
ସେ ଆଲୋକର ପ୍ରୀତିରେଖା
ସରିଲେ ଜୀବନ ଆଶା କି ନିରାଶା
ମିଳେନାହିଁ କା'ର ଦେଖା ।
ଜଳି ଜାଳି ଚାଲେ ଆଶାର
ଏ ଦୀପ ନ ମାନି ସେ ବାତ୍ୟା ବନ୍ୟା
ବିଲୁପ୍ତ ଛବି ସେ ସାଗରବେଳାର
ସ୍ମୃତିମୟୀ ମତ୍ସ୍ୟକନ୍ୟା ।
ଆଶା ତ ଉତ୍ତାଳ ବୈତରଣୀ
ଗଭା କନକ କାଉଁରୀମନ୍ତ୍ର
ବିକଶିତ ତେଣୁ ବିଜ୍ଞାନ ଯୁଗରେ
ସ୍ୱାଭିମାନୀ ଯାନଯନ୍ତ୍ର ।
ଯାତନା ମନରେ ସୌଭାଗ୍ୟ
ପସରା ରଜନୀ ଗନ୍ଧାର ବାସ
ଉଦାସ ନୟନେ ବିମୁଗ୍ଧ
ସପନ ଶୁଖିଲା ଓଠରେ ହସ ।
ସଧୀରେ ଆସଇ ହୃଦୟ
କିଣଇ ଉଡ଼ିଯାଏ ଡେଣା ଝାଡି
ଫମ୍ପା ହୃଦୟରେ ସୁଖ
ଭରିଦେଇ ସରଗକୁ ବାନ୍ଧେ ସିଡି ।
କାହୁଁ କେତେକାଳୁ ଜୀବିତ
ଏ ପ୍ରାଣ ଆଶାର ଶିବିରେ ରହି
ହାରିଛି ଜିତିଛି ବାଜିରେ
ଲଗେଇ ହିସାବ ଯାହାର ନାହିଁ ।
ସ୍ୱାର୍ଥ ଯେଉଁଠି ସ୍ରୋତସିନୀ
ସାଜି ଗତିଶୀଳ ଅବିରତ
ନିଃସ୍ୱାର୍ଥେ ସେଇଠି ଆଶାର
ପ୍ରଦୀପ ଚିରକାଳ ଅନାଦୃତ ।

ନଳଗୋହିରା,ମତୋ,ଭଦ୍ରକ
ମୋ–୬୩୭୨୭୮୯୭୬୪

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୩ ମୃତ...

ଇଞ୍ଜିନିୟରଙ୍କୁ ଏସ୍‌ପିରି ପଠାଯାଇଥିଲା । ଦୁର୍ଘଟଣା ଘଟିବା ପରେ ସମ୍ପୃକ୍ତ ଠିକା ସଂସ୍ଥାର କୌଣସି ଅଧିକାରୀ କି କର୍ମଚାରୀ ଘଟଣାସ୍ଥଳକୁ ଆସିନଥିଲେ । ଯେଉଁ ଅଧିକାରୀ ସେଠାରେ ଥିଲେ ସେ ସେଠାରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି । ଫଳରେ ବହୁ ସମୟଧରି ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ଅବ୍ୟବସ୍ଥିତ ବ୍ରିଜ୍ ନିର୍ମାଣରେ ସାଂଘାତିକ ଅବହେଳା ହୋଇଥିବା ଅଭିଯୋଗ ହୋଇଛି । ଭାରତମାଳ ପ୍ରକଳ୍ପରେ କାର୍ଯ୍ୟ ନକରି ସମ୍ପୃକ୍ତ ଠିକା ସଂସ୍ଥା ମନଇଚ୍ଛାରେ ନିର୍ମାଣ କାର୍ଯ୍ୟ କରୁଥିବାରୁ ଏଭଳି ଅଘଟଣ ଘଟିଥିବା କୁହାଯାଉଛି । ତେବେ ବ୍ରିଜ୍ ନିର୍ମାଣରେ ନିୟୋଜିତ ହୋଇଥିବା କୌଣସି ଶ୍ରମିକ ଏବଂ କର୍ମଚାରୀଙ୍କୁ ନିରାପତ୍ତା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆଯାଇନଥିଲା । ଠିକା ସଂସ୍ଥା ସେଫ୍ଟି–ବେଲ୍ଟ, ହେଲମେଟ ଓ ଅନ୍ୟ ସୁରକ୍ଷା ସାମଗ୍ରୀ ଶ୍ରମିକ ଓ କର୍ମଚାରୀଙ୍କୁ ଦେଇନଥିଲେ । ଏହାବ୍ୟତୀତ ଏକ ଖରାପ କ୍ରେନ୍‌କୁ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା । ଫଳରେ ଏଭଳି ଭୟାନକ ଅଘଟଣ ଘଟିଥିଲା । ତେବେ ଏଭଳି ଖାମଖିଆଲି ଢଙ୍ଗରେ କେଉଁଭଳି ଭାବେ ନଦୀରେ ବ୍ରିଜ୍ ନିର୍ମାଣ କରାଯାଉଥିଲା, ତାହା ତଦନ୍ତ ସାପେକ୍ଷ । ଏହି ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି । ସୋସିଆଲ ମିଡ଼ିଆରେ ସେ ଉଲ୍ଲେଖ କରିଛନ୍ତି ଯେ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି ଓ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି । ଏହାସହ ମହାପ୍ରଭୁଙ୍କ ନିକଟରେ ଆହତମାନଙ୍କ ଆଶୁଆରୋଗ୍ୟ କାମନା କରୁଛି ।

ଭାରତକୁ...

ବ୍ୟବସ୍ଥା ସଂଯୋଗ କରାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଆମଦାନୀ ବା ପରିବହନ ହେଉଥିବା ସମସ୍ତ ସାମଗ୍ରୀ ଯାହାକି ପାକିସ୍ତାନରୁ ଉତ୍ପାଦିତ ହୋଇଥିବା ତାହାକୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ନିଷିଦ୍ଧ କରାଯାଇଛି । ଜାତୀୟ ସୁରକ୍ଷା ଓ ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ଜାହାଜ ଚଳାଚଳ ମହାନିର୍ଦ୍ଦେଶକ ମଧ୍ୟ ଭାରତୀୟ ବନ୍ଦରଗୁଡ଼ିକରେ ପାକିସ୍ତାନୀ ଜାହାଜକୁ ଆସିବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି କୁହାଯାଇଛି । ଭାରତୀୟ ସମ୍ପତ୍ତି, କାର୍ଗୋ ଓ ଭିତ୍ତିଭୂମିକୁ ସୁରକ୍ଷିତ କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି । ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବାରୁ ଏହି ପଦକ୍ଷେପ ନିଆଯାଇଛି । ପୂର୍ବରୁ ଅଟାରୀ ଓ ୱାଘା ସୀମା ଦେଇ ସମସ୍ତ ବାଣିଜ୍ୟିକ କାରବାରକୁ ଦୁଇ ଦେଶ ମଧ୍ୟରେ ବାତିଲ କରାଯାଇଛି । ଯେଖାକୁ ଦେଖା ନୀତି ଅନୁଯାୟୀ ପାକିସ୍ତାନ ମଧ୍ୟ ଭାରତ ସହ ସବୁ ବାଣିଜ୍ୟିକ କାରବାରକୁ ସ୍ଥଗିତ ରଖିଛି । ଅଟାରୀ ଓ ୱାଘା ସୀମା ଦେଇ ୨୦୨୩-୨୪ରେ ୩୮୮୬.୫୩ କୋଟି ବାଣିଜ୍ୟିକ କାରବାର ହୋଇଥିଲା । ଭାରତର ଏହି ପଦକ୍ଷେପ ପାକିସ୍ତାନର ଅର୍ଥନୀତି ଉପରେ ପ୍ରଭାବ ପକାଇବା ସହ ଛୋଟ ବ୍ୟବସାୟୀ ଓ ଉତ୍ପାଦନ ଉପରେ ପ୍ରଭାବ ପକାଉଛି । ୨୦୨୩-୨୪ରେ ଭାରତ ପାକିସ୍ତାନରୁ ମୁଖ୍ୟତଃ କୃଷି ସାମଗ୍ରୀ ଆମଦାନୀ କରିଥାଏ । ଯାହାର ମୂଲ୍ୟ ଆମେରିକୀୟ ଡଲାର ଅନୁଯାୟୀ ୩ ନିୟୁତ ହେବ । ପାକିସ୍ତାନ ଭାରତ ଉପରେ ମଧ୍ୟ ଔଷଧ ଉପରେ ନିର୍ଭରଶୀଳ । ତେଣୁ ଭାରତ ଏହାକୁ ବାତିଲ କରିବା ପରେ ଔଷଧ ଯୋଗାଣରେ ପାକିସ୍ତାନ ଉପରେ ପ୍ରଭାବ ପଡ଼ିପାରେ ।

ଜନଜାତୀୟ...

ଏପରି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି । ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ । ଆମ ଐତିହ୍ୟ ସଂରକ୍ଷଣ ସହିତ ସମନ୍ୱୟ ରକ୍ଷିଛି । ଖେଳାଳି, ବିଶେଷଜ୍ଞ, ଗବେଷକ ଓ ନୀତିନିର୍ଦ୍ଧେଶକମାନଙ୍କୁ ଏକଠା କରି, ଆପଣମାନେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଆରମ୍ଭ କରିଛନ୍ତି । ଏହି ଉଦ୍ୟମ ପ୍ରଶଂସାଯୋଗ୍ୟ ।

ଓଡ଼ିଶାରେ ଆମେ ଆମ ପାରମ୍ପରିକ ଖେଳ ଓ ଜନଜାତୀୟ ସଂସ୍କୃତିର ଗର୍ବ କରୁଛୁ । ଏଠିରେ ଅନେକ ପ୍ରାଚୀନ ଖେଳ ଏବେ ବି ଅବିଚ୍ଛିନ୍ନ ଭାବେ ଅନୁଷ୍ଠିତ ହୁଏ । ସରଳ ହେଲେ ମଧ୍ୟ ଗଭୀର ଅର୍ଥ ବୋଝାଏ, ସ୍ଥାନୀୟ ହେଲେ ମଧ୍ୟ ବିଶ୍ୱ ପ୍ରସଙ୍ଗରେ ପ୍ରସଙ୍ଗିକ । ଖୋ–ଖୋ, କବଡ଼ୀ ଆଜି ମଧ୍ୟ ଆମ ସ୍କୁଲ ଅଭ୍ୟାସର ଅଂଶଛ ମଲ୍ଲଖମ୍ଭ । ଏକ ପ୍ରାଚୀନ ଶାରୀରିକ କ୍ରୀଡ଼ା । ପୁରୀରେ ଏବେ ମଧ୍ୟ ବିଶେଷ ଭାବରେ ଅଭ୍ୟାସ କରାଯାଉଛି ।

ଓଡ଼ିଶା ଏବେ ଭାରତରେ ଏକ ମୁଖ୍ୟ କ୍ରୀଡ଼ା କେନ୍ଦ୍ର ଭାବେ ଉଭୟୁକ୍ତ । ଆମେ ଗ୍ରାମୀଣ ଓ ଜନଜାତୀୟ ଟାଲେଣ୍ଟ ଉଭାବନ ପାଇଁ ବ୍ଲକ୍ ସ୍ତରରେ ଷ୍ଟାଡିଅମ, ପଞ୍ଚାୟତ ତଳ ସ୍ତରରେ ଟ୍ରେନିଂ ସେଣ୍ଟର ତିଆରି କରୁଛୁ । ଆମ ଦୃଷ୍ଟିକୋଣ ସରଳ – ପ୍ରତ୍ୟେକ ଗ୍ରାମରେ ଚାମ୍ପିଅନ୍, ପ୍ରତ୍ୟେକ ଆଶାବାନ୍ ଶିଶୁ ପାଇଁ ଉପଯୁକ୍ତ ମଞ୍ଚ । ଅନେକ ପାରମ୍ପରିକ ଖେଳକୁ ଆମେ ଗ୍ରାସରୁଟ୍ ଲେଭେଲରେ ଉନ୍ନତ କରୁଛୁ । ଖୋ–ଖୋ ଓ ଆର୍ଚେରୀ ପାଇଁ ଉଚ୍ଚ କାର୍ଯ୍ୟଦକ୍ଷତା କେନ୍ଦ୍ର ଗଠିତ । ଓଡ଼ିଶାରେ କବଡ଼ୀ ବହୁତ ପ୍ରଚଳିତ, ଏବଂ ବିଭିନ୍ନ ରାଷ୍ଟ୍ରୀୟ ପ୍ରତିଯୋଗିତା ଆୟୋଜିତ ହୁଏ । ୨୦୨୫ ଫେବ୍ରୁଆରୀ ମାସରେ ୭୧ତମ ସିନିଅର ନ୍ୟାସନାଲ କବଡ଼ୀ ଚାମ୍ପିଅନ୍‌ଶିପ କଟକରେ ଅନୁଷ୍ଠିତ ହୋଇଥିଲା ।

ପାରମ୍ପରିକ କ୍ରୀଡ଼ା – ବିଶେଷ କରି କବଡ଼ୀର ପୁନଃଉଦୟ ଦେଖିବା ଅତ୍ୟନ୍ତ ଆନନ୍ଦଦାୟକ । ଯେପରି ବିକଳ୍ପ ଉଦ୍ୟମ ଦ୍ୱାରା ଏହି ଖେଳ ଦେଶବାସୀଙ୍କ ମନରେ ଗଭୀର ପ୍ରଭାବ ଛାଡ଼ିଛି । ଦୃଶ୍ୟପଟ ଦ୍ୱାରା ଏହି ଖେଳ ଘରକୁ ଘର ପହଞ୍ଚିଛି, ଏବଂ ଯୁବ ପିଢ଼ୀଙ୍କ ଆନ୍ତରିକ ଅନୁପ୍ରେରଣ ହୋଇଛି । ଗ୍ରାମୀଣ କ୍ରୀଡ଼ା ବର୍ତ୍ତମାନ ଭାରତର ଏକ ସବୁଠାରୁ ଲୋକପ୍ରିୟ ଓ ବ୍ୟବସାୟିକ ଖେଳ ହୋଇଯାଇଛି । ଆମର ପାରମ୍ପରିକ ଖେଳକୁ ବିଶ୍ୱ ମଞ୍ଚରେ ନେବା ଦରକାର । ଏହି ମାଧ୍ୟମରେ ଆମେ ଆମ ଖେଳକୁ ଆଜି ଓ ଭବିଷ୍ୟତର ଲକ୍ଷ ଲକ୍ଷ ଲୋକ ପର୍ଯ୍ୟନ୍ତ ପହଞ୍ଚାଇପାରିବା । ବ୍ରଡକାଷ୍ଟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି ।

ବନ୍ଧୁମାନେ, ଜନଜାତୀୟ କ୍ରୀଡ଼ାକୁ ସଂରକ୍ଷଣ କରିବା ଅର୍ଥ ହେଉଛି – ଆମ ଆତ୍ମାକୁ ସଂରକ୍ଷଣ କରିବା । ଏହା ଆମ ଶିଶୁମାନେଙ୍କୁ ଆପଣଙ୍କ ଉତ୍ସ ଓ ଐତିହ୍ୟପ୍ରତି ଗର୍ବ ବୋଧ କରାଏ । ଏହା ଗତକାଲିର ଶକ୍ତି ଉପରେ ଭବିଷ୍ୟତ ତିଆରି କରିବା ଅଟୁଟ ପଦକ୍ଷେପ । ପାରମ୍ପରିକତା ଏବେ ନୂଆ ଟ୍ରେଣ୍ଡ । ଜନଜାତୀୟ ଖେଳରୁ ବିଶ୍ୱ ମହିମା । ଏହି ହେଉଛି ଆମର ଦୃଷ୍ଟିକୋଣ । ସରକାର ପ୍ରତିବଦ୍ଧ – ଏହି ଖେଳ ଆବାର ଉଦ୍ଧାର କରିବା ପାଇଁଛ ଆମ ଦୃଷ୍ଟିକୋଣ ହେଉଛି ପାରମ୍ପରିକ ଓ ଆଧୁନିକ ଖେଳ ଏକାଠି ଖେଳାଯିବ, ଗ୍ରାମୀଣ ପ୍ରତିଭା ଚିହ୍ନଟ, ପ୍ରଶିକ୍ଷଣ ଓ ସମ୍ମାନ ମିଳିବ । ଶୀଘ୍ର ଆପଣ ଦେଖିବେ ଅଧିକ ଜନଜାତୀୟ କ୍ରୀଡ଼ା ଉତ୍ସବ, ଟ୍ରାଇବାଲ୍ ସ୍ପୋର୍ଟ୍ସ କାର୍ଯ୍ୟକ୍ରମ, ଗ୍ରାମୀଣ ତରୁଣଙ୍କ ପାଇଁ ବିଶେଷ ପ୍ରସ୍ତାବ ଓ ପୁରସ୍କାର ।

ବିଷୟ ବସ୍ତୁ ସୃଷ୍ଟାମାନେ ଆମ ପାରମ୍ପରିକ ଖେଳକୁ ଅଧିକ ଗୁରୁତ୍ୱ ଦେବେ । ଆମେ ଆମ ଗ୍ରାମ ଓ ପଛଘରରେ ଖେଳାଯାଉଥିବା ଖେଳ ବିଷୟରେ ଅଧିକ ଜାଣିବା ଆବଶ୍ୟକ । ଆମର ବିଶ୍ମୟକର ବିଷୟବସ୍ତୁ ସୃଷ୍ଟାମାନେ ଅଛନ୍ତି । ସେମାନେ ଏହି ରୂପାନ୍ତର ଘଟାଇପାରିବେ । ବିଷୟବସ୍ତୁ, ଦେଶୀ କ୍ରୀଡ଼ା ଓ ସଂସ୍କୃତିର ସମ୍ମିଳନ ଦ୍ୱାରା ଏକ ନୂଆ ତରଙ୍ଗ ସୃଷ୍ଟି ହେବ । ଆସନ୍ତୁ, ଆମେ ସମସ୍ତେ ନୀତିନିର୍ଦ୍ଧେଶକ, ଖେଳାଳି, ଗବେଷକ ଓ ସମୁଦାୟ ଏକ ଜନଅନ୍ଦୋଳନ ଘଟାଇବା ଲାଗି ସହଯୋଗ କରିବା । ଆମର ଏହି ସାମୂହିକ ଚେଷ୍ଟା, ପୁରୁଣା ମୂଳରେ ଅଙ୍କିତ ଭବିଷ୍ୟତ ପିଢ଼ୀଙ୍କୁ ପ୍ରେରଣା ଦେଉ ।

ସବୁଜ...

କାର୍ଯ୍ୟକ୍ଷମ ହୋଇଛି ଏବଂ ଖୁବ ଶୀଘ୍ର ଅତିରିକ୍ତ ୪୦୦ କିଲୋୱାଟ ପ୍ଲାଣ୍ଟ ସ୍ଥାପିତ ହେବାକୁ ଯାଉଛି। ଏହା ରାଜ୍ୟପାଳଙ୍କ ବାସଭବନକୁ ଏକ ନେଟ୍–ଜିରୋ ଶକ୍ତି କ୍ୟାମ୍ପସ୍ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସବୁଜ ମିଶନକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଭାରତରେ ନିର୍ମିତ ଦୁଇ ଚକିଆ ଯାନ ଏବଂ ଅଫିସିଆଲ କାର୍ ପ୍ରଚଳନ କରାଯାଇଛି। ଏପରି ଅଗ୍ରଣୀ ପ୍ରୟାସ ସହିତ ରାଜଭବନ କେବଳ ସମଗ୍ର ଦେଶର ସରକାରୀ ପ୍ରତିଷ୍ଠାନ ପାଇଁ ଏକ ଉଦାହରଣ ସୃଷ୍ଟି କରୁନାହିଁ, ବରଂ ଶୀର୍ଷସ୍ତରରୁ ପରିବର୍ତ୍ତନ ଆରମ୍ଭ ହୁଏ ବୋଲି ସ୍ପଷ୍ଟ ବାର୍ତ୍ତା ଦେଉଛି।

ରାଜ୍ୟପାଳ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଅନେକ ପ୍ରମୁଖ ଯୋଜନା ଉପରେ ମଧ୍ୟ ଆଲୋକପାତ କରିଥିଲେ । ରାଜ୍ୟରେ ଅଧିକ ଲୋକ ସୌର ଶକ୍ତି ବ୍ୟବସ୍ଥା ଆପଣେଇବା ନିମନ୍ତେ ଉତ୍ସାହିତ କରିବା ପାଇଁ ଅତିରିକ୍ତ ସବ୍‌ସିଡି ପ୍ରଦାନ କରିବା ଦିଗରେ ଓଡ଼ିଶା ସରକାର ନେଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ନିଜର ବ୍ୟକ୍ତିଗତ ଲାଭ ସହିତ ପରିବେଶର ବୃହତ୍ତର ହିତ ଦୃଷ୍ଟିରୁ ଏପରି ଯୋଜନାର ସଂପୂର୍ଣ୍ଣ ଲାଭ ନେବାକୁ ଏବଂ ସକ୍ରିୟ ଭାବେ ନବୀକରଣୀୟ ଶକ୍ତି ଉତ୍ସକୁ ବ୍ୟବହାର କରିବା ପାଇଁ ଲୋକମାନଙ୍କୁ ରାଜ୍ୟପାଳ ଅନୁରୋଧ କରିଛନ୍ତି। ଏତଦ୍‌ବ୍ୟତୀତ ଧିରେଧିରେ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନବାହନ ବ୍ୟବହାର ପରିତ୍ୟାଗ କରି ବିଦ୍ୟୁତ ଚାଳିତ ଯାନବାହାନ ବ୍ୟବହାର କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଏପରି ପରିବର୍ତ୍ତନ ପ୍ରଦୂଷଣ ହ୍ରାସ କରିବା, ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ସ୍ୱଚ୍ଛ, ସ୍ଥାୟୀ ଭବିଷ୍ୟତ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରି ସେଥିରେ ବୈଦୁତିକ ଯାନବାହନ ଚାର୍ଜ କରିବା ଦ୍ୱାରା ଜୀବାଶ୍ମ ଇନ୍ଧନର ଆବଶ୍ୟକତା ଦୂର ହୋଇପାରିବ ଏବଂ ପ୍ରକୃତରେ ସବୁଜ ଗତିଶୀଳତା ସକ୍ଷମ ହୋଇପାରିବ ।

ନବୀକରଣୀୟ ଶକ୍ତିର ଉପଯୋଗ / ବ୍ୟବହାର ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା । ଏଣୁ ଏହି ବାର୍ତ୍ତାକୁ ରାଜ୍ୟର ପ୍ରତି ପରିବାରରେ ପହଞ୍ଚାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ରାଜ୍ୟପାଳ ଗଣମାଧ୍ୟର ପ୍ରତିନିଧିମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ପ୍ରଥମ ଥର ପାଇଁ ନବୀକରଣୀୟ ଶକ୍ତିର ସମର୍ଥନ କରିନାହାନ୍ତି। ୨୦୧୪ ମସିହାରେ ସାଂସଦ ଥିବା ବେଳେ ସଂସଦରେ ତାଙ୍କର ପ୍ରଥମ ଅଭିଭାଷଣ ସମୟରେ ସ୍ଥାୟୀ ଶକ୍ତି ସମାଧାନ ପାଇଁ ନବୀକରଣୀୟ ଶକ୍ତିର ଉପଯୋଗକୁ ଦୃଢ଼ ସମର୍ଥନ କରିଥିଲେ। ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ଦ୍ୱାରା ଉପସ୍ଥାପିତ କେନ୍ଦ୍ର ବଜେଟକୁ ସମର୍ଥନ କରିବା ସମୟରେ ଡ. କମ୍ଭମ୍‌ପାଟି ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା ହ୍ରାସ କରି ଏବଂ ଇଥାନଲ ମିଶ୍ରିତ ଇନ୍ଧନ ଏବଂ ବୈଦୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଭାରତର ବାଣିଜ୍ୟ ନିଅଣ୍ଟକୁ ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସରକାରଙ୍କୁ ବିଦ୍ୟୁତ ଯାନ ପାଇଁ ଟିକସ୍ୱ ପ୍ରୋତ୍ସାହନ ପ୍ରଦାନ କରିବାକୁ ଏବଂ ଡିଜେଲ ଜେନେରେଟର ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସୌର ଜେନେରେଟର ଭଳି ନବୀକରଣୀୟ ଶକ୍ତି ମାଧ୍ୟମରେ ଘରୋଇ ବିଦ୍ୟୁତ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଅନୁରୋଧ କରିଥିଲେ । ଫଳରେ ବିତ୍ତୀୟ ନିଅଣ୍ଟ ହ୍ରାସ ପାଇବ ଏବଂ ବୈଦୁତିକ ମୁଦ୍ରା ସଂରକ୍ଷଣ କରିବାରେ ସାହାର୍ଯ୍ୟ କରିବ ବୋଲି କହିଥିଲେ । ଦଶନ୍ଧି ପୂର୍ବେ ସଂସଦରେ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ମନ୍ତବ୍ୟ ଶକ୍ତିନୀତି, ଆର୍ଥିକ ସ୍ଥିରତା ଏବଂ ପରିବେଶଗତ ଦାୟିତ୍ୱବୋଧ ମଧ୍ୟରେ ପାରସ୍ପରିକ ସଂପର୍କ ବିଷୟରେ ଗଭୀର ବୁଝାମଣାକୁ ପ୍ରତିଫଳିତ କରିଥିଲା।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହି ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ରାଜଭବନର ସକରାତ୍ମକ ପଦକ୍ଷେପକୁ ପ୍ରଶଂସା କରିବା ସହିତ ରାଜ୍ୟ ସରକାରଙ୍କ ତରଫରୁ ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ଏହା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଇଭି ପୋଲିସି ଆସିବ ବୋଲି କହିଥିଲେ । ଆଗାମୀ ଦିନରେ ଲୋକସେବା ଭବନକୁ ସୌର ଶକ୍ତି ସମ୍ପନ୍ନ ସହ ଇଭି ଚାଳିତ ଯାନକୁ କେବଳ ପ୍ରବେଶ ମିଳିବ ବୋଲି କହିଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ । ଏ ଦିଗରେ ବ୍ୟାପକ ପର୍ଯ୍ୟାଲୋଚନା କରାଯାଉଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ନବୀକରଣୀୟ ଶକ୍ତିର ବହୁଳ ଉପଯୋଗ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ, ପ୍ରବର୍ତ୍ତିତ ହୋଇଥିବା ବିଭିନ୍ନ ଯୋଜନା ଏବଂ ଉପଲବ୍ଧ ରିହାତି ସଂପର୍କରେ ଆଲୋକପାତ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ରାଜ୍ୟପାଳଙ୍କ ଲୋକସଂପର୍କ ଅଧିକାରୀ ସଂଜୀବ ବାରିକ ବିଭିନ୍ନ ଗଣମାଧମର ପ୍ରତିନିଧି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ତାଣ୍ଡବ...

କୁଆପଥର ବର୍ଷା ହେବାର ସମ୍ଭାବନା ଅଛି । ସେହିପରି ଗତ ମାର୍ଚ୍ଚ ୧ରୁ ଏପ୍ରିଲ ୩୦ ତାରିଖ ସୁଦ୍ଧା ରାଜ୍ୟରେ କାଳବୈଶାଖୀ ବର୍ଷା ସ୍ୱାଭାବିକ ଠାରୁ ଅଧିକ ହୋଇଛି ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ଏକ୍ସରେ କହିଛନ୍ତି, ରାଜ୍ୟରେ କାଳବୈଶାଖୀ ତାଣ୍ଡବ ରଚିଛି । ଶନିବାର ସନ୍ଧ୍ୟାରେ ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ଗଜପତି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, କଟକ, ପୁରୀ, ନୟାଗଡ଼, ଦେବଗଡ଼, କଳାହାଣ୍ଡି ଜିଲ୍ଲାରେ ଘଡ଼ଘଡ଼ି ସହ ସ୍ଥାନେସ୍ଥାନେ କୁଆରପଥର ବର୍ଷା ହୋଇଛି । ତେବେ ରାଜଧାନୀରେ ଭୟଙ୍କର ପବନ ସହିତ ମୂଷଳ ଧାରାରେ ବର୍ଷା ହୋଇଥିଲା । ଭୁବନେଶ୍ୱରରେ ସର୍ବାଧିକ ଝଟକା ପବନ ଘଣ୍ଟାପ୍ରତି ୭୪ କିମି ରହିଥିଲା । ରାତି ୯ଟାରୁ ହଠାତ ଜୋରରେ ପବନ ବୋହିବା ସହିତ ବର୍ଷା ଆରମ୍ଭ ହୋଇଥିଲା ଯେ ଛାଡ଼ିବାର ନାଁ ଧରିନଥିଲା ।

ଗତ ମାର୍ଚ୍ଚ ୧ରୁ ଏପ୍ରିଲ ୩୦ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ବର୍ଷା ହୋଇଛି । ତେବେ ୧୨ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅତ୍ୟଧିକ ବର୍ଷା ହୋଇଥିଲାବେଳେ ୧୦ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି । ୫ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୩ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଛି ।

ଆସନ୍ତାକାଲି (ରବିବାର) ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ କାଳବୈଶାଖୀ ବର୍ଷା ସହ ପବନର ବେଗ ଘଣ୍ଟାପ୍ରତି ୩୦ରୁ ୫୦ କିମି ପର୍ଯ୍ୟନ୍ତ ରହିପାରେ । ତେଣୁ ଏହିସବୁ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତା ୬ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ନବରଙ୍ଗପୁର, କଳାହାଣ୍ଡି ଜିଲ୍ଲାରେ ସ୍ଥାନେସ୍ଥାନେ ଝଡ଼ତୋଫାନ ବର୍ଷା ସହିତ ପବନର ଝଟ୍‌କା ୩୦ରୁ ୫୦ କିମି ରହିପାରେ ।

ନିଯୋଗ...

ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ପକ୍ଷରୁ ସବୁ ସେବାୟତ ନିଯୋଗର ସମ୍ପାଦକ, ସଭାପତି ଓ ସମ୍ପାଦକଙ୍କୁ ନୋଟିସ୍ ଜାରି କରାଯାଇଛି । ଦିଘାଠାରେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ନେଇ ଦ୍ୱନ୍ଦ୍ୱାତ୍ମକ ତଥ୍ୟ ପାଇଁ ମେ' ୪ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଲିଖିତ ଭାବେ ଜଣାଇବାକୁ କୁହାଯାଇଛି । ଦିଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଛତିଶାନିଯୋଗ ପରାମର୍ଶ ଦେଇଛି । ଜଗନ୍ନାଥ ଧାମ ଘୋଷଣାକୁ ସମ୍ପୂର୍ଣ୍ଣ ନିନ୍ଦନୀୟ ବୋଲି କୁହାଯିବା ସହ ଜଗନ୍ନାଥ ଧାମ ଦିଘା ଶବ୍ଦ ପ୍ରତ୍ୟାହାର ପାଇଁ ଅନୁରୋଧ କରାଯାଇଛି । ଗଜପତି ମହାରାଜ ମଧ୍ୟ ଏ ସମ୍ପର୍କରେ ମୁହଁ ଖୋଲିଛନ୍ତି । ଉଚିତ୍ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି । ଗଜପତିଙ୍କୁ ଏନେଇ ଅବଗତ କରାଇବା ସହ ଶାସ୍ତ୍ରୀୟ ମତ ଅନୁସାରେ ପୁରୀ ହିଁ ଏକମାତ୍ର ଜଗନ୍ନାଥ ଧାମ ବୋଲି ସୁଦର୍ଶନ ପଟ୍ଟନାୟକ ଗଜପତିଙ୍କୁ ଚିଠି ଲେଖି ଯୁକ୍ତି ବାଢ଼ିଛନ୍ତି ।

ଖୁବ୍‌ଶୀଘ୍ର...

ଦୁଇ ଚକିଆ ଯାନ କିଣିବାକୁ ଅଗ୍ରୀମ ଟଙ୍କା ଦେଉଛନ୍ତି। ଗ୍ରୁପ୍–ଏ ର କର୍ମଚାରୀମାନେ କିଣିବାକୁ ଥିବା କାର୍ ଦାମ ର ୭୫% ଆଡଭାନ୍ସ ଆକାରରେ ଦେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିହଦେଓ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଡଭାନ୍ସ ବାବଦକୁ କର୍ମଚାରୀମାନଙ୍କୁ ସର୍ବାଧିକ ୧୫ଲକ୍ଷ ଟଙ୍କା ମିଳିବ। ଗ୍ରୁପ୍ ସି' ଓ ଡି' କର୍ମଚାରୀଙ୍କୁ ଦୁଇ ଚକିଆ କିଣିବାକୁ ଆଡଭାନ୍ସ ଆକାରରେ ଗାଡି ମୂଲ୍ୟର ୭୫% ବା ସର୍ବାଧିକ ୨ ଲକ୍ଷ ପର୍ଯ୍ୟନ୍ତ ଆଡଭାନ୍ସ ଦିଆଯିବ। ଏହି ଟଙ୍କା ସର୍ବାଧିକ ୧୦୦ଟି ମାସିକିଆ କିସ୍ତିରେ ଦରମାରୁ ଭରଣା କରାଯିବ। ଇଭି ଆଡଭାନ୍ସ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇଛି।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-296
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୬୧ **ବିଜ୍ଞାପନ** ତା : ୧୭.୪.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଝାରସୁଗୁଡା ସାମାଜିକ ଗୃହ ନିର୍ମାଣ ପ୍ରକଳ୍ପରେ ଗୃହ ସଂଖ୍ୟା ଏମ.ଆଇ.ଜି.–୨–୧୭, (MIG-II-17)କୁ ଶ୍ରୀ ଗୋପାଳସିଂ ଭାଇରା, ପି–ମାଙ୍ଗିଲାଲ୍ ଭାଇରା, ଗୋପାଳ ଇଞ୍ଜିନିୟରିଂ ୱାର୍କସ, ବେଲପାହାଡ, ପୋ–ବେଲପାହାଡ଼ (ଆର.ଏସ୍), ଥା–ବେଲପାହାଡ଼, ଜି– ଝାରସୁଗୁଡା–୭୬୮୨୧୭ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋପାଳସିଂ ଭାଇରା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ କୃଷ୍ଣଚନ୍ଦ୍ର ପରିଡ଼ା, ପି– ସ୍ୱର୍ଗତ ବିପିନ୍ ପରିଡ଼ା, ସା/ପୋ–ବେନିପୋଲି, ଥା–ଗଙ୍ଗାପୁର, ଜି–ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର **ପନ୍ଦର ଦିନ** ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0587/2526

AFFIDAVIT

By virtue of an affidavit sworn before The Executive Magistrate, Khordha on 29.04.2025, I, Sri Dillip Kumar Kalas, S/o Late Subas Chandra Kalas, At-Gunthuni, Po-Golabai, Ps-Jankia, Dist-Khordha declared that I have changed my name from Dilip Kalas to Dillip Kumar Kalas. Dilip Kumar Kalas & Dillip Kalas S/o Late Subas Chandra Kalas is one & the same person. Henceforth I shall be known as Dillip Kumar Kalas for all purposes.

Sd/- DILLIP KUMAR KALAS

ODISHA CONSTRUCTION CORPORATION LTD.
(A Govt. of Odisha Undertaking)
CENTRAL WORKSHOP, RASULGARH,
Bhubaneswar-751010 (0disha) Tel- 0674 : 2580107,
Email: smppmcws@gmail.com (GSTIN-21AAACO2571K2ZM)
CAD-306
Tender call Notice No. OCC/CWS/PROC/Store-01/09/2025-26 dtd.03.05.2025.

Type of work : Development, Customization, Integration and Implementation of Store Digitalization system for Central Workshop, Rasulgarh under Odisha Construction Corporation Ltd., Govt. Of Odisha.
Total No. of work : 01(One).
Project Period Timeline : 04 (four) months.

Procurement Officer	Tender Call Notice No.	Cost of Tender document (including GST)	EMD	Sale of tender document	Submission of tender document
Senior Manager (Mech.), OCC Ltd., Central Workshop, Rasulgarh, Bhubaneswar	OCC/CWS/PROC/Store-01/09/2025-26 dtd. 03.05.2025	Rs. 7080/- (Non-refundable)	Rs. 20,000/-	03.05.2025 10.00 AM to 17.05.2025 5.00 PM	03.05.2025 10.00 AM to 17.05.2025 5.00 PM

Further details can be seen from the website **(www. odishaconstruction.com) Amendment/corrigendum/cancellation, if any shall be posted on-line only (OCCL website).**

Sd/- Senior Manager (Mech.)-I
OCC Ltd., Bhubaneswar
OIPR : 34163/11/0066/2526

NATIONAL COMPETITIVE BIDDING THROUGH e-Procurement
Tel. No.06752222092, e-mail id-eewpuri@qmail.com
TCN NO. TENDER ONLINE - 03 OF 2025-26
No.4667 / Dt. 30.04.2025

O-116 : The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 5 Nos. of work for the year 2025-26 in the District of Puri.

1. Total no. of works : 5 nos.
2. Tender cost of packages : Amount varies from Rs.64.44 lakh to Rs.73.31
3. Class of contractor : As per DTCN.
4. Period of completion : 6 (Six) Calendar months.
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

Procurement Officer	Bid Identification No.	Availability of Tender on-line for Bidding		Last Date & Time of seeking Tender Clarification	Date, time & venue of opening of tender	
		From	To		Technical Bid	Financial Bid
1	2	3	4	5	6	7
Superintending Engineer, Rural Works, Division, Puri	Online-03	08.05.2025 at 11.00 A.M.	23.05.2025 up to 5.00 PM	25.05.2025 up to 1.30 P.M.	26.05.2025 at 12.00 Noon Office of the S.E., R.W. Division, Puri	Will be intimated to qualified bidders through the website later

5. Other details can be seen in the bidding documents, which is available in website **"https://tendersodisha.gov.in".**

Sd/- Superintending Engineer
R.W. Division, Puri
OIPR : 25065/11/0022/2526

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID: cebuildinqs orissa@yahoo.co.in cebuildings@rediffmail.com'
Tel. -(0674)- 2391523
INVITATIONS FOR BIDS (IFB)
B-76
File No-B-II-Rev.-18/2024 Lr. No. 16720 /Bhubaneswar 25th. April, 2025
Invitation for Bids
Bid Identification No. C.E. (B) - 05 / 2025-26

1.	The Chief Engineer (Buildings-II), Odisha on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government / MES / Railways for the infrastructure works detailed in the table below on turnkey basis (i.e. Architectural planning with detailed design, vetting& execution).		
2.	Nature of work	:	Construction of New Collectorate Building, Cuttack (G/S+5 Floors) on Turnkey Basis in the state of Odisha.
3.	No. of work	:	01 No.
4.	Bid Cost.	:	Rs. 10,000/-
5.	Class of Contractor	:	Super Class
6.	Availability of Bid Documents in the website	:	From dt.15.05.2025 to 05.30 PM of dt.05.06.2025
7.	Pre -bid meeting	:	Dt.28.05.2025 at 11.30 AM
8.	Last date of online submission of bid	:	Dt.05.06.2025 up to 5:30 PM
9.	Last dt. Of Submission of hardcopy (Cover-III).	:	Dt.12.06.2025 up to 5:30 PM
10.	Date of Opening of Bid	:	Dt. 13.06.2025 at 11.30 AM
11.	The Bidders have to participate in ONLINE bidding only. Further details can be seen from the website **: https://tendersodisha.gov.in.** Any addendum / corrigendum / cancellation of tender can also be seen in the said website only.		

Sd/- Chief Engineer (Buildings-II) Odisha, Bhubaneswar
OIPR : 34117/11/0091/2526

GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, RAYAGADA
Email ID-ccerwcrayagada@gmail.com
Letter No. 809 / W.E. / Date: 01.05.2025
NATIONAL COMPETITIVE BIDDING
O-114
E- Procurement Notice for FM-JANMAN Batch-II PMGSY works

1. Name of the work : Construction & Maintenance of road works for the year 2024-25, (1 Nos)
2. Class of Contractor : "B" & "c" (Odisha PWD) or relevant class of other licensing authority.
3. Estimated Cost : Varies from Rs. 129.35 Lakhs (Approximately)
4. Details projects as per Annexure attached :

Procurement Officer	Bid Identification No.	Availability of Tender on-line for Bidding		Last Date & Time of seeking Tender Clarification	Date, Time of opening of tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works, Circle, Rayagada	NCB-10/ RWCRGDA/ 2025-26	Dt. 08.05.2025 at 11.00 A.M.	Dt.06.06.2025 up to 5.00 PM	Dt. 05.06.2025 up to 5.00 P.M.	Dt. 09.06.2025 at 11.00 A.M.	Will be intimated later

5. The details of works can be seen from the web site **www.pmgsytenders.gov.in**
6, Any Corrigendum/Addendum will be displayed in the above e-tender web site.

Sd/- Chief Construction Engineer, Rural Works Circle, Rayagada
OIPR : 25196/11/0011/2526

GOVERNMENT OF ODISHA : DEPARTMENT OF PAN CH AY ATI RAJ & DRINKING WATER
Office of the Block Development Officer, Panchayat Samiti, Semiliquda. Dist- Koraput
e-Procurement Notice No. 01/2025-26
PERCENTAGE RATE e-TENDER
No.2024 /2025 Date: 29. 04.2025

i-56 : The Block development Officer, Panchayat Samiti Semiliguda, Dist. Koraput, Pin 764036 (Odisha) (for and on behalf of Governor of Odisha) Invites **"PERCENTAGE RATE Bids" IN SINGLE COVER SYSTEM,** in electronic tendering system for the construction works detailed in the table.

Details of the Tender Project

Sl. No.	Name of the Work	Name of the Scheme	Approximate value or work Excluding GST	Class of Contractor	E.M.D. (Rs.)	Cost of Tender Documents	Period of Completion
1.	Construction of Addl. Class room building at Sakiaguda PS of Pitaguda GP	S&ME Deptt.	14,20,234/-	"C"&"D"	14,210/-	6000/-	6 (Six) calendarMonths
2.	Construction of Addl. Class room building at Dambaguda PS of Pitaguda GP	S&ME Deptt.	14,21,754/-	"C" & "D"	14,220/-	6000/-	6 (Six) calendarMonths
3.	Construction of Addl. Class room building at Mali Khudi of KhudiGP	S&ME Deptt.	14,43,253/-	"C"&"D"	14,440/-	6000/-	6 (Six) calendarMonths
4.	Construction of Addl. Class room building at Bhairabguda of P.Muthai GP	S&ME Deptt.	14,44,416/-	"C" & "D"	14,450/-	6000/-	6 (Six) calendarMonths
5.	Construction of Addl. Class room building at Mukhibidei UGHSof Rajput GP	S&ME Deptt.	14,43,810/-	"C" & "D"	14,440/-	6000/-	6 (Six)
6.	Construction of Office building with Market complex for GPLF building at Rajput	Mission Shakti	20,96,727/-	"B" & "C"	21,000/-	6000/-	4 (Four) calendarMonths
7.	Construction of Office building with Market complex for GPLF building at Rajput	Mission Shakti	20,96,727/-	"B" & "C"	21,000/-	6000/-	4 (Four) calendarMonths
8.	Construction of Office building with Market complex for GPLF building at Rajput	Mission Shakti	20,96,727/-	"B" & "C"	21,000/-	6000/-	4 (Four) calendarMonths
9.	Construction of Office building with Market complex for GPLF building at Rajput	Mission Shakti	20,96,727/-	"B" & "C"	21,000/-	6000/-	4 (Four) calendarMonths

(9 nos of work only)

Sl. No.	Description	Critical Dates
(i)	Period of availability of bid documents for on-line bidding	**02.05.2025 to 16.05.2025** up to **17:30 Hours**
(ii)	Last date & time of seeking clarification	**15.05.2025** up to **17:30 Hours**
(iii)	Last date & time of on-line bidding	**16.05.2025** up to **17:30 Hours**
(iv)	Date & time of opening of on-line Bid	**17.05.2025** at **10.00 Hours**
(v)	Transparent Lottery (If required)	**17.05.2025**

Bid documents consisting of specification, the bill of quantity, Tender call notice including the estimated cost, tender value, bid security/EMD, cost of bid documents, required class of contractor, completion time etc. are available in the e-procurement portal/ website **https://www.tendersodisha.gov.in.**

OIPR : 19066/11/0003/2526
Sd/- Block Development Officer, Semiliguda

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
OFFICE OF THE PARADEEP MUNICIPALITY, PARADEEP
ସ୍ଥାନ - ପାରାଦ୍ୱୀପ, ଜିଲ୍ଲା- ଜଗତସିଂହପୁର, ୭୫୪୧୪୨
At/Po- paradeep, Dist.- Jagatsinghpur (Odisha), Pin-754142
OFFICE OF THE PARADEEP MUNICIPALITY, PARADEEP
Quotation Call Notice no. 1658/ dt.29.04.2025

C-218 : The Executive Officer. Paradeep Municipality, Paradeep invites sealed quotation from the intenging contractor/ firm/ WSHG having update GSTN/ PAN card holder for Clearing & Maintaining of Water Hyacinth and Shrub Jungales of Kapil Jori Creek from Jagannalh Mandir to Mausi Maa Mandir, Paradeep Municipality. DTCN alongwith specification, terms & conditions can be obtained in the office of the Paradeep Municipality, Paradeep on payment of paper cost ?6,000.00 (Rupees- Six Thousand) only (not refundable) from dt.02.05.2025 to dt. 13.05.2025 during office hours. The quotation will be available on office website **www.paradeepmunicipality.in.** Paper cost shall be paid as per the same method noted in DTCN downloaded online. The quotation will be reached the undersigned on or before dt. 14.05.2025 upto 11.00 AM. The same will be opened on the same day i.e. dt. 14.05.2025 at 1.00 PM.

Sd/- Executive Officer
Paradeep Municipality
OIPR : 13120/11/0037/2526

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-301
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୭୧ **ବିଜ୍ଞାପନ** ତା : ୨୩.୪.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର **୧୫** ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା	ଗୃହର ବିବରଣୀ	ଉତ୍ତରାଧିକାରୀଙ୍କ ନାମ
ସ୍ୱର୍ଗତ ଚିତ୍ତରଞ୍ଜନ ଦାସ ପିତା–ସ୍ୱର୍ଗତ ବୃନ୍ଦାବନ ଦାସ ସା–ଟୀଣା, ପୋ–କାଳୀଗାଁ ଥାନା–ଖଣ୍ଡପଡ଼ା ଜିଲ୍ଲା–ବାଲେଶ୍ୱର	ଏମ୍‌ଆଇଜି–୨–୭୯/୨ (MIG-2-79/2) ଚନ୍ଦ୍ରଶେଖରପୁର ୧ମ ପର୍ଯ୍ୟାୟ ଭୁବନେଶ୍ୱର	୧. ଅନିତା ଦାସ (ସ୍ତ୍ରୀ) ୨. ଦେବାଶିଷ ଦାସ (ପୁତ୍ର) ୩. ଅନିମେଶ ଦାସ (ପୁତ୍ରଷ

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0595/2526

OFFICE OF THE NOTIFIED AREA COUNCIL, BANKI
No. 1087 / Date : 01/05/25
QUOTATION CALL NOTICE

C-227 : Sealed quotation are invited from registered/experienced reputed architecture firms who are proficient in preparation of plans, exteriors, designs and detailed estimate, rate analysis and supervision of works may apply to the undersigned within the working hours on or before Dt:-19.05.2025 for engagement as consultant for Kalyan mandap, park.cremaiorium. market complex.vending zone,Multipurpose building of Banki NAC and other prerequisite technical processes involved. The consultant must have experience in similar nature of work with registration license. GST, PAN card, along with Paper cost Rs. 10,000/- inshape of Bankers cheque, Demand draft in favour of the Executive Officer. NAC Banki etc . Preference will given to consultants having higher and better experience in ULBs and/or commercial areas.

The Quotation shall be submitted in the office tender box from 11.00 am on dt :-05.05.2025 up to 5.00 pm dt:-19.05.2025 excluding Govt holiday, and shall be opened on date: -20.05.2025 at 11.00AM in presence of all the authorized stakeholders. The undersigned reserves all rights to reject any or all quotations without assigning any reason thereof.

Sd/- Executive Officer
NAC, Banki
OIPR : 13153/11/0005/2526

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୭୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶନ କରି ପୂର୍ବ ଜୋନରୁ

ୟୁନିଭର୍ସିଟି 'ଲ' କଲେଜ ଜାତୀୟସ୍ତରରେ ରନର୍ସଅପ

ଭୁବନେଶ୍ୱର(ସବ୍ୟୁ): କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶନ କରି ପୂର୍ବ ଜୋନରୁ ଭୁବନେଶ୍ୱରସ୍ଥିତ ୟୁନିଭେର୍ସିଟି ଲ କଲେଜ ଛାତ୍ରୀମାନେ ଜାତୀୟସ୍ତରରେ ରନର୍ସଅପ ହୋଇଛନ୍ତି । ନୂଆଦିଲ୍ଲୀସ୍ଥିତ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ଆମନ୍ତ୍ରଣକ୍ରମେ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସାଲୋମୀ ସାହୁଙ୍କ ନେତୃତ୍ୱରେ ୟୁନିଭେର୍ସିଟି ଲ କଲେଜ ଦ୍ୱିତୀୟ ବର୍ଷ ଛାତ୍ରୀ ଜାଗୃତି ମାଝୀ, ସାନିଆ ଖାନ, ସ୍ମୃତିଶିଖା ସାହୁ, ଆଦ୍ୟାଦେବପ୍ରଜ୍ଞା ପଟ୍ଟନାୟକ ଓ ଶ୍ରୀମୟୀ ମହାପାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ ।

ନୂଆଦିଲ୍ଲୀ ଠାରେ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ଦ୍ୱାରା ଆୟୋଜିତ କ୍ରାନ୍ତିଜ୍ୟୋତି ସାବିତ୍ରୀ ବାଇ ଫୁଲେଙ୍କ ଜନ୍ମ ଦିନ ପାଳନ ଅବସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଛାତ୍ରୀମାନେ ଯୋଗ ଦେଇଥିଲେ । ସର୍ବୋଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ତଥା ପୃଷ୍ଠପୋଷକ ଜଷ୍ଟିସ ସଂଜୀବ ଖାନା ଏବଂ କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ଉଚ୍ଚତମ ନ୍ୟାୟାଳୟ ବିଚାରପତି ଜାତୀୟ ଆଇନ ସେବା ପ୍ରାଧିକରଣ ଜଷ୍ଟିସ ବି. ଆର. ଗବାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ସଦସ୍ୟ ସଚିବ ଜାତୀୟ ଆଇନ ସେବା ପ୍ରାଧିକରଣ ଏସ. ସି ମୁଙ୍ଗେଡ ପ୍ରମୁଖଙ୍କ ଠାରୁ ଛାତ୍ରୀମାନେ ପୁରସ୍କାର ଗ୍ରହଣ କରିଛନ୍ତି । ଓଡିଶାରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ସଚିବ ଏବଂ ଆଇନ ଛାତ୍ରୀମାନେ କ୍ଷୁଦ୍ର ଚଳଚ୍ଚିତ୍ର ଭିବାଗରେ ନୂଆଦିଲ୍ଲୀରେ ଉପସ୍ଥିତ ରହି ଇଷ୍ଟ ଜୋନ ପାଇଁ ମୁଖ୍ୟ ବିଚାରପତିଙ୍କ ଠାରୁ ପାନ ଇଣ୍ଡିଆ ଜୋନାଲ ଲେବଲ ସଂକ୍ଷିପ୍ତ ଚଳଚ୍ଚିତ୍ର ପ୍ରଦର୍ଶନରେ ଏହି ରନର୍ସ ଅପ ପୁରସ୍କାର ଗ୍ରହଣ କରିଛନ୍ତି ।

ଓଡିଶାର ଉତ୍କଳ ୟୁନିଭେର୍ସିଟି ଲ କଲେଜ ଆଇନ ବିଭାଗର ଛାତ୍ରଛାତ୍ରୀମାନେ ଅଣସଂଗଠିତ ଶ୍ରମିକ ମାନଙ୍କ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତ କରିବା ସହ ଉକ୍ତ ଛାତ୍ରୀମାନେ ଉକ୍ତ ଚଳଚ୍ଚିତ୍ରରେ ଉନ୍ନତ ମାନର ଅଭିନୟ କରି ଶ୍ରେଷ୍ଠତା ପ୍ରଦର୍ଶନ କରିଛନ୍ତି । ଏହି ଦଳଗତ ସଫଳତା ପାଇଁ ଛାତ୍ରୀ ମାନଙ୍କୁ ଆଇନ ସେବା ପ୍ରାଧିକରଣ ଶ୍ରେଷ୍ଠ ରନର୍ସ ଅପ ସହ ୫୦୦୦ ଟଙ୍କା ଅର୍ଥ ରାଶି ସହ ମାନପତ୍ର ପ୍ରଦାନ କରାଯାଇଛି । ଏଭଳି ଉଲ୍ଲେଖନୀୟ ସଫଳତା ପାଇଁ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସମସ୍ତ କୃତି ଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଆଗକୁ ଏହି ଅଭିଯାନ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି ।

ଜାତୀୟ କୋଇଲା ଖଣି ଶ୍ରମିକ ଦିବସ

ସ୍ମାର୍ଟ ଖଣି ବ୍ୟବସ୍ଥା ଦ୍ୱାରା ସୁରକ୍ଷାକୁ ସୁଦୃଢ଼ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ): କୋଇଲା ଖଣି ଶ୍ରମିକ ଦିବସ ଅବସରରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମଖାନି କୋଇଲା ଖଣିରେ ନିଜର ଖଣି ଶ୍ରମିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଛି । ବେଦାନ୍ତର ପ୍ରଥମ ଗ୍ରୀନଫିଲ୍ଡ କୋଇଲା ପ୍ରକଳ୍ପରେ କମ୍ପାନୀ ଏହାର ଖଣି କାର୍ଯ୍ୟକଳାପରେ ସୁରକ୍ଷା ମାନକକୁ ଉନ୍ନତ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରୁଛି । ଏହି ଆଗଧାଡିର ପଦକ୍ଷେପଗୁଡ଼ିକ ହେଉଛି ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-ଚାଳିତ, ଡ୍ରୋନ୍-ଆଧାରିତ ନିରୀକ୍ଷଣ ପ୍ରଣାଳୀର ନିୟୋଜନ । ଏହି ଅତ୍ୟାଧୁନିକ ସମାଧାନ ବ୍ୟବସ୍ଥା ମଣିଷ, ପଶୁ ଏବଂ ଯାନବାହାନର ଉପସ୍ଥିତିକୁ ସ୍ୱୟଂକ୍ରିୟ ଭାବରେ ଚିହ୍ନଟ ଏବଂ ରେକର୍ଡିଂ କରି ୫୦୦ ମିଟର ବିସ୍ଫୋରଣ ଜୋନର ରିଅଲ୍ ଟାଇମ୍ ଏରିଆଲ୍ ମନିଟରିଂକୁ ସକ୍ଷମ କରେ । ଏହି ବ୍ୟବସ୍ଥା ଅନଧିକୃତ ପ୍ରବେଶ କ୍ଷେତ୍ରରେ ଲାଇଭ୍ ଷ୍ଟ୍ରିମିଂ ଏବଂ ତୁରନ୍ତ ଆଲର୍ଟକୁ ସହଜ ସହିତ ଏହାର ସମାଦାନ କରିଥାଏ । ବେଦାନ୍ତର ସ୍ମାର୍ଟ ନବସୃଜନ କାର୍ଯ୍ୟକ୍ରମ ସହଯୋଗରେ ଆରମ୍ଭ ହୋଇଥିବା ଏହି ଡ୍ରୋନ୍ ବ୍ୟବସ୍ଥା ଅଧିକାରୀ, ଡ୍ରୋନ୍ ପାଇଲଟ୍ ଏବଂ ବିସ୍ଫୋରଣକାରୀ ଅଧିକାରୀଙ୍କ ମଧ୍ୟରେ ଅଡିଓ ଯୋଗାଯୋଗକୁ ମଧ୍ୟ ସହଜ କରିଥାଏ, ଯାହା ସମନ୍ୱୟ ଏବଂ ପରିଚାଳନା ଦକ୍ଷତାରେ ଉନ୍ନତି ଆଣିଥାଏ ।

ବେଦାନ୍ତ ଆଲୁମିନିୟମ୍ ଏହାର ଜାମଖାନି କୋଇଲା ଖଣିରେ ଡ୍ରୋନ୍ ଆଧାରିତ ଷ୍ଟକପାଇଲ୍ ଭଲିଉମେଟ୍ରିକ ବିଶ୍ଳେଷଣକୁ ଆହୁରି ତ୍ୱରାନ୍ୱିତ କରିଛି । ଏହି ବ୍ୟବସ୍ଥା ସମଗ୍ର ଷ୍ଟକୟାର୍ଡକୁ ବିଶ୍ଳେଷଣ କରେ ଏବଂ ୧୨ ଘଣ୍ଟା ମଧ୍ୟରେ ପାରମ୍ପରିକ ପଦ୍ଧତି ତୁଳନାରେ ଯଥେଷ୍ଟ ଦ୍ରୁତ ଏବଂ ନିରାପଦ ବିସ୍ତୃତ ରିପୋର୍ଟ ପ୍ରଦାନ କରେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ସମ୍ଭାବ୍ୟ ବିପଜ୍ଜନକ ଅଞ୍ଚଳରେ କର୍ମଚାରୀଙ୍କୁ ନିୟୋଜିତ କରିବାର ଆବଶ୍ୟକତାକୁ ଦୂର କରିଥାଏ । ଖଣିଗୁଡ଼ିକରୁ ସାମଗ୍ରୀ ପରିବହନ ପାଇଁ ଖଣି ଯାନ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଯାନଗୁଡ଼ିକୁ ଚଳାଉଥିବା ଡ୍ରାଇଭରମାନଙ୍କ ସୁରକ୍ଷା ବେଦାନ୍ତ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । କମ୍ପାନୀ ଏକ କ୍ଲାନ୍ତି ନିରୀକ୍ଷଣ ପ୍ରଣାଳୀ ପ୍ରସ୍ତୁତ କରିଛି, ଯାହା ନିଦ୍ରା, ମୋବାଇଲ୍ ଫୋନ୍ ବ୍ୟବହାର ଏବଂ ଅନ୍ୟାନ୍ୟ ବିକ୍ଷେପ କ୍ଷେତ୍ରରେ ରିଅଲ୍ ଟାଇମ୍ ଆଲର୍ଟ ପ୍ରଦାନ କରି ଡ୍ରାଇଭର ସୁରକ୍ଷାକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି । ଯାନବାହନ ସୁରକ୍ଷା ପାଇଁ ବେଦାନ୍ତ ଧକ୍କା ଏଡ଼ାଇବା ବ୍ୟବସ୍ଥା ମଧ୍ୟ ସ୍ଥାପନ କରିଛି । ଏହି ବ୍ୟବସ୍ଥା ଯାନ ସାମ୍ନାରେ ଥିବା ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ ଏବଂ ଡ୍ରାଇଭରମାନଙ୍କୁ ଠିକଣା ସମୟରେ ସତର୍କ କରି ଯାନ ସୁରକ୍ଷାକୁ ବୃଦ୍ଧି କରେ । ଜାମଖାନିରେ କମ୍ପାନୀ ସକ୍ରିୟ ଭାବେ ଅନେକ ଡିଜିଟାଲ୍ ସୁରକ୍ଷା ପ୍ରଯୁକ୍ତିବିଦ୍ୟା ପରିଚାଳନା କରୁଛି, ଯେଉଁଥିରେ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-ଚାଳିତ ସୁରକ୍ଷା ଅଣ-ଅନୁପାଳନ ଚିହ୍ନଟ ବ୍ୟବସ୍ଥା ରହିଛି, ଯାହା ବାସ୍ତବ-ସମୟର ଉଲ୍ଲଙ୍ଘନଗୁଡ଼ିକୁ ଚିହ୍ନିତ କରିବା ପାଇଁ ସ୍ମାର୍ଟ ସିସିଟିଭି ବ୍ୟବହାର କରିଥାଏ ।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର ଏହି ସୂଚନା ଦେଇ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ, ଆମର ଶ୍ରମଶକ୍ତିର ସୁରକ୍ଷା ଏବଂ କଲ୍ୟାଣ ପ୍ରାଥମିକତା । କୋଇଲା ଖଣି ଶ୍ରମିକ ଦିବସରେ, ଆମେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଟେକ୍ନୋଲୋଜି ନବସୃଜନର ନେତୃତ୍ୱ ନେଇ ଗର୍ବିତ, ଯାହା ଖନନ କ୍ଷେତ୍ରରେ ସୁରକ୍ଷା ମାନକକୁ ପୁନଃ ପରିଭାଷିତ କରୁଛି, ଯାହା ସ୍ମାର୍ଟ, ସୁରକ୍ଷିତ ଏବଂ ସ୍ଥାୟୀ ପରିଚାଳନା ନିର୍ମାଣ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

କାମଧେନୁ ପେଣ୍ଟସ୍ ଚାନେଲ ସହଭାଗୀଙ୍କ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): କାମଧେନୁ ଗ୍ରୁପର ଏକ ବ୍ରାଣ୍ଡ ତଥା ଉଚ୍ଚ ଗୁଣବତ୍ତା ସମ୍ପନ୍ନ ପେଣ୍ଟସ୍ ଏବଂ ଏମଲସନ୍ସର ଅଗ୍ରଣୀ ନିର୍ମାତା କାମଧେନୁ ପେଣ୍ଟସ୍ ପକ୍ଷରୁ ପୁରୀରେ ଆୟୋଜିତ ଦୁଇଦିନିଆ ଚାନେଲ ପାର୍ଟନର୍ସ ମିଟ ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମ ସହରର ଏକ ସମ୍ମାନଜନକ ରିସର୍ଟରେ ଅନୁଷ୍ଠିତ ହୋଇଥିଲା ଏବଂ ସେଥିରେ ବ୍ରାଣ୍ଡ ଡିଲର ଏବଂ ସେମାନଙ୍କ ପରିବାରବର୍ଗ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ସିଓଓ ରାଜକୁମାର ଶ୍ରୀବାସ୍ତବ, କାମଧେନୁ ପେଣ୍ଟସ୍, କମ୍ପାନୀର ଆକାଂକ୍ଷିତ ଅଭିବୃଦ୍ଧି ଯୋଜନା ଏବଂ ଆଗାମୀ ବିକ୍ରୟ ରଣକୌଶଳ ସମ୍ପର୍କରେ ଉଲ୍ଲେଖ କରିଥିଲେ। ନିକଟ ଭବିଷ୍ୟତରେ ହେବାକୁ ଥିବା ନୂତନ ଉତ୍ପାଦର ବଜାର ପ୍ରବେଶ ଉପରେ ସେ ଡିଲରମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଶ୍ରୀ ଶ୍ରୀବାସ୍ତବ ମଧ୍ୟ ବିଗତ ବର୍ଷଗୁଡିକରେ କାମଧେନୁ ଚାନେଲ ପାର୍ଟନରମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସେମାନଙ୍କୁ ବଧେଇ ଜଣାଇଥିଲେ । ଦୀର୍ଘ ୧୫ ବର୍ଷରୁ ଅଧିକ କାଳ ଧରି ରାଜ୍ୟରେ ନିଜର ମଜଭୁତ ଉପସ୍ଥିତି ସହିତ ଏହି ବ୍ରାଣ୍ଡ ନିଜକୁ ରାଜ୍ୟର ଶ୍ରେଷ୍ଠ ୫ଟି ବ୍ରାଣ୍ଡ ମଧ୍ୟରେ ସ୍ଥାନିତ କରିଛି।

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ରୂପାରେ ପୁଞ୍ଜିନିବେଶ

ନିମନ୍ତେ ପ୍ରଚଳନ କଲା ଡିଏସ୍‌ପି ସିଲଭର ଇଟିଏଫ୍ ଫଣ୍ଡ ଅଫ୍ ଫଣ୍ଡ

ଭୁବନେଶ୍ୱର (ସବ୍ୟୁ): ଡିଏସପି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ତାହାର ନୂତନ ଓପନ-ଏଣ୍ଡେଡ ସ୍କିମ ଡିଏସପି ସିଲଭର ଇଟିଏଫ ଫଣ୍ଡ ଅଫ ଫଣ୍ଡ ପ୍ରଚଳନ କରିଛି । ଯାହା ପୁଞ୍ଜିନିବେଶକଙ୍କୁ ମ୍ୟୁଚୁଆଲ ଫଣ୍ଡ ମାଧ୍ୟମ ଜରିଆରେ ରୂପାରେ ପୁଞ୍ଜିନିବେଶ ସୁଯୋଗ ହାସଲ କରିବାକୁ ଏକ ସ୍ୱାଚ୍ଛନ୍ଦ୍ୟମୂଳକ ଏବଂ ସୁସଂଗଠିତ ପନ୍ଥା ଯୋଗାଇ ଦେଉଛି। ଏହି ଫଣ୍ଡ ଅଫ ଫଣ୍ଡ ମୁଖ୍ୟତଃ ଡିଏସପି ସିଲଭର ଇଟିଏଫରେ ପୁଞ୍ଜିନିବେଶ କରିବ, ଯାହା ଘରୋଇ ବଜାରରେ ଭୌତିକ ରୂପାର ପ୍ରଦର୍ଶନ ସହିତ ଅତି ନିକଟତର ରିଟର୍ଣ୍ଣ ପ୍ରଦାନ କରିବ । ରୂପା ଏକ ସାମଗ୍ରୀ ଭାବରେ ଇଲେକଟ୍ରୋନିକ୍ସ, ଯାନବାହନ, ଶକ୍ତି ଏବଂ ଅଳଙ୍କାର ଆଦି ବିବିଧ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି, ଯାହାର ଚାହିଦା ଅକ୍ଷୟ ଏବଂ ସ୍ୱଚ୍ଛ ଶକ୍ତି ଉତ୍ସ ଆଡକୁ ବିଶ୍ୱର ସ୍ଥାନାନ୍ତରଣ କାରଣରୁ ବୃଦ୍ଧିପାଇବା ଆଶା କରାଯାଉଛି। ରୂପାର ଯୋଗାଣ ଅଭିବୃଦ୍ଧି ସୀମିତ ରହିଛି ଏବଂ ଚଳିତ ବର୍ଷଗୁଡିକରେ ନିରନ୍ତର ଏହାର ଯୋଗାଣରେ ଅଭାବ ପରିଲକ୍ଷିତ ହୋଇଛି । ୨୦୨୫ ବର୍ଷଟି କ୍ରମାଗତ ପଞ୍ଚମ ବର୍ଷ ହୋଇପାରେ, ଯେତେବେଳେ ରୂପାର ଚାହିଦା ଯୋଗାଣ ଠାରୁ ଅଧିକ ରହିପାରେ। ଯୋଗାଣ କ୍ଷେତ୍ରରେ ଏହି ନିଅଣ୍ଟିଆ ସ୍ଥିତି ବାର୍ଷିକ ଚାହିଦାର ୨୦ ପ୍ରତିଶତରୁ ଅଧିକ ହୋଇପାରେ। ଅତୀତରେ ଏହିଭଳି ନିଅଣ୍ଟ ସ୍ଥିତି ଯେତେବେଳେ ଘଟିଥିଲା, ସେତେବେଳେ ରୂପା ନିମନ୍ତେ ପୁଞ୍ଜିନିବେଶ ଚାହିଦାରେ ସ୍ୱଳ୍ପ ଅଭିବୃଦ୍ଧି ମଧ୍ୟ ମୂଲ୍ୟ ବୃଦ୍ଧି ଘଟାଇପାରିବ । ଭାରତୀୟ ପୁଞ୍ଜିନିବେଶକମାନେ ମୁଦ୍ରାର ଅବମୂଲ୍ୟାୟନରୁ ମଧ୍ୟ ଫାଇଦା ପାଇପାରିବେ

ଜୀ ସାର୍ଥକର ସୁପରହିଟ ମେଗା ଧାରାବାହିକ

ସାଥୀ ସାତ ଜନ୍ମର ହୋଇପାରିବ କି ଦେବ ଓ ଅର୍ଚ୍ଚନାର ବାହାଘର ?

ଭୁବନେଶ୍ୱର (ସବ୍ୟୁ): ଓଡିଶାର ନମ୍ବର ୧ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ନିଚ୍ଛକ ଓ ବାସ୍ତବବାଦୀ ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଇଛି ଜୀ ସାର୍ଥକ । ଯେଉଁଥିପାଇଁ ଚ୍ୟାନେଲକୁ ମିଳିଛି ଅଗଣିତ ଦର୍ଶକଙ୍କ ଦ୍ୱାରା ଅଶେଷ ଭଲପାଇବା । ପ୍ରସାରିତ ହେବାର ଖୁବ କମ୍ ସମୟ ମଧ୍ୟରେ ବେଶ୍ ଲୋକପ୍ରିୟତା ସାଉଁଟୁଛି 'ସାଥୀ ସାତ ଜନ୍ମର' ଧାରାବାହିକ ।

କାହାଣୀରେ ଆମେ ଦେଖିବାକୁ ପାଉଛନ୍ତି ଯେ, ଅର୍ଚ୍ଚନା ଓ ଦେବ ବିବାହ ବନ୍ଧନରେ ବାନ୍ଧି ହେବା ପୁର୍ବରୁ ପରିବାର ସମ୍ବନ୍ଧୀୟ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛନ୍ତି । ବାହାଘର ଦିନ ଦେବଙ୍କ ବାପା ନଟ ବାହାଘର ସ୍ଥାନରେ ମଦ୍ୟପାନ କରି ଅଚେ୍ ଅବସ୍ଥାରେ ପଡିଥିବାର ଦେଖାଯାଏ, ଯାହାପରେ ଘଟଣା ନାଟକୀୟ ମୋଡ଼ ନେଇଥାଏ । ବିବାହ ଜାରି ରହିବା ସମୟରେ ଭାର୍ଗବୀ ଓ ପ୍ରିନ୍ସ ବାହାଘରକୁ ଭଣ୍ଡୁର କରିବାକୁ ଚେଷ୍ଟା କରିଥାନ୍ତି । ଅର୍ଚ୍ଚନା ର ମା ଆଶ୍ଚର୍ଯ୍ୟ ଓ ଦ୍ୱନ୍ଦରେ ପଡ଼ିଯା'ନ୍ତି ଓ ଦେବଙ୍କ ପରିବାର ଉପରେ ତାଙ୍କ ବିଶ୍ୱାସ ଭାଙ୍ଗିଯାଏ । ଦେବ ମୁଣ୍ଡରେ ସିନ୍ଦୁର ଲଗାଇବାକୁ ଯାଉଥିବା ସମୟରେ ଅର୍ଚ୍ଚନା ଙ୍କ ମା ଦେବଙ୍କ ଚରିତ୍ର ଉପରେ ସନ୍ଦେହ କରନ୍ତି ଏବଂ ଚିନ୍ତାରେ ପଡନ୍ତି ।

ତେବେ କ'ଣ ବିବାହ ଆଗକୁ ବଢିବ? ନା ଅର୍ଚ୍ଚନାଙ୍କ ମାଙ୍କ ସନ୍ଦେହ ଏହି ସମ୍ପର୍କକୁ ଭାଙ୍ଗିଦେବ ! ଏହିନାଟକୀୟ ମୋଡ଼କୁ ଦେବ ଓ ଅର୍ଚ୍ଚନା କେମିତି ପାର କରି 'ସାଥୀ ସାତ ଜନ୍ମର' ହେବେ? ସବୁକିଛି ଜାଣିବାକୁ ଧାରାବାହିକର ଯାତ୍ରାରେ ନିଜକୁ ସାମିଲ କରିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ ।

ଇଭିର ମୂଲ୍ୟଜନିତ ଲାଭ

ଭାରତର ଇଲେକ୍ଟ୍ରିକ୍ ପ୍ରୟୋଗକୁ ସଶକ୍ତିକରଣ କରୁଛି

ଭୁବନେଶ୍ୱର (ସବ୍ୟୁ): ଭାରତରେ ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି)ର ମାଲିକାନା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି, ଇଣ୍ଟରନାଲ୍ କମ୍ବ୍ୟୁସନ୍ ଇଞ୍ଜିନ୍ ଭେହିକିଲ୍ ତୁଳନାରେ ଏହାର ଖର୍ଚ୍ଚ ମିତବ୍ୟୟତା ଏହି ବୃଦ୍ଧିକୁ ତ୍ୱରାନ୍ୱିତ କରିଛି । କ୍ରୟ ସମୟ ମୂଲ୍ୟ ସାମାନ୍ୟ ଅଧିକ ହେବା ସତ୍ତ୍ୱେ, ଦୀର୍ଘକାଳୀନ ଲାଭ ଏବଂ ଦୈନନ୍ଦିନ ଖର୍ଚ୍ଚ ମିତବ୍ୟୟତା ବିଶିଷ୍ଟ ଗତିଶୀଳତା ପସନ୍ଦ କରୁଥିବା କ୍ରେତାମାନେ ଇଭିକୁ ଏକ ଯୁଗପଯୋଗୀ ନିଷ୍ପତ୍ତି ବିଚାର କରୁଛନ୍ତି । ଇଭି ଏବଂ ଆଇସିଇ ମଡେଲ ମଧ୍ୟରେ ଥିବା ମୂଲ୍ୟ ଗତ ପାର୍ଥକ୍ୟ କମ୍ କରିବାରେ ଟାଟା.ଇଭି ଇଭି ମୁଖ୍ୟ ଭୂମିକା ନେଇପାରିଛି । ଦୈନନ୍ଦିନ ବ୍ୟବହାର ଜନିତ ଖର୍ଚ୍ଚ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ କମ୍ ହେଉଥିବାରୁ, ଇଭି ହେଉଛି ପ୍ରକୃତ ଭବିଷ୍ୟତ ଏବଂ କାର୍ ମାଲିକାନାର ଅର୍ଥଗତ ଯଥାର୍ଥତା । ବାହାନ ତଥ୍ୟ ଅନୁଯାୟୀ, ଇଲେକ୍ଟ୍ରିକ୍ ଯାତ୍ରୀବାହୀ ଭେହିକିଲ୍ ସେଗମେଣ୍ଟରେ ଏକ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି, ସିୱାଇ ୨୦୨୪ ରେ ଖୁଚୁରା ବିକ୍ରୟ ୮୯,୦୦୦ ୟୁନିଟ୍ ରୁ ଅଧିକ ହୋଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୨୨% ବୃଦ୍ଧି ଅଟେ । ଏହି ଅଭିବୃଦ୍ଧି ଇଭି ବଜାରର ଏକ ବ୍ୟାପକ ଧାରା ପ୍ରତିଫଳିତ କରୁଛି, ଫଳରେ ମୋଟ ୧୯ ଲକ୍ଷ ୟୁନିଟ୍ ବିକ୍ରି ସମ୍ଭବ ହୋଇ ପାରିଛି । ଯାହାକି ମୋଟ ଉପରେ ୨୭% ବୃଦ୍ଧି । ଆର୍ଥିକ ଲାଭ ବ୍ୟତୀତ, ଅନେକସରକାରୀ ପ୍ରୋତ୍ସାହନ ଏବଂ ନିର୍ମାତାଙ୍କ ସମର୍ଥନ ଇଭି ପ୍ରତି ଗ୍ରାହକଙ୍କ ଆଗ୍ରହ ତ୍ୱରାନ୍ୱିତ କରୁଛି । ଇଭି ମାଲିକାନା ସହିତ ଜଡିତ ଖର୍ଚ୍ଚକ୍ରମରବିସ୍ତୃତ ନିରିକ୍ଷଣରୁ ଜଣାପଡିଛି ଯେ ବିଭିନ୍ନ ଦିଗରେ ଯଥେଷ୍ଟ ସଞ୍ଚୟ ଦେଖାଯାଏ । ନେକ୍ସନ.ଇଭି ପରି ମଡେଲଗୁଡ଼ିକର ମୋଟ ଅଧିଗ୍ରହଣ ମୂଲ୍ୟ କ୍ରମଶଃ ପ୍ରତିଯୋଗିତାମୂଳକ ହେବାରେ ଲାଗିଛି । କାରଣ ବ୍ୟାଟେରୀ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି । ଯେତେବେଳେ ପେଟ୍ରୋଲ, ଡିଜେଲ, ହାଇବ୍ରିଡ୍ ଏବଂ ସିଏନ୍‌ଜି ଭେହିକିଲ୍ ର ଦାମ୍ ତୁଳନା କରାଯାଉଛି, ନେକ୍ସନ.ଇଭିର ଦାମ୍ ମଧ୍ୟ କ୍ରୟ ଅନୁକୂଳତା ଅଫର କରୁଛି । ଫଳରେ ଇଭି ଭେହିକିଲ୍ ବିଭିନ୍ନ ଗ୍ରାହକ ଗୋଷ୍ଠିଙ୍କ ପସନ୍ଦ ଯୋଗ୍ୟ ହୋଇପାରିଛି ।

କେରଙ୍ଗର ଯୁବ ପ୍ରତିଭାକୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମ, ତାର ଯୋଗ୍ୟ ସନ୍ତାନର ଅନନ୍ୟ ପ୍ରତିଭା ପାଇଁ ବେଶ ପରିଚିତ । ଦେଶ ମାତୃକା ସେବା ପାଇଁ ପ୍ରାଣ ଦେବା, ଦେଶ ସେବା ପାଇଁ ସୈନ୍ୟ ବାହିନୀରେ ସାମିଲ ହେବା, ଭଲ ଫୁଟବଲ ଖେଳିବା ଆଦିରେ ପାରଙ୍ଗମତା ଦେଖାଇ ଆସିଛି । ଏବେ ଓଡିଆ ସାହିତ୍ୟରେ ଯୁବ ପ୍ରତିଭାର ପରିଚୟ ସୃଷ୍ଟି କରିଛନ୍ତି, ମୌଲାନା ଫଜଲ ହକ ଖାନ । ସେ ସ୍ୱର୍ଗତ ମୌଲାନା ଶମସୁଲ ହକ ଖାନଙ୍କ ଦ୍ୱିତୀୟ ପୁତ୍ର । ସେ ଜଣେ ଧର୍ମ ପ୍ରଚାରକ, ସମାଜସେବୀ, ଲେଖକ, ଅନୁବାଦକ, ପ୍ରବନ୍ଧକ, ପ୍ରବଚକ ତଥା ଜଣେ ପରିଚିତ ଯୁବ ସ୍ତମ୍ଭକାର । ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସ୍ଥିତ ପ୍ରଗତିବାଦୀ କାର୍ଯ୍ୟାଳୟ ପରିସରରେ ରବିବାର ଦିନ ଅନୁଷ୍ଠିତ ୫୪ତମ ପ୍ରଗତିବାଦୀ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟରୁ ଆସିଥିବା ଅନେକ ଲେଖକ, ଲେଖିକା, କବି ଓ ଗାଳ୍ପିକଙ୍କ ସହ କେରଙ୍ଗ ନିବାସୀ ମୌଲାନା ଫଜଲ ହକ ଖାନଙ୍କୁ ମଧ୍ୟ ଯୁବ ସ୍ତମ୍ଭକାର ଭାବେ ସମ୍ବର୍ଦ୍ଧିତ କରାଯାଇଛି ।

ଜନସାଧାରଣଙ୍କ ବିରୋଧ ସତ୍ତ୍ୱେ କୋଇଲା ଚାଲାଣ ପାଇଁ

ବେଆଇନ ରେଲୱେ ସାଇଡିଂ ନିର୍ମାଣ କାହା ସ୍ୱାର୍ଥରେ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ସୁନ୍ଦରଗଡ ଜିଲ୍ଲା ହେମଗିରି ବ୍ଲକର ବରପାଲି ଗ୍ରାମରେ ସ୍ଥାନୀୟ ଅଧିବାସୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ୧୦ ପ୍ଲାଟୁନ ପୋଲିସ ସହାୟତାରେ, କୋଇଲା ଚାଲାଣ ପାଇଁ ବେଆଇନ ରେଲୱେ ସାଇଡିଂ ନିର୍ମାଣ କାହା ସ୍ୱାର୍ଥରେ ବୋଲି ବିଜେଡ଼ି ପ୍ରଶ୍ନ କରିଛି। ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଜୟ ଦାସବର୍ମା ଓ ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ବିଧାୟକ ଯୋଗେଶ ସିଂ ଓ ଶତାଧିକ ଗ୍ରାମବାସୀଙ୍କୁ ପୋଲିସ ବେଆଇନ ଭାବେ ଅଟକ ରଖି ତରବରିଆ ଭାବେ କରୁଥିବା ଏହି ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି ।

ଶ୍ରୀ ଦାସ ବର୍ମା କହିଛନ୍ତି ଯେ, ଏଭଳି ବେଆଇନ କାର୍ଯ୍ୟକୁ ଦୀର୍ଘ ଦିନ ଧରି ଗ୍ରାମବାସୀ ବିରୋଧ କରି ଆସୁଛନ୍ତି ଏବଂ ଜିଲ୍ଲା ପ୍ରଶାସନକୁ ବହୁ ଥର ଅଭିଯୋଗ କରିଛନ୍ତି । ଏହାସତ୍ତ୍ୱେ ସ୍କୁଲ, କଲେଜ ଓ ଅଙ୍ଗନବାଡି କେନ୍ଦ୍ର ନିକଟରେ ରେଲୱେ ସାଇଡିଂ ନିର୍ମାଣ କରିବା ଦ୍ୱାରା ଏହି ଅଞ୍ଚଳ ପ୍ରଦୂଷିତ ହେବା ସହ ସ୍ଥାନୀୟ ଲୋକଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଛି। ପ୍ରଶାସନ ନଶୁଣିବାରୁ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଉଚ୍ଚନ୍ୟାଳୟରେ ଏକ ମାମଲା ଦାୟର ହୋଇଛ । ଏହି ମାମଲା ଆଗାମୀ ଜୁନ ୨୫ ତାରିଖରେ ଶୁଣାଣୀ ପାଇଁ ଧାର୍ଯ୍ୟ ହୋଇଛି । କୋଇଲା ମାଫିଆଙ୍କ ହାତବାରିସୀ ସାଜି, ୧୦ ପ୍ଲାଟୁନ ପୋଲିସ ଉପସ୍ଥିତିରେ ବଳପ୍ରୟୋଗ ପୂର୍ବ କଜନସାଧାରଣକୁ ଆତଙ୍କିତ କରି ସ୍ଥାନୀୟ ବିଧାୟକ ଯୋଗେଶ ସିଂଙ୍କ ସହ ଗ୍ରାମବାସୀଙ୍କୁ ଅଟକ ରଖି, ରେଲୱେ ସାଇଡିଂ ନିର୍ମାଣ କାର୍ଯ୍ୟ ଚାଲୁ ରଖିବା ଘଟଣାରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜନସାଧାରଣଙ୍କ ସ୍ୱାର୍ଥରେ ତୁରନ୍ତ ଏହି ବେଆଇନ ରେଲୱେ ସାଇଡିଂ ନିର୍ମାଣ କାର୍ଯ୍ୟକୁ ସରକାର ବନ୍ଦ କରନ୍ତୁ, ନଚେତ ବିଜୁଜନତା ଦଳ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବାକୁ ବାଧ୍ୟ ହେବ ବୋଲି ଶ୍ରୀ ଦାସ ବର୍ମା କହିଛନ୍ତି ।

ମହାନଦୀ ସୁପରଫାଷ୍ଟର ପଞ୍ଚମ ସ୍ୱନକ୍ଷତ୍ର

ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ ସମାଜକୁ ବାଟ ଦେଖାଏ

କଟକ, (ସ୍ୱପ୍ର) : ସମାଜ ସଂସ୍କାର ଓ ବିକାଶ ପାଇଁ ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣର ଆବଶ୍ୟକତା ରହିଛି। ହେଲେ ଏବେ ଅନେକ ସମ୍ବାଦପତ୍ର ଏଥିରୁ ବିଚ୍ୟୁତ ରହୁଥିବା ଦେଖିବାକୁ ମିଳୁଛି। ସବୁବେଳେ ସତ୍ୟ, ଓ ନିରପେକ୍ଷ ଭାବେ ସାମ୍ବାଦିକମାନେ କାର୍ଯ୍ୟ କରିବା ଉଚିତ । ଏଥିପାଇଁ ବହୁ କଷ୍ଟ କରିବାକୁ ପଡିଥାଏ। ହେଲେ ସତ କାର୍ଯ୍ୟର ଯେଉଁ ସଫଳତା, ଆତ୍ମ ସନ୍ତୋଷ ମିଳେ ତାହା ଅବର୍ଣ୍ଣନୀୟ ବୋଲି ଚୌଦ୍ୱାର - କଟକର ପୂର୍ବତନ ବିଧାୟକ ଡ଼. ପ୍ରଭାତ ରଞ୍ଜନ ବିଶ୍ୱାଳ କହିଛନ୍ତି । ଗୁରୁବାର କଟକରୁ ପ୍ରକାଶିତ ଦୈନିକ ହିନ୍ଦୀ ଖବର କାଗଜ ମହାନଦୀ ସୁପରଫାଷ୍ଟର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବରେ ଡ଼. ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି । ମହାନଦୀ ସୁପରଫାଷ୍ଟ କିଭଳି ସରକାରଙ୍କ ବିନା ସହାୟତାରେ ପ୍ରକାଶ ପାଉଛି ସେ ସମ୍ପର୍କରେ ମତବ୍ୟକ୍ତ କରିବା ସହ ନିରପେକ୍ଷ ଖବର ପ୍ରସାରଣ ପାଇଁ ପରାମର୍ଶ ଦେଇଥିଲେ। କଟକ ସ୍ୱତନ୍ତ୍ର ସର୍କିଟ ହାଉସରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ କ୍ୟାପିଟାଲ ପୋଷ୍ଟର ସମ୍ପାଦକ ସୁରେନ୍ଦ୍ର ସାହୁ, ପ୍ରିୟ ଖବରର ସମ୍ପାଦକ ରାଜକିଶୋର ଦାସ ଯୋଗଦେଇଥିବା ବେଳେ ଓଡିଶା ଟୁଡ଼େର କାର୍ଯ୍ୟନିର୍ବାହୀ ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ। ବରିଷ୍ଠ ସାମ୍ବାଦିକ ହରପ୍ରସାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ମହାନଦୀ ସୁପରଫାଷ୍ଟର ସମ୍ପାଦକ ଅବିନାଶ ମିଶ୍ର ଅତିଥି ପରିଚୟ ଦେବାସହ ଖବର କାଗଜ କିଭଳି ଝଡଝଞ୍ଜା ମଧ୍ୟରେ ପ୍ରକାଶ ପାଉଛି ସେ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସାମ୍ବାଦିକ ସୁରେଶ ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ବ୍ଲକରେ ଅଧିକ ନମ୍ବର ରଖିଲେ ଆଦ୍ୟା ଆହୁତି ଓ ଅଂଶୁମାନ

କାକଟପୁର (ସବ୍ୟୁ) :ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ କାକଟପୁର ବ୍ଲକ ରେ ୭ ଜଣ ଏ-୧ ରେ ପାସ କରିଥିବା ବେଳେ ଦୁଇ ଜଣ ସମାନ ଅଧିକ ନମ୍ବର ରଖିଛନ୍ତି। କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଆଦ୍ୟା ଆହୁତି ନାୟକ (୫୬୦) ରୁଦ୍ରଭାନୁ ପରିଡା (୫୪୭)ତ୍ରିନାଥ ସାହୁ (୫୪୪) ରଖିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଂଶୁମାନ ରାଉତ (୫୬୦) ପ୍ରତୀକ୍ଷା ତ୍ରିପାଠୀ (୫୫୮)ଅର୍ଙ୍କିତା ମିଶ୍ର (୫୫୪) ସ୍ୱାତିଲିନା ଦାଶ (୫୪୧) ନମ୍ବର ରଖିଛନ୍ତି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ରାଉତ, ପୀତବାସ ଦୀକ୍ଷିତ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର,ସହ ପ୍ରଧାନଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ, ଅନ୍ନଦା କୁମାର ବେହେରା, ବନଯା ନାୟକ, ଜଶୋବନ୍ତି ଚାନ୍ଦ, ସୁବର୍ଣ୍ଣ ଚାନ୍ଦ, ଲକ୍ଷ୍ମୀଧର ମହାପାତ୍ର, ପ୍ରଦୀପ ପ୍ରଧାନ, ଶୁଭଶ୍ରୀ ରାଉତ ଓ ଅଭିଭାବକ ମାନେ ପିଲାମାନଙ୍କୁ ପ୍ରଶଂସା କରିଛନ୍ତି।

ଓବିଏମର ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ

ଭୁନେଶ୍ୱର (ସବ୍ୟୁ): ଆନ୍ତର୍ଜାତିକ ଶ୍ରମିକ ଦିସ ଉପଲକ୍ଷେ ଓଡିଶା ବିକାଶ ମହାମଞ୍ଚ ପକ୍ଷରୁ ନିଳାଦ୍ରୀ ବିହାର ଅଟୋ ରହଣୀ ସ୍ଥଳ , ଶ୍ରମିକ ହାଟ ଛକରେ ସଭାପତି ପ୍ରଣବ ଛୋଟରାୟଙ୍କ ଅଧକ୍ଷତାରେ ଏକ ପଥପ୍ରାନ୍ତ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରୀକ ସଂଘର ସଭାପତି ଆନନ୍ଦ ଚନ୍ଦ୍ର ପଟ୍ଟନାୟକ , ମୁଖ୍ୟ ବକ୍ତା ଭାରେ ଅନୁଷ୍ଠାନର ଉପଦେଷ୍ଟା ସୁଦର୍ଶନ ସାହୁ ଓ ସମ୍ମାନୀତ ଅତିଥି ଭାରେ ରୁପାୟନ ଅନୁଷ୍ଠାନ୍ ଅଧକ୍ଷା ଶ୍ରୀମତୀ ଶ୍ରଦ୍ଧାଞ୍ଜଳୀ ରାୟ ଯୋଗଦାନ କରି ଏକ ବଳିଷ୍ଠ ଓ ଦୃଢ ସମାଜ ଗଠନର ବିନ୍ଧାଣୀ ଶ୍ରମିକ ଭାଇ ଓ ଭଉଣୀ ମାନଙ୍କ ମହାନ ଅଦାନ ସଂପର୍କରେ ବକ୍ତ୍ୟ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ଉପସଭାପତି ପ୍ରକାଶ ମହାପାତ୍ର କାର୍ଯ୍ୟକ୍ରମ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଂପାଦକ ସତ୍ୟଜିତ ଯହତା ବାର୍ଷିକ ବିରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ସଦସ୍ୟ ଅସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜନା ଜଲିଲ ଖାନ, ସଙ୍ଗଠନ ସଂପାଦକ ଶୀତେନ୍ଦ୍ର ବର୍ଲିୟାର ସିଂହ , ବଟକୃଷ୍ଣ ପଣ୍ଡା, ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀମତୀ ଅଞ୍ଜନା ସାହୁ ପ୍ରମୁଖ ନିଜ ନିଜର ବକ୍ତ୍ୟ ଉପସ୍ଥାପନ କରିଥିଲେ । ଏହି ଯସଭାରେଁ ଶତାଧିକ ଶ୍ରମିକ ଭାଇ ଓ ଭଉଣୀ ଯୋଗଦାନ କରି ସେମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଓବିଏମ ମାଧମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅନୁଷ୍ଠାନର ଯୁଗ୍ମ ସଂପାଦକ କମଳାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ମିସାଇଲ ରେଞ୍ଜରେ ଆସୁଛି ପୁରା ପାକିସ୍ତାନ

ନୂଆଦିଲ୍ଲୀ: ପାହଲଗାମ ଆଟାକ ପରେ ଭାରତର ଆକ୍ସନକୁ ନେଇ ଛାନିଆ ପାକିସ୍ତାନ । ତେବେ ପାକିସ୍ତାନ ମିସାଇଲ ଟେଷ୍ଟ କରି ଭାରତକୁ ଡରାଇବାକୁ ଚେଷ୍ଟା କରୁଛି ନା ନିଜ ଦୁର୍ବଳତାକୁ ସାମ୍ନାକୁ ଆଣୁଛି, ତାହା ମଧ ସାମ୍ନାକୁ ଆସୁଛି । କାରଣ ହେଲା ପାକିସ୍ତାନ ତୁଳନାରେ ଭାରତ ପାଖରେ ଯେଉଁ ମିସାଇଲ ରହିଛି, ତାହା କେବଳ ଅଧିକ ଦୂରକୁ ଟାର୍ଗେଟ କରିବ ନାହିଁ, ବରଂ ଶକ୍ତିଶାଳୀ ମଧ । ଆସନ୍ତୁ ନଜର ପକାଇବା ୨ ଦେଶର ମିସାଇଲ ଶକ୍ତି ଉପରେ । ପ୍ରଥମ ଭାରତର ଶକ୍ତି ଉପରେ ନଜର ପକାଇବା, ଭାରତ ପାଖରେ ରହିଛି, ଅଗ୍ନି-୫ ବାଲିଷ୍ଟିକ ମିସାଇଲ । ଏହାର କ୍ଷମତା ରହିଛି ୮ ହଜାର କିଲୋମିଟର । ଅଗ୍ନି-୫ର ରହିଛି ନ୍ୟୁକ୍ଲିଅର କ୍ଷମତା ।

ସେହିପରି ପୃଥ୍ୱୀ-୨, ବ୍ରହ୍ମୋସ, ଧନୁଷ, ନାଗ, ଆକାଶ, ପ୍ରଳୟ ଭଳି ଅନେକ କ୍ଷେପଣାସ୍ତ୍ର ରହିଛି ଭାରତ ପାଖରେ । ବଡ଼ କଥା ହେଉଛି, ଏହିସବୁ କ୍ଷେପଣାସ୍ତ୍ରର ରେଞ୍ଜ ଭିତରେ ଆସୁଛି ପୁରା ପାକିସ୍ତାନ । ସେପଟେ ପାକିସ୍ତାନ ପାଖରେ ରହିଛି ଶାହୀନ-୩, ଘୋରୀ, ବାବର, ଅବଦାଲି ଭଳି ଅନେକ କ୍ଷେପଣାସ୍ତ୍ର । ସେଥିମଧ୍ୟରୁ ଶାହୀନ-୩ର ଲକ୍ଷ୍ୟଭେଦ କ୍ଷମତା ୨୭୫୦ରୁ ୩ ହଜାର ୫୦୦ ରହିଥିବା ଘୋରୀର ରହିଛି ୧୩୦୦ କିମି, ବାବରର ୭୦୦ କିମି. ଏବଂ ଅବଦୁଲା ୱିପନ ସିଷ୍ଟମର ଲକ୍ଷ୍ୟଭେଦ କ୍ଷମତା ରହିଛି ୪୫୦ କିଲୋମିଟର । ପ୍ରଥମତଃ ପାକିସ୍ତାନ ଏହି ମିସାଇଲ ଆକ୍ରମଣ କରିବାର ସାହସ କରିବନି, ଦ୍ୱିତୀୟ ତାହାର ଅଧିକାଂଶ ମିସାଇଲ ଭାରତର କିଛି ଇଲାକାରେ ହୋଇପାରିବ ।

ଅନ୍ୟପଟେ ପହଲଗାମ ଆକ୍ରମଣର ମୁହଁତୋଡ଼ ଜବାବ ଦେଉଛି ଭାରତ । ପାକିସ୍ତାନକୁ ୨୪ ଘଣ୍ଟା ମଧ୍ୟରେ ଲାଗିଲା ୩ ବଡ଼ ଝଟ୍କା । ଏମିତି ଝଟ୍କା ଯାହାକି ପାକିସ୍ତାନ ଅର୍ଥନୀତିକୁ ଦୋହଲାଇ ଦେବ । ପାକିସ୍ତାନକୁ ମହଙ୍ଗା ପଡ଼ିବ ଆତଙ୍କବାଦକୁ ପ୍ରଶୟ ଦେବା । କାରଣ ହେଲା, ପହଲଗାମ ଆକ୍ରମଣ ପରେ ଆକ୍ସନ ମୁଡ୍ରେ ଭାରତ । ଲଗାତାର ଆକ୍ସନ ପରେ ଆକ୍ସନ ନେଇଚାଲିଛନ୍ତି ଭାରତ ସରକାର । ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୩ଟି ବଡ଼ ନିଷ୍ପତ୍ତି ନିଆଯାଇଛି । ଭାରତ ସରକାରଙ୍କ ଏହି ୩ ବଡ଼ ନିଷ୍ପତ୍ତି ପାକିସ୍ତାନକୁ ଦୋହଲାଇଦେବ, ଏଥିରେ ସନ୍ଦେହ ନାହିଁ । ଯେଉଁ ୩ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି, ସେଗୁଡ଼ିକ ମଧ୍ୟରେ ରହିଛି, ପାକିସ୍ତାନ ପତାକା ଲାଗିଥିବା କୌଣସି ଜାହାଜ ଭାରତ ସୀମାରେ ଆସିପାରିବନି । ପାକିସ୍ତାନ ସହ ସବୁ ପ୍ରକାର ଡାକ ଓ ପାର୍ସଲ ସେବା ବନ୍ଦ କରାଯାଇଛି । ସେହିପରି ପାକିସ୍ତାନ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଆମଦାନୀ ବନ୍ଦ କରାଯାଇଛି ।

ବାଲୁଚ୍ ବିଦ୍ରୋହୀଙ୍କ କବଜାରେ ପାକିସ୍ତାନର ମଙ୍ଗୋଚର ସହର

ଇସଲାମାବାଦ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି । କିନ୍ତୁ ଏହି ମଧ୍ୟରେ ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଏକ ବଡ଼ ଘଟଣା ଘଟିଛି । ପାକିସ୍ତାନର କଲାତ ଜିଲ୍ଲାର ମାଙ୍ଗୋଚର ସହରରେ ଅନେକ କୋଠା ବାଲୁଚ୍ ବିଦ୍ରୋହୀଙ୍କ ଦ୍ୱାରା କବଜା କରାଯାଇଛି । ସୋସିଆଲ ମିଡିଆରେ ଭାଇରାଲ ଭିଡିଓ ଏବଂ ରିପୋର୍ଟ ଅନୁସାରେ ବିଦ୍ରୋହୀମାନେ ସହରରେ ସରକାରୀ କୋଠା ଏବଂ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି ।

ରିପୋର୍ଟରେ ଏହା ମଧ କୁହାଯାଇଛି ଯେ, ପାକିସ୍ତାନୀ ସେନା ଏବଂ ବାଲୁଚ୍ ବିଦ୍ରୋହୀଙ୍କ ମଧ୍ୟରେ ପ୍ରବଳ ଗୁଳିବିନିମୟ ହୋଇଥିଲା, ଯେଉଁଥିରେ ବିଦ୍ରୋହୀମାନେ ଏକ ସେନା ଶିବିର ଉପରେ ଆକ୍ରମଣ କରି ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଇଥିଲେ ।

ଏହି ଘଟଣା ଏପରି ସମୟରେ ଘଟିଛି ଯେତେବେଳେ ପାକିସ୍ତାନ ଭାରତଠାରୁ ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ଆଶଙ୍କା କରି ତା'ର ପଶ୍ଚିମ ସୀମାରେ ଅଧିକ ସୈନ୍ୟ ମୁତୟନ କରିବାରେ ଲାଗିଛି । ୨୨ ଏପ୍ରିଲରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କ ଆହୁରି ଖରାପ ହୋଇଛି ।

ଗତ କିଛି ମାସ ଧରି ବାଲୁଚ୍ ଲିବରେସନ୍ ଆର୍ମି ଏବଂ ଅନ୍ୟ ବିଦ୍ରୋହୀ ଗୋଷ୍ଠୀ ପାକିସ୍ତାନର ସୁରକ୍ଷା ବାହିନୀ ଉପରେ କ୍ରମାଗତଭାବେ ଆକ୍ରମଣ କରୁଛନ୍ତି ।

ବେଲୁଚିସ୍ତାନର ମାଙ୍ଗୋଚର ସହରକୁ ବାଲୁଚ୍ ବିଦ୍ରୋହୀଙ୍କ ଦ୍ୱାରା କବଜା ଏବଂ ପାକିସ୍ତାନର ପଶ୍ଚିମ ସୀମାରେ ବଢ଼ୁଥିବା ସଙ୍କଟ ଇସଲାମାବାଦ ପାଇଁ ଏକ ଗମ୍ଭୀର ଆଭ୍ୟନ୍ତରୀଣ ସୁରକ୍ଷା ଚ୍ୟାଲେଞ୍ଜ ପାଲଟିଛି । ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ, ଏହି ଘଟଣାକ୍ରମ ସେଠାକାର ଆଞ୍ଚଳିକ ସ୍ଥିରତା ପାଇଁ ନୂତନ ଚିନ୍ତା ସୃଷ୍ଟି କରୁଛି ।

ଏପ୍ରିଲ ୨୬ ତାରିଖରେ ବେଲୁଚିସ୍ତାନରେ ଏକ ଆଇଇଡି ବିସ୍ଫୋରଣରେ ୧୦ ଜଣ ଅର୍ଦ୍ଧସାମରିକ ବାହିନୀ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ଏହି ବର୍ଷ ମାର୍ଚ୍ଚ ମାସରେ, ବାଲୁଚ୍ ଲିବରେସନ୍ ଆର୍ମି ଜାଫର ଏକ୍ସପ୍ରେସକୁ ଅପହରଣ କରିଥିଲା, ଯେଉଁଥିରେ ୩୮୦ଜଣ ଯାତ୍ରୀ ଥିଲେ ।

ଏହା ପରେ, ପାକିସ୍ତାନ ସେନା ଅପରେସନ୍ ଗ୍ରୀନ୍ ବୋଲାନ୍ ଆରମ୍ଭ କରିଥିଲା, ଯେଉଁଥିରେ ସରକାରୀ ସଂଖ୍ୟା ଅନୁସାରେ ୬୪ଜଣ ଲୋକ ପ୍ରାଣ ହରାଇଥିଲେ । ଏହି ଦାବିକୁ ପ୍ରତ୍ୟାଖ୍ୟାନ କରି କହିଥିଲା ୫୦ ଜଣ ସୈନିକ ଏବଂ ୨୧୪ ଜଣ ବନ୍ଧକଙ୍କୁ ହତ୍ୟା କରାଯାଇଛି ।

ପାକିସ୍ତାନ ଉପରେ ଉଡ଼ୁନାହାନ୍ତି ୟୁରୋପୀୟ ଏୟାରଲାଇନ୍ସ

ନୂଆଦିଲ୍ଲୀ: ପାକିସ୍ତାନ ଉପରେ ଭାରତ ଆକ୍ରମଣ କରିବାର ଆଶଙ୍କା ଥିବାରୁ ପ୍ରମୁଖ ୟୁରୋପୀୟ ଏୟାରଲାଇନ୍ସଗୁଡ଼ିକ ପାକିସ୍ତାନ ଉପରେ ଉଡ଼ିବା ବନ୍ଦ କରିଦେଇଛନ୍ତି । ଏହାର ଅର୍ଥ ହେଉଛି ଏହି ରୁଟରେ ବିମାନ ଯାତ୍ରା ଅଧିକ ଲମ୍ବା ହୋଇପାରେ ଏବଂ ବିମାନ ସମୟ ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ବଢ଼ିପାରେ ।

ସୂଚନା ଅନୁସାରେ ପାକିସ୍ତାନ ପୂର୍ବରୁ ଭାରତୀୟ ବିମାନ ସେବା ପାଇଁ କିଛି ବିମାନପଥ ବନ୍ଦ କରିଦେଇଥିଲା । ଏବେ ୟୁରୋପୀୟ ବିମାନ କମ୍ପାନୀଗୁଡ଼ିକ ମଧ ଉତ୍ତର ପାକିସ୍ତାନ ଏୟାରସ୍ପେସକୁ ଏଡାଇବା ଆରମ୍ଭ କରିଛନ୍ତି । ଫ୍ଲାଇଟରାଡାର-୨୧ ଅନୁଯାୟୀ, ଏହି ପରିବର୍ତ୍ତନ ଏପ୍ରିଲ ୩୦ ତାରିଖରୁ ପରିଲକ୍ଷିତ ହୋଇଛି ଏବଂ ମେ ୨ ତାରିଖରୁ ଲୁଫଥାନ୍ସା, ଆଇଟିଏ ଏୟାରୱେଜ୍ ଏବଂ ପୋଲିସ ଏୟାରଲାଇନ୍ସ ମଧ ପାକିସ୍ତାନ ଉପରେ ଉଡ଼ାଣ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି ।

ମ୍ୟୁନିଚ୍-ଦିଲ୍ଲୀ, ଫ୍ରାଙ୍କଫର୍ଟ-ମୁମ୍ବାଇ, ଫ୍ରାଙ୍କଫର୍ଟ-ହାଇଦ୍ରାବାଦ ଏବଂ ବ୍ୟାଙ୍କକ୍-ମ୍ୟୁନିଚ୍ ଭଳି ଅନେକ ଲୁଫ୍ଥାନସା ବିମାନ ଏବେ ପାକିସ୍ତାନକୁ ବାଇପାସ୍ କରୁଛନ୍ତି । ସେହିପରି, ଏଲଓଟି ପଲିସ୍ ଏୟାରଲାଇନ୍ସର ୱାର୍ସା-ଦିଲ୍ଲୀ ବିମାନ ଏବଂ ଆଇଟିଏ ଏୟାରୱେଜର ରୋମ-ଦିଲ୍ଲୀ ବିମାନଗୁଡ଼ିକୁ ମଧ ପାକିସ୍ତାନ ଦେଇ ସ୍ଥାନାନ୍ତର କରାଯାଇଛି । ଏହି ରୁଟ୍ ପରିବର୍ତ୍ତନ କୌଣସି ନିୟମିତ କାର୍ଯ୍ୟସୂଚୀର ଅଂଶ ନୁହେଁ, ବରଂ ଏକ ସୁରକ୍ଷା ପ୍ରୋଟୋକଲ୍ ଅନୁସାରେ କରାଯାଇଛି । ଅନେକ ବରିଷ୍ଠ ବିମାନ ଚଳାଚଳ ଅଧିକାରୀ କହିଛନ୍ତି ଯେ ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଆହୁରି ବୃଦ୍ଧି ପାଏ, ତେବେ ବିମାନ ରୁଟଗୁଡ଼ିକୁ ବଡ଼ ସ୍ତରରେ ପରିବର୍ତ୍ତନ କରାଯିବ ।

ଭାରତକୁ ଆଙ୍ଗୋଲାନ୍ ରାଷ୍ଟ୍ରପତିଙ୍କ ପୂର୍ଣ୍ଣ ସମର୍ଥନ

ନୂଆଦିଲ୍ଲୀ: ପହଲଗାମ୍ ଆକ୍ରମଣ ପରେ ଭାରତ ଆତଙ୍କବାଦୀଙ୍କ ବିରୋଧରେ ଯେଉଁ ପଦକ୍ଷେପ ନେଇଛି ତାହାକୁ ଆଙ୍ଗୋଲାନ୍ ରାଷ୍ଟ୍ରପତି ଜୋୟୋ ଲରେନ୍ସ ସମର୍ଥନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଏହି ରାଷ୍ଟ୍ରର ପ୍ରତିବଦ୍ଧତା ପାଇଁ ତାଙ୍କୁ ଧନ୍ୟବାଦ ଦେବାସହ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ବିରୋଧରେ ତାଙ୍କ ସମର୍ଥନକୁ ମଧ ସ୍ୱାଗତ କରିଛନ୍ତି । ଆତଙ୍କବାଦକୁ ମାନବିକତାର ସବୁଠୁ ବଡ ବିପଦ ବୋଲି ସେ କହିଛନ୍ତି ।

ନୂଆଦିଲ୍ଲୀରେ ଆଙ୍ଗୋଲାନ୍ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମୋଦି ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରି ଉଲ୍ଲେଖ କରିଛନ୍ତି ଯେ ପହଲଗାମ୍ ଆକ୍ରମଣରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଦ୍ୱାରା ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ଆଙ୍ଗୋଲାନ୍ ରାଷ୍ଟ୍ରପତି ୪ ଦିନିଆ ଭାରତ ଗସ୍ତରେ ଅଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଉଭୟ ରାଷ୍ଟ୍ର ଆତଙ୍କବାଦୀଙ୍କ ବିରୋଧରେ ଲଢ଼େଇ ପାଇଁ ଏକାଠି ଅଛନ୍ତି । ଆମେ ଏକମତ ଯେ ଆତଙ୍କବାଦ ହେଉଛି ମାନବିକତା ପାଇଁ ସବୁଠୁ ବଡ ବିପଦ । ମୁଁ ଆଙ୍ଗୋଲାନ୍ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇବା ସହ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପ୍ରତି ସମବେଦନା ଜଣାଇଥିବାରୁ ମୁଁ ଧନ୍ୟବାଦ ଦେଉଛି । ଆମେ ଆତଙ୍କବାଦୀଙ୍କ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ନେବୁ । ଯେଉଁମାନେ ଆତଙ୍କବାଦୀଙ୍କୁ ପାଳୁଛନ୍ତି ସେମାନଙ୍କ ବିରୋଧରେ ସେମାନଙ୍କ କଳ୍ପନାଠୁ ଅଧିକ ଦଣ୍ଡ ଦିଆଯିବ । ପାକିସ୍ତାନ ମଧ ପୂର୍ବରୁ ୨୦୧୬ ଉରୀ ଆକ୍ରମଣ ଓ ୨୦୧୯ ପୁଲୱାମା ଆକ୍ରମଣରେ ସମ୍ପୃକ୍ତ ଥିଲା । ଏହି ଘଟଣା ପରେ ତାଙ୍କୁ ପଛକୁ ଫେରିବାକୁ ପଡିଥିଲା । ଭାରତ ପକ୍ଷରୁ ପାକିସ୍ତାନର ଏହି କାର୍ଯ୍ୟକଳାପ ନେଇ ଜାତିସଂଘ ସୁରକ୍ଷା ପରିଷଦ ସହ ଅନ୍ୟାନ୍ୟ ଆନ୍ତର୍ଜାତୀୟ ଫୋରମରେ ଉତ୍ଥାପନ କରାଯାଇଛି ।

ଜେଲେନସ୍କିଙ୍କ ଧମକ: ଯିଏ ବିଜୟ ଦିବସକୁ ଯିବେ ମୃତ୍ୟୁ ନିଶ୍ଚିତ

କିଭ୍: ଚଳିତ ଥର ରୁଷିଆର ବିଜୟ ଦିବସ ସମାରୋହକୁ ନେଇ ସାରା ବିଶ୍ୱର ନଜର ମସ୍କୋ ଉପରେ ନିବଦ୍ଧ ରହିଛି । ଏହା ସହିତ, ୟୁକ୍ରେନ ସହିତ ବଢ଼ୁଥିବା ଉତ୍ତେଜନା ମଧ ସ୍ପଷ୍ଟ ଭାବରେ ଦେଖାଯାଉଛି । ରୁଷିଆରେ ମେ'୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଜୟ ଦିବସ ପରେଡ ସମ୍ପର୍କରେ ୟୁକ୍ରେନ ଏକ ବଡ଼ ମନ୍ତବ୍ୟ ଦେଇଛି ।

ଜେଲେନସ୍କିଙ୍କ ସରକାର ଚେତାବନୀ ଦେଇଛନ୍ତି ଯେ, ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ବିଶ୍ୱ ନେତାମାନଙ୍କ ଜୀବନ ବିପଦରେ ପଡ଼ିପାରେ ଏବଂ ୟୁକ୍ରେନ ସେମାନଙ୍କ ସୁରକ୍ଷାର ଗ୍ୟାରେଣ୍ଟି ଦେଇପାରିବ ନାହିଁ । ଏହି ମନ୍ତବ୍ୟ ପରେ ଅନ୍ତର୍ଜାତୀୟ ସ୍ତରରେ ଆତଙ୍କ ସୃଷ୍ଟି ହୋଇଛି ।

ୟୁକ୍ରେନୀୟ ଅଧିକାରୀମାନେ କହିଛନ୍ତି ଯେ, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଚଳିତ ବର୍ଷର ବିଜୟ ଦିବସ ପରେଡକୁ ବିଶ୍ୱବ୍ୟାପୀ ଶକ୍ତି ପ୍ରଦର୍ଶନରେ ପରିଣତ କରିବାକୁ ଯୋଜନା କରୁଛନ୍ତି । ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସମେତ ଅନେକ ଦେଶର ପ୍ରତିନିଧିମଣ୍ଡଳୀ ଏହି ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଭାରତରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳର ଅଂଶଗ୍ରହଣ କରିବେ ବୋଲି ମଧ ନିଶ୍ଚିତ କରାଯାଇଛି । ପୁଟିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ବ୍ୟକ୍ତିଗତ ନିମନ୍ତ୍ରଣ ମଧ ପଠାଇଥିଲେ, ଯଦିଓ ମୋଦୀଙ୍କ ଉପସ୍ଥିତି ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ନିଶ୍ଚିତ ହୋଇନାହିଁ ।



ଜେଲେନ୍ସକି ପ୍ରଶାସନ କହିଛି ଯେ, ୟୁକ୍ରେନ ବିରୁଦ୍ଧରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଏବଂ ରୁଷିଆର ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଏପରି ଏକ କାର୍ଯ୍ୟକ୍ରମରେ ଯୋଗଦେବା ଜାଣିଶୁଣି ଏକ ଯୁଦ୍ଧ କ୍ଷେତ୍ରରେ ପ୍ରବେଶ କରିବା ସହିତ ସମାନ ।

ୟୁକ୍ରେନ୍ ଏହା ମଧ ସ୍ପଷ୍ଟ କରିଛି ଯେ, ଯଦି ଏହି ନେତାମାନଙ୍କ ଉପରେ କୌଣସି ପ୍ରକାରର ଆକ୍ରମଣ ହୁଏ, ତେବେ ସେମାନଙ୍କ ସରକାରଙ୍କୁ ଦାୟୀ କରାଯାଇପାରିବ ନାହିଁ । ୟୁକ୍ରେନୀୟ ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଚେତାବନୀ କେବଳ ଏକ ରାଜନୈତିକ ବାର୍ତ୍ତା ନୁହେଁ, ବରଂ ଏହା ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ଆଡ଼କୁ ଇଙ୍ଗିତ କରୁଛି । ଏହି ବିପଦ ଏପରି ଏକ ସମୟରେ ଆସିଛି ଯେତେବେଳେ ସମ୍ପ୍ରତି ରୁଷିଆ ଅଧିକୃତ ଅଞ୍ଚଳ ଉପରେ ୟୁକ୍ରେନୀୟ ଡ୍ରୋନ୍ ଆକ୍ରମଣ ବୃଦ୍ଧି ପାଇଛି । ବିଶେଷକରି ସାମରିକ ଘାଟି ଏବଂ ସରକାରୀ କୋଠାଗୁଡ଼ିକୁ ଟାର୍ଗେଟ କରାଯାଉଛି । ୟୁକ୍ରେନର ଚେତାବନୀକୁ ରୁଷିଆର ଅନ୍ତର୍ଜାତୀୟ ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇବା ଏବଂ ପୁଟିନଙ୍କ ଶକ୍ତିର ପ୍ରତୀକ ଭାବରେ ଉପସ୍ଥାପନ କରିବାକୁ ଚାହୁଁଥିବା ମଞ୍ଚରୁ ବିଶ୍ୱ ନେତାମାନଙ୍କୁ ଦୂରେଇ ରଖିବା ପାଇଁ ଏକ ରଣନୈତିକ ମନସ୍ତାତ୍ତ୍ୱିକ ଯୁଦ୍ଧର ଅଂଶ ଭାବରେ ମଧ ଦେଖାଯାଉଛି । ନେତାମାନଙ୍କ ଯିବା ଏବେ ସସପେନ୍ସ ଭିତରେ ରହିଛି । ଏବେ ପ୍ରଶ୍ନ ହେଉଛି ଭାରତ ସମେତ ଅନ୍ୟ ଦେଶମାନେ ଏହି ଚେତାବନୀକୁ ଗମ୍ଭୀରତାର ସହ ନେବେ କି? ଚୀନ୍ ଭଳି ଦେଶମାନେ ସେମାନଙ୍କର ନେତାଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ କୌଣସି ପଦକ୍ଷେପ ଛାଡ଼ନ୍ତି ନାହିଁ । ଭାରତ ପାଇଁ ଏହା କୂଟନୈତିକ ସନ୍ତୁଳନର ବିଷୟ ହୋଇପାରେ । ଗୋଟିଏ ପଟେ, ରୁଷିଆ ସହିତ ପୁରୁଣା ସମ୍ପର୍କ ଅଛି, ଅନ୍ୟପଟେ ୟୁକ୍ରେନ ସହିତ ସହଯୋଗ ବୃଦ୍ଧି ପାଉଛି ଏବଂ ପଶ୍ଚିମ ଦେଶଗୁଡ଼ିକର ନଜର ମଧ ଭାରତର ଭୂମିକା ଉପରେ ରହିଛି । ଏପରି ପରିସ୍ଥିତିରେ, ବିଜୟ ଦିବସ ପରେଡରେ ଅଂଶଗ୍ରହଣ ସମ୍ପର୍କରେ ଆଗାମୀ ଦିନରେ ଏକ ବଡ଼ ନିଷ୍ପତ୍ତି ନିଆଯାଇପାରେ ।

ଆତଙ୍କବାଦୀ ଥିବା ସନ୍ଦେହରେ ବିମାନ ଯାଞ୍ଚ

ନୂଆଦିଲ୍ଲୀ, ୩।୫ : ପହଲଗାମ୍ ଆକ୍ରମଣର ଆତଙ୍କବାଦୀମାନେ ଚେନ୍ନାଇରୁ ଶ୍ରୀଲଙ୍କା ଯାଉଥିବା ଏକ ବିମାନରେ ଖସି ଯାଉଥିବାର ଗୁଇନ୍ଦା ସୂଚନା ମିଳିବାପରେ କଲମ୍ବୋର ବନ୍ଦରା ନାଏକେ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ଏହାର ଯାଞ୍ଚ କରାଯାଇଛି । ବିମାନରେ ୫ ଲସ୍କର-ଇ-ତୋଇବା ଆତଙ୍କବାଦୀ ଥିବାର ସନ୍ଦେହ ପ୍ରକାଶ କରାଯାଇଥିଲା । ସୁରକ୍ଷା ଦୃଷ୍ଟିକୋଣରୁ ଚେନ୍ନାଇ ବିମାନ ବନ୍ଦର କର୍ତ୍ତୃପକ୍ଷ ଇ-ମେଲ୍ ଜରିଆରେ ୫ ଲସ୍କର ଆତଙ୍କବାଦୀ ଥିବା ସୂଚନା ପାଇଥିଲେ । ଶ୍ରୀଲଙ୍କାର ଏୟାଲାନ୍ସର ଏକ ବିମାନରେ ଏମାନେ ଥିବାର ସୂଚନା ମିଳିଥିଲା ।

ଏହି ଚେତାବନୀଟି ଇ-ମେଲ୍ ଜରିଆରେ ଆସିଥିଲା । ପୂର୍ବାହ୍ନ ୧୧.୫ ସମୟରେ ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ନିକଟକୁ ଏହା ଆସିଥିବା ଜଣାପଡିଥିଲା । ତେବେ ଏହା କେଉଁଠୁ ଆସିଛି ତାହା ଜଣାପଡିନାହିଁ । ୫ ଦକ୍ଷିଣ ଭାରତୀୟ ପୁରୁଷ ଏଥିରେ ଥିବା ସୂଚନା ମିଳିଥିଲା । ଯେଉଁମାନେ କି ଲସ୍କରର ସମର୍ଥକ । ତେବେ ଏହା ଏକ ସନ୍ଦେହ ଥିଲା । ଯେତେବେଳେ ଇ-ମେଲ୍ଟି ଆସିଥିଲା ସେତେବେଳେ ବିମାନଟି ଚେନ୍ନାଇ ବିମାନବନ୍ଦର ଛାଡି ଦେଇଥିଲା । ତୁରନ୍ତ ଏହି ସୂଚନାକୁ କଲମ୍ବୋ ବିମାନ ବନ୍ଦରକୁ ଦିଆଯାଇଥିଲା । ପରେ ସେଠାରେ ସୁରକ୍ଷାର ଯାଞ୍ଚ କରାଯାଇଥିଲା । ତେବେ ଯାଞ୍ଚ ସମୟରେ କୌଣସି ସନ୍ଦେହଜନକ ବ୍ୟକ୍ତିବିଶେଷ ବା କାର୍ଯ୍ୟକଳାପ ଜଣାପଡିନଥିଲା । ଶ୍ରୀଲଙ୍କା ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ ବିମାନଟିକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଛି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହା କରାଯାଇଛି । ଏପ୍ରିଲ ୨୨ରେ ପହଲଗାମ୍‌ରେ ଆତଙ୍କବାଦୀମାନେ ୨୨ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ । ଏହାପରେ ଏବେ ସମଗ୍ର ବିଶ୍ୱରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଉଛି ।

ମେ' ୨୭ରୁ ଚାରିଧାମକୁ ଗଡ଼ିବ ଭାରତ ଗୌରବ ଡିଲକ୍ସ ଟ୍ରେନ୍

ନୂଆଦିଲ୍ଲୀ: ବଦ୍ରିନାଥଧାମ, ଜଗନ୍ନାଥଧାମ, ରାମେଶ୍ୱରମ୍ ଏବଂ ଦ୍ୱାରକାଧାମକୁ ପ୍ରତ୍ୟେକ ଭାରତୀୟ ପରିଦର୍ଶନ କରିବାକୁ ଇଚ୍ଛା କରନ୍ତି । ଦେଶର ଏହି ଚାରିଧାମକୁ ଟ୍ରେନରେ ଯାତ୍ରା କରିବା ସମ୍ଭବ ହୋଇପାରିଛି । ଏଥିପାଇଁ ଭାରତୀୟ ରେଳବାଇ ଦ୍ୱାରା 'ଭାରତ ଗୌରବ ଡିଲକ୍ସ ପର୍ଯ୍ୟଟନ ଟ୍ରେନ୍' ଚଳାଚଳ କରାଯାଉଅଛି । ଚାରିଧାମକୁ ସଂଯୋଗ କରିବା ପାଇଁ ଭାରତୀୟ ରେଳବାଇ ପୂର୍ବରୁ ଦୁଇଥର ଭାରତ ଗୌରବ ଡିଲକ୍ସ ପର୍ଯ୍ୟଟନ ଟ୍ରେନ୍ ଚଳାଚଳ କରିସାରିଛି । ଚଳିତ ବର୍ଷ ୧୭ ଦିନିଆ ଚାରିଧାମ ଭାରତ ଗୌରବ ଡିଲକ୍ସ ଯାତ୍ରା ଆସନ୍ତା ୨୭ ତାରିଖ ଠାରୁ ଦିଲ୍ଲୀର ସଫଦରଜଙ୍ଗ ରେଳ ଷ୍ଟେସନରୁ ଆରମ୍ଭ ହେବ । ଏହା ଅଧୀନରେ ବଦ୍ରିନାଥ, ମାନା ଗ୍ରାମ, ନରସିଂହ ମନ୍ଦିର, ଯୋଶୀମଠ, ଋଷିକେଶ, ଜଗନ୍ନାଥ ମନ୍ଦିର, ପୁରୀ ବେଳାଭୂମି, କୋଣାର୍କ ସୂର୍ଯ୍ୟ ମନ୍ଦିର, ଚନ୍ଦ୍ରଭଗା ବେଳାଭୂମି, ରାମନାଥସ୍ୱାମୀ ମନ୍ଦିର ଏବଂ ଧନୁଶକୋଡି, ଦ୍ୱାରକାଧୀଶ, ଜ୍ୟୋର୍ତିଲିଙ୍ଗ ଏବଂ ଭେଟଦ୍ୱାରକା ପରି ସ୍ଥାନଗୁଡିକ ପରିଭ୍ରମଣ କରାଯିବ । ଏହି ଯାତ୍ରାରେ ଯାଉଥିବା ଯାତ୍ରୀମାନଙ୍କୁ ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର, ପୁଣେର ଭୀମାଶଙ୍କର ମନ୍ଦିର ଏବଂ ନାସିକର ତ୍ରୟମ୍ବକେଶ୍ୱର ମନ୍ଦିର ପରିଦର୍ଶନରେ ମଧ ସୁଯୋଗ ଉପଲାବଧା କରାଯିବ । ୧୭ ଦିନର ଯାତ୍ରା ମଧ୍ୟରେ ସମସ୍ତ ଭକ୍ତମାନେ ୮୪୨୫ କିଲୋମିଟର ଯାତ୍ରା କରିବେ । ଭାରତ ଗୌରବ ଡିଲକ୍ସ ଏସି ଟୁରିଷ୍ଟ ଟ୍ରେନରେ ଅନେକ ଆଧୁନିକ ଆରାମଦାୟକ ବୈଶିଷ୍ଟ୍ୟ ଯୋଡାଯାଇଛି, ଯେଉଁଥିରେ ଦୁଇଟି ଡାଇନିଂ ରେଷ୍ଟୁରାଣ୍ଟ, ଏକ ଆଧୁନିକ ରୋଷେଇ ଘର ଏବଂ ଗାଧୋଇବା ପାଇଁ କ୍ୟୁବିକ୍ ବାଥରୁମ୍ ସାମିଲ କରାଯାଇଛି । ସମସ୍ତ କୋଚରେ ବାୟୋ-ଟଏଲେଟ୍ ସହିତ ଶୌଚାଳୟ ଯୋଗାଇ ଦିଆଯାଇଛି । ଯାତ୍ରୀମାନଙ୍କ ସୁବିଧା ପାଇଁ ପାଦ ମସାଜର ମଧ ଉପଲବ୍ଧ କରାଯାଇଅଛି । ଏହି ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଟ୍ରେନର ପ୍ରଥମ ଏସି, ଦ୍ୱିତୀୟ ଏସି ଏବଂ ତୃତୀୟ ଏସିରେ ଟିକେଟ ବୁକ୍ କରାଯାଇପାରିବ । ଟ୍ରେନରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ସିସି କ୍ୟାମେରା ଏବଂ ସୁରକ୍ଷାକର୍ମୀଙ୍କ ବ୍ୟବସ୍ଥା ମଧ କରାଯାଇଛି । ଏହି ଟ୍ରେନ୍ ଭାରତୀୟ ରେଳବାଇ କ୍ୟାଟରିଂ ଏବଂ ପର୍ଯ୍ୟଟନ ନିଗମ ମାଧ୍ୟମରେ ପରିଚାଳିତ ହେବ । ଆଇଆରସିଟିସି ୱେବସାଇଟ୍ ମାଧ୍ୟମରେ ମଧ ଟିକେଟ୍ ବିକ୍ରି କରାଯିବ । ଏଥିପାଇଁ ଏକ ପ୍ୟାକେଜ୍ ହାର ସ୍ଥିର କରାଯାଇଛି, ଯେଉଁଥିରେ ଯାତ୍ରା ଟିକେଟ୍ ସହିତ ତିନି ତାରକା ହୋଟେଲରେ ରହିବା, ଦିନକୁ ତିନିଥର ଭୋଜନ, ସମ୍ପୂର୍ଣ୍ଣ ଦର୍ଶନୀୟ ସ୍ଥାନ ବ୍ୟବସ୍ଥା, ଯାତ୍ରା ବୀମା ଏବଂ ଟୁର୍ ପରିଚାଳକଙ୍କ ସେବା ଅନ୍ତର୍ଭୁକ୍ତ । ଏହି ଟ୍ରେନରେ ବୁକିଂ ପାଇଁ ୧୫୦ଟି ସିଟ୍ ଉପଲବ୍ଧ ଅଛି, ଯାହା ପ୍ରଥମେ ଆସ ପ୍ରଥମେ ସେବା ଆଧାରରେ ବୁକ୍ କରାଯିବ । ଭାରତୀୟ ରେଳବାଇର ସୂଚନା ଏବଂ ପ୍ରଚାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲୀପ କୁମାର କହିଛନ୍ତି ଯେ ଦେଶର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଭାରତ ଗୌରବ ପର୍ଯ୍ୟଟନ ଟ୍ରେନ୍ ପରିଚାଳିତ ହେଉଛି । ଏହି ଟ୍ରେନ୍ ଗୁଡିକର ପରିଚାଳନା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଏବଂ ପର୍ଯ୍ୟଟନ ସ୍ଥଳ ପରିଦର୍ଶନ କରିବା ସହଜ ହୋଇଯାଇଛି ।

ମହଙ୍ଗା ପଡ଼ିଲା ପାକିସ୍ତାନୀ ମହିଳାଙ୍କୁ ବିବାହ

ଚାକିରିରୁ ବିଦା ହେଲେ ସିଆରପିଏଫ୍ ଯବାନ

ନୂଆଦିଲ୍ଲୀ: ଜଣେ ପାକିସ୍ତାନୀ ନାଗରିକଙ୍କ ସହ ତାଙ୍କ ବିବାହକୁ ଲୁଚାଇବା ଏବଂ ଭିସାର ବୈଧତା ସରିବା ପରେ ବି ଜାଣିଶୁଣି ପାକିସ୍ତାନୀ ପତ୍ନୀଙ୍କୁ ସହଯୋଗ କରିବା ଅଭିଯୋଗରେ ଜଣେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳର କର୍ମଚାରୀଙ୍କୁ ତୁରନ୍ତ କାର୍ଯ୍ୟରୁ ବହିଷ୍କାର କରାଯାଇଛି । ବହିଷ୍କୃତ ସିଆରପିଏଫ୍ ହେଲେ ମୁନିର ଅହମ୍ମଦ । ତାଙ୍କ କାର୍ଯ୍ୟ ସେବା ଆଚରଣ ନିୟମ ଉଲ୍ଲଂଘନ କରିଛି ଏବଂ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି ବୋଲି ଦର୍ଶାଇବା ସହିତ ସମ୍ପୃକ୍ତ କର୍ତ୍ତୃପକ୍ଷ ତାଙ୍କୁ ବହିଷ୍କାର କରିବାର ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁସାରେ, ମନୁର ଅହମ୍ମଦ ଜମ୍ମୁ ଏବଂ କାଶ୍ମୀରରେ ସିଆରପିଏଫ ଭାବେ ନିୟୋଜିତ ହୋଇଥିଲେ । ସୋସିଆଲ୍ ମିଡିଆ ସାଇଟ୍ ମାଧ୍ୟମରେ ପାକିସ୍ତାନ ପଞ୍ଜାବ ବାସିନ୍ଦା ମିନାଲ ଖାନଙ୍କ ଅହମ୍ମଦଙ୍କର ଅନଲାଇନରେ ସମ୍ପର୍କ ଗଡ଼ି ଉଠିଥିଲା । ଏହାପରେ ଦୁହେଁ ମେ ୨୦୨୪ ବିବାହ କରିଥିଲେ । ଏକ ଅନଲାଇନ ନିକାହ ମାଧ୍ୟମରେ ସେମାନଙ୍କ ବିବାହ ସମ୍ପୂର୍ଣ୍ଣ ହୋଇଥିଲା ।

ଏହାପରେ ଅହମ୍ମଦଙ୍କ ପତ୍ନୀ ଭାରତ ଆସିବା ପାଇଁ ଦୀର୍ଘଦିନ ଧରି ଭିସାର ଅପେକ୍ଷା କରିବା ପରେ ମାର୍ଚ୍ଚ ୨୦୨୫ରେ ଭାରତ ଆସିଥିଲେ । ତେବେ ତାଙ୍କର ସ୍ୱଳ୍ପକାଳୀନ ଭିସା ଅବଧି ମାର୍ଚ୍ଚ ୨୨ରେ ଶେଷ ହୋଇଗଲା ଏବଂ ସେ ଭାରତରେ ରହିଗଲେ । ତାଙ୍କ ଓକିଲ ଦାବି କରିଥିଲେ ଯେ ସେ ଦୀର୍ଘକାଳୀନ ଭିସା ପାଇଁ ଆବେଦନ କରିଥିଲେ ।

ଅହମ୍ମଦଙ୍କୁ ବହିଷ୍କାର କରିବା ପୂର୍ବରୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ମିନାଲ ଖାନଙ୍କୁ ଭାରତ ଛାଡିବା ପାଇଁ ନୋଟିସ ଦିଆଯାଇଥିଲା । ଏଥିପାଇଁ ସେ ଜମ୍ମୁ ଛାଡ଼ି ପାକିସ୍ତାନ ପ୍ରବେଶ କରିବା ପାଇଁ ଅଟାରୀ-ୱାଘା ସୀମାରେ ପହଞ୍ଚିଥିଲେ । କିନ୍ତୁ ଶେଷ ମୁହୂର୍ତ୍ତରେ, ତାଙ୍କୁ କୋର୍ଟ ଆଶ୍ୱସ୍ତି ପ୍ରଦାନ କରିଥିଲେ । ଫଳରେ ତାଙ୍କୁ ଭାରତରେ ରହିବାକୁ ଅନୁମତି ମିଳିଥିଲା ।

କଳିଙ୍ଗ ସୁପରକପ୍

ଏଫ୍‌ସି ଗୋଆ ଚାମ୍ପିଅନ୍

ଭୁବନେଶ୍ୱର,୩।୫ (ସବ୍ୟୁ): କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ କଳିଙ୍ଗ ସୁପରକପ୍‌ରେ ଏଫ୍‌ସି ଗୋଆ ଚାମ୍ପିଅନ୍ ହୋଇଛି । ରବିବାର ଟାଇଟଲ ଲଢ଼େଇରେ ଜାମସୁଦପୁରକୁ ଭେଟିଥିଲା ଏଫସି ଗୋଆ । ଏହି ମ୍ୟାଚରେ ଗୋଆ ୩-୦ ଗୋଲ୍‌ରେ ଜାମସେଦପୁରକୁ ଧରାଶାୟୀ କରି ଚାମ୍ପିଅନ୍ ହୋଇଛି ।

ଫାଇନାଲ ମ୍ୟାଚରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଝାରସୁଗୁଡା ବିଧାୟକ ତଥା ଓଡ଼ିଶା ଫୁଟବଲ ସଂଘର ସଭାପତି ଟଙ୍କଧର ତ୍ରିପାଠୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କ୍ରୀଡା ଓ ଯୁବସେବା ବିଭାଗ ପ୍ରମୁଖ ଶାସନ ସଚିବ ଭସ୍କର ଜ୍ୟୋତି ଶର୍ମା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ ।

ଗତ ଏପ୍ରିଲ ୨୦ରୁ କଳିଙ୍ଗ ସୁପରକପ୍ ଆରମ୍ଭ ହୋଇ ମେ ୩ରେ ଶେଷ ହୋଇଛି । ଷ୍ଟାଡିୟମ୍‌ରେ ଦର୍ଶକ, କ୍ରୀଡାବିତ ଓ କ୍ରୀଡା ପ୍ରଶଂସକ ସମସ୍ତ ମ୍ୟାଚରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

ଆଇପିଏଲ୍ ମହାସମର

ପ୍ଲେ ଅଫ୍‌ର ନିକଟତର ବେଙ୍ଗାଲୁରୁ

ବେଙ୍ଗାଲୁରୁ,୩।୫ (ଏଜେନ୍ସି): ଆଇପିଏଲ୍‌ର ୫୨ତମ ମ୍ୟାଚରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୨ ରନ୍ ବ୍ୟବଧାନରେ ଚେନ୍ନାଇ ସୁପରକିଙ୍ଗ୍ସକୁ ହରାଇ ପ୍ଲେ ଅଫ୍‌ର ନିକଟତର ହୋଇଛି । ରବିବାର ବେଙ୍ଗାଲୁରୁରେ ଅନୁଷ୍ଠିତ ମ୍ୟାଚରେ ଆର୍‌ସିବି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ୍ ହରାଇ ୨୧୩ ରନ୍ କରିଥିଲା । ଜବାବରେ ଚେନ୍ନାଇ ୨୦ ଓଭରରେ ୫ ୱିକେଟ୍ ହରାଇ ୨୧୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଚଳିତ ଆଇପିଏଲ୍‌ରେ ବେଙ୍ଗାଲୁରୁ ୧୧ ମ୍ୟାଚରୁ ୮ ବିଜୟ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଉଠିଛି । ଅପରପକ୍ଷରେ ଚେନ୍ନାଇ ସୁପରକିଙ୍ଗ୍ସ ୧୧ ମ୍ୟାଚରୁ ୯ଟି ପରାଜୟ ସହ ଟେବୁଲର ଶେଷ ସ୍ଥାନରେ ରହିଛି । ଚେନ୍ନାଇ ଟସ୍ ଜିତି ବେଙ୍ଗାଲୁରୁକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଘରୋଇ

ଗ୍ରାଉଣ୍ଡରେ ବେଙ୍ଗାଲୁରୁ ଧୂଆଁଧାର ବ୍ୟାଟିଂ କରି ୨୦୦ରୁ ଅଧିକ ରନ୍ କରିବାକୁ ସକ୍ଷମ ହୋଇଥିଲା । ଦୁଇ ଓପନର ବିରାଟ କୋହଲି ଓ ଜାକବ ବେଥେଲ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଶେଷ ଭାଗରେ ୧୪ ବଲ୍‌ରୁ ୫୩ ରନ୍‌ର ଇନିଂସ୍ ଖେଳି ରୋମାରିଓ ସେଫର୍ଡ ଦଳୀୟ ସ୍କୋରକୁ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୧୩ ରନ୍‌ରେ ପହଞ୍ଚାଇଥିଲେ ।

ବିରାଟ କୋହଲି ଭଲ ଫର୍ମରେ ଅଛନ୍ତି । ଚେନ୍ନାଇ ବିପକ୍ଷରେ କୋହଲି ୩୩ ବଲ୍‌ର ସମ୍ମୁଖୀନ ହୋଇ ୫ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୬୨ ରନ୍ କରିଥିଲେ । ବେଥେଲ ୩୩ ବଲ୍‌ରୁ ୮ଟି ଚୌକା ଓ ୨ଟି ଛକା ସହାୟତାରେ ୫୫ ରନ୍ କରିଥିଲେ । ଦୁହିଁଙ୍କ ଅର୍ଦ୍ଧଶତକୀୟ ଇନିଂସ ଯୋଗୁଁ ବେଙ୍ଗାଲୁରୁର ଭଲ ମୂଳଦୁଆ ପଡିଥିଲା । ଉଭୟଙ୍କ ୱିକେଟ୍ ପତନ ପରେ ଦେବଦୂତ ପଡିକାଲ ଓ ଅଧିନାୟକ ରଜତ ପଟିଦାର ପଡିଆକୁ ଆସିଥିଲେ । ପଟିଦାର ୧୧ ଓ ପଡିକାଲ ୧୭ ରନ୍ କରିଥିଲେ । ପଥିରାନାଙ୍କ ଘାତକ ବୋଲିଂ ଯୋଗୁଁ ମଧ୍ୟମକ୍ରମର ଅଧିକ ରନ୍‌ର ସଂଗ୍ରହ ହୋଇନଥିଲା । ତେବେ ଶେଷ ଭାଗରେ ଜମାଣିଆ ଖେଳିଥିଲେ ରୋମାରିଓ ସେଫର୍ଡ । ୧୪ ବଲରୁ ୪ଟି ଚୌକା ଓ ୬ଟି ଛକା ସହାୟତାରେ ଅପରାଜିତ ୫୩ ରନ୍ କରିଥିଲେ । ଫଳରେ ବେଙ୍ଗାଲୁରୁ ୨୦ ଓଭରରେ ୨୧୩/୫ ରନ୍ ସ୍କୋର କରିଥିଲା । ବୋଲିଂରେ ଚେନ୍ନାଇର ମାଥିସା ପଥିରାନାଙ୍କୁ ୩ଟି, ନୁର ଅହମ୍ମଦ ଓ ସାମ କୁରନ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

୨୧୪ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିଲା ଚେନ୍ନାଇ ଓପନର ଆୟୁଷ ମାହାତ୍ରେ ୪୮ ବଲରୁ ୯ ଚୌକା ଓ ୫ ଛକା ସହାୟତାରେ ୯୪ ରନ୍‌ର ଇନିଂସ ଖେଳିଥିଲେ । ତେଣୁ ଲାଗୁଥିଲା ଚେନ୍ନାଇ ସହଜରେ ବିଜୟଲକ୍ଷ୍ୟରେ ପହଞ୍ଚିବ । ସେକ୍ ରସିଦ୍ ୧୪, ସାମ କୁରନ୍ ୫ ଓ ମହେନ୍ଦ୍ର ସିଂ ଧୋନି ୧୨ ରନ୍ କରି ଆଉଟ୍ ହୋଇଥିଲେ । ଫଳରେ ଚେନ୍ନାଇର ଆବଶ୍ୟକ ରନ୍ ସଂଗ୍ରହ ହୋଇପାରିନଥିଲା । ରବିନ୍ଦ୍ର ଜାଡେଜା ୪୫ ବଲ୍‌ର ସମ୍ମୁଖୀନ ହୋଇ ୮ଟି ଚୌକା ଓ ୨ଟି ଛକା ସହାୟତାରେ ୭୭ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ । ମାତ୍ର ଦୁଇ ରନ୍ ଦଳ ଅପରାଜିତ ହେବାରୁ ଜାଡେଜା ଓ ଆୟୁଷ ମହାତ୍ରେଙ୍କ ବ୍ୟର୍ଥ ଯାଇଛି । ବେଙ୍ଗାଲୁରୁର ଲୁଙ୍ଗି ଏନ୍‌ଗିଡି ସର୍ବାଧିକ ୩ ୱିକେଟ୍ ସଫଳତା ମିଳିଥିଲା ।

ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ
ବେଙ୍ଗାଲୁରୁ	୧୧	୮	୩	୧୬
ମୁମ୍ବାଇ	୧୦	୬	୪	୧୨
ଗୁଜରାଟ	୧୦	୭	୩	୧୪
ପଞ୍ଜାବ	୧୦	୬	୩	୧୩
ଦିଲ୍ଲୀ	୧୦	୬	୪	୧୨
ଲକ୍ଷ୍ନୌ	୧୦	୫	୫	୧୦
କୋଲକାତା	୧୦	୪	୫	୯
ରାଜସ୍ଥାନ	୧୦	୩	୭	୬
ସନ୍‌ରାଇଜର୍ସ	୧୦	୩	୭	୬
ଚେନ୍ନାଇ	୧୧	୨	୯	୪

ଆଜିର ମ୍ୟାଚ

କୋଲକାତା-ରାଜସ୍ଥାନ
ସମୟ: ଅପରାହ୍ନ ୩.୩୦
ସ୍ଥାନ: କୋଲକାତା

ଲକ୍ଷ୍ନୌ- ପଞ୍ଜାବ
ସମୟ: ରାତି ୭.୩୦
ସ୍ଥାନ: ଧର୍ମଶାଳା

ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟଷ୍ଟାର

କାହିଁକି ଗୋଟିଏ ମ୍ୟାଚରୁ ବ୍ୟାନ ହେବେ ଗିଲ୍ !

ନୂଆଦିଲ୍ଲୀ,୩।୫(ଏଜେନ୍ସି): ଆଇପିଏଲ୍‌ର ୫୧ତମ ମ୍ୟାଚରେ ଗୁଜରାଟ ଟାଇଟନ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହୋଇଥିଲା । ଏହି ମ୍ୟାଚରେ କିଛି ବିବାଦୀୟ ଘଟଣା ମଧ୍ୟ ଘଟିଥିଲା । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚରେ ଘରୋଇ ଗୁଜରାଟ ୩୮ ରନ୍‌ରେ ହାଇଦ୍ରାବାଦକୁ ହରାଇଥିଲା । ତେଣୁ ଦଳର ପ୍ଲେ ଅଫ୍ ଖେଳିବା ଆଶା ଆହୁରି ଦୃଢ଼ିଭୂତ ହୋଇଛି ।

ଏହି ମ୍ୟାଚରେ ଗୁଜରାଟ ଟାଇଟନ୍ସର ଅଧିନାୟକ ଗିଲ୍‌ଙ୍କୁ ବିଭିନ୍ନ ଅବତାରରେ ଦେଖିବାକୁ ମିଳିଥିଲା । ସବୁଠାରୁ ଶାନ୍ତ ରହୁଥିବା ମ୍ୟାଚ ବେଳେ ଅମ୍ପାୟାରଙ୍କ ଜୋରଦାର ଯୁକ୍ତିତର୍କ କରିଥିଲେ । ଏପରି ଯୁକ୍ତିତର୍କ ତାଙ୍କୁ ମହଙ୍ଗ ପଡିବାରେ । ଗୁଜରାଟ ତାର ପରବର୍ତ୍ତୀ ମ୍ୟାଚରେ ମେ ୬ରେ ମୁମ୍ବାଇ ଇଣ୍ଡିଆନ୍ସ ସହ ଖେଳିବ । କିନ୍ତୁ ଅମ୍ପାୟାରଙ୍କ ସହ କଥା କଟା ଯୋଗୁଁ ଶୁଭମନ ଗିଲଙ୍କୁ ବଡ଼ଦଣ୍ଡ ମିଳିପାରେ ।

ଗିଲ୍ ଦଣ୍ଡିତ ହେବେ କି ?

ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିଥିବାରୁ ଗିଲ ସମ୍ଭବତଃ ଆଇପିଏଲ୍ ଆଚରଣ ବିଧିଧାରା ୨.୮କୁ ଉଲ୍ଲଂଘନ କରିଛନ୍ତି । ଏହା ଅମ୍ପାୟାରଙ୍କ ନିଷ୍ପତ୍ତି ସହ ଏକମତ ହୋଇଥିବା ନିୟମ ସହ ଜଡିତ । ଧାରା ୨.୮ରେ ଏହି ସବୁ ସର୍ତ୍ତ ରହିଛି ।

୧- ଅମ୍ପାୟାରଙ୍କ ନିଷ୍ପତ୍ତିରେ ଏକମତ ନହୋଇ ଆକ୍ରମଣାତ୍ମ ଓ ନିରାଶାଭାବ ପ୍ରଦର୍ଶନ କରିବା ।

୨- ଜାଣିସବୁ ଖେଳକୁ ବିଳମ୍ବ କରିବା କିମ୍ବା ୱିକେଟ୍ ଛାଡିବାରେ ବିଳମ୍ବ କରିବ ।

୩- ମୁଣ୍ଡକୁ ଆପତ୍ତିଜନକ ଭାବେ ହଲାଇବା ।

୪- ଏଲ୍‌ବିଡବ୍ଲ୍ୟୁ ଦେବା ବେଳେ ବ୍ୟାଟ ଦେଖାଇ ଇଙ୍ଗିତ କରିବା ।

୫- ୱିକେଟ୍ ପଛରେ କ୍ୟାଚ ବେଳେ ପ୍ୟାଡକୁ ଦେଖାଇବା କିମ୍ବା ବଲ କାନ୍ଧରେ ବାଜିଛି ବୋଲି ପ୍ରଦର୍ଶନ କରିବା ।

୬- ଅମ୍ପାୟାରଙ୍କ ଠାରୁ ଟୋପି ଆଚରଣ ପ୍ରଦର୍ଶନ କରିବା ।

୭- ଟିଭିବା ଓ ତୃତୀୟ ଅମ୍ପାୟାରଙ୍କ ଉପରେ ନିଷ୍ପତ୍ତିର ବିଚାର ଉପରେ ଚାପ ସୃଷ୍ଟି କରିବା ।

୮- ଅମ୍ପାୟାରଙ୍କ ନିଷ୍ପତ୍ତିରେ ଏକମତ ନହୋଇ ତାଙ୍କ ସହ ଯୁକ୍ତିତର୍କ କରିବା ।

ଶୁଭମନ ଗିଲଙ୍କ ଘଟଣାରେ ପ୍ରଥମ ଓ ଶେଷ ସର୍ତ୍ତ ଲାଗୁ ହୋଇଛି । ତେଣୁ ସେ ଦଣ୍ଡିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଯଦି ଗିଲ୍ ଦଣ୍ଡିତ ହୁଅନ୍ତି ତେବେ ତାଙ୍କୁ କେଉଁ ପ୍ରକାର ଦଣ୍ଡ ମିଳିବ । ସମ୍ଭବତଃ ଲେବଲ-୧ ଅପରାଧ ପାଇଁ ୨୫% ମ୍ୟାଚ ଫି କୋଟିଏ ମେରିଟ୍ ପଏଣ୍ଟ ମିଳିପାରେ । ଲେବଲ-୨ ଅପରାଧ ପାଇଁ ଗୋଟିଏ ମ୍ୟାଚରୁ ନିଲମ୍ବନ କିମ୍ବା ୧୦୦% ମ୍ୟାଚ ଫି ସହ ୩ଟି ଡିମେରିଟ୍ ପଏଣ୍ଟ ମିଳିବ ।

ମ୍ୟାଚ ବେଳେ ଗୁଜରାଟ ଇନିଂସରେ ୧୩ତମ ଓଭରରେ ଶେଷ ବଲରେ ଯୁକ୍ତିତର୍କ ହୋଇଥିଲା । ଗିଲ ୩୮ ବଲ୍‌ରେ ୭୬ ରନ୍ କରି ଅପରାଜିତ ଥିଲେ । ରନ୍‌ଆଉଟ୍ ସ୍ପଷ୍ଟ ଭାବେ ଜଣାପଡିନଥିବାରୁ ଅମ୍ପାୟାର ବେଶ କିଛି କ୍ଲିପ୍ ଦେଖିବା ପରେ ବିଳମ୍ବରେ ନିଷ୍ପତ୍ତି ନେଇଥିଲେ । ବଲ୍ ୱିକେଟ୍‌ରେ ବାଜିଛି ନାଁ କିପରଙ୍କ ଗ୍ଲୋଭସ୍ ମାରିଛି । ତାକୁ ଯାଞ୍ଚ କରାଯାଇଥିଲା । ଭଲ ଭାବେ କ୍ଲିପ୍‌କୁ ଦେଖି ତୃତୀୟ ଅମ୍ପାୟାର ଗିଲ୍‌ଙ୍କୁ ଆଉଟ୍ ଘୋଷିତ କରିଥିଲେ । ଆଉଟ୍ ହେବା ପରେ ପାଭିଲିୟନ୍ ଫେରିଥିବା ଗିଲ୍ ବାଉଣ୍ଡାରୀ ବାହାରେ ଥିବା ଚତୁର୍ଥ ଅମ୍ପାୟାରଙ୍କ ସହ ବେଶ ଯୁକ୍ତିତର୍କ କରିଥିଲେ । ଅମ୍ପାୟାରଙ୍କ ସହ ଗିଲ୍‌ଙ୍କ ଦ୍ୱିତୀୟ ଯୁକ୍ତିତର୍କ ହାଇଦ୍ରାବାଦର ବ୍ୟାଟିଂ ବେଳେ ଘଟିଥିଲା । ହାଇଦ୍ରାବାଦ ବ୍ୟାଟର ଅଭିଶେକ ଶର୍ମାଙ୍କ ଗୋଡରେ ବଲ ବାଜିବାରୁ ଗିଲ୍ ଡିଆର୍‌ଏସ୍ ନେଇଥିଲେ । ହେଲେ ତୃତୀୟ ଅମ୍ପାୟାର ଅଭିଶେକଙ୍କୁ ନଟ୍‌ଆଉଟ୍ ବିବେଚିତ କରିଥିଲେ । ଗିଲ୍ ଏଥିରେ ଏକମତ ନହୋଇ ଫିଲ୍ଡ ଅମ୍ପାୟାରଙ୍କ ସହ କିଛି ସମୟ ଯୁକ୍ତିତର୍କ କରିଥିଲେ । ଅଭିଶେକ ଏଥିରେ ହସ୍ତକ୍ଷେପ କରି ଗିଲ୍‌ଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ତଥାପି ଗିଲ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ କରିଥିଲେ । କିଛି ସମୟ ପରେ ସ୍ଥିତି ସୌଭାବିକ ହୋଇଥିଲା । ହାଇଦ୍ରାବାଦ ୨୨୫ ରନ୍‌ର ଟାର୍ଗେଟ୍‌କୁ ପିଛା କରିଥିଲା । କିନ୍ତୁ ହାଇଦ୍ରାବାଦ ୩୮ ରନ୍‌ରେ ଗୁଜରାଟ ଠାରୁ ପରାଜିତ ହୋଇଥିଲା ।

ବୈଭବଙ୍କ ସମ୍ପତ୍ତି କେତେ, କେଉଁଠୁ କରନ୍ତି ରୋଜଗାର

ନୂଆଦିଲ୍ଲୀ,୩।୫ (ଏଜେନ୍ସି): ୧୪ ବର୍ଷୀୟ ବୈଭବ ଏବେ ଖୁବ ଚର୍ଚ୍ଚାରେ । ଦଳ ପାଇଁ ସେ ସଙ୍କଟମୋଚକ ସାଜିଛନ୍ତି । ପଡିଆରେ ଚୌକା ଛକା ଲଗାଉଛନ୍ତି । ତୃତୀୟ ମ୍ୟାଚରେ ଲଗାଇଥିଲେ ଦମ୍‌ଦାର ଶତକ । ମାତ୍ର ୩୫ ବଲ୍‌ରୁ ଏହି କୀର୍ତ୍ତିମାନ ରଚିଥିଲେ । ଆଇପିଏଲରେ ଶତକ ଲଗାଇବାରେ ସେ ହେଉଛନ୍ତି ଦ୍ରୁତତମ ଭାରତୀୟ ବ୍ୟାଟର । ତେବେ ନିଜ ବୟସକୁ ନେଇ ସୂର୍ଯ୍ୟବଂଶୀ ଚର୍ଚ୍ଚାରେ ଅଛନ୍ତି । ଏତଦ୍‌ବ୍ୟତୀତ ତାଙ୍କ ସମ୍ପତ୍ତିକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି । ସେ କେତେ ସମ୍ପତ୍ତିର ମାଲିକ । ଆଇପିଏଲ୍-୨୦୨୫ ମେଗା ନିଲାମରେ ବୈଭବଙ୍କ ବେଶ ପ୍ରାଇସ୍ ଥିଲା ୩୦ ଲକ୍ଷ ଟଙ୍କା । ମାତ୍ର ୧୩ ବର୍ଷିୟ ବୈଭବଙ୍କୁ ୧ କୋଟି, ୧ ଲକ୍ଷ ଟଙ୍କାରେ କିଣି ଥିଲା ରାଜସ୍ଥାନ ରୟାଲ୍ସ । ଗତବର୍ଷ ବୈଭବ ରାଜସ୍ଥାନ ଦଳ ସହ ନିଜର ୧୪ତମ ଜନ୍ମଦିନ ପାଳିଥିଲେ । ଯାହା ପରେ ତାଙ୍କୁ ଲକ୍ଷ୍ନୌ ବିପକ୍ଷରେ ଆଇପିଏଲ୍ ଡେବ୍ୟୁ କରିବାର ସୁଯୋଗ ମିଳିଥିଲା ।

ଆଇପିଏଲ୍‌ର ସବୁଠାରୁ ଯୁବ ଖେଳାଳିଙ୍କୁ ଏବେ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ପାଇଁ ଅଫର ମିଳିବା ଆରମ୍ଭ ହୋଇଛି । ଏବିଷୟରେ ଅଧିକ ସୂଚନା ମିଳିପାରିନାହିଁ । ଆଗକୁ ସେ ବ୍ରାଣ୍ଡ ଏଣ୍ଡୋସମେଣ୍ଟରୁ କୋଟି କୋଟି ଟଙ୍କା ରୋଜଗାର କରିବାକୁ ଯାଉଛନ୍ତି । ବୈଭବରେ ମୋଟ୍ ସମ୍ପତ୍ତିର ଏକ ବଡ଼ ଅଂଶ ଆଇପିଏଲ୍ ରୋଜଗାରରୁ ଆସିଥାଏ । ସେ ବିହାର ୧୯ ବର୍ଷରୁ କମ୍ ରଣଜୀ ଟ୍ରଫି ଓ ଭିନୁ ମଙ୍କଡ ଟ୍ରଫି ଖେଳିଛନ୍ତି । ତାଙ୍କର ମୋଟ୍ ସମ୍ପତ୍ତି ପାଇଁ ମୋଟ୍ ୨ କୋଟି ଟଙ୍କା । ଆଇପିଏଲ୍‌ରେ ୩୫ ବଲ୍‌ରେ ଶତକ ମାରିବା ପରେ ବିହାର ମୁଖ୍ୟମନ୍ତ୍ରୀ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ । ବୈଭବ ୨୦୧୧ ମାର୍ଚ୍ଚ ୨୭ରେ ବିହାରର ସମସ୍ତିପୁର ଜିଲ୍ଲାର ମୋତିପୁର ଗାଁରେ ଜନ୍ମ ଗ୍ରହଣ କରିଥିଲେ । ସେ ୯ ବର୍ଷ ବୟରେ କ୍ରିକେଟ୍ ଖେଳିବା ଆରମ୍ଭ କରିଥିଲେ । ପ୍ରାରମ୍ଭରେ ବାପା ସଞ୍ଜୀବ ସୂର୍ଯ୍ୟବଂଶୀ ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏପରି ପୁଅର କ୍ରିକେଟ୍ କ୍ୟାରିୟର ପାଇଁ ବାପା ଚାକିରି ଛାଡିଥିଲେ । ବୈଭବ ଯେତେବେଳେ ତାଲିମ ପାଇଁ ପାଟଣା ଯାଉଥିଲେ ସେତେବେଳେ ଟଙ୍କାର ଆବଶ୍ୟକତା ପଡିବାରୁ ବାପା ଜମି ବିକ୍ରି କରିଥିଲେ । କିନ୍ତୁ ଲକ୍ଷ୍ୟରୁ ବିଚ୍ୟୁତ ହୋଇନଥିଲେ । ଏହାର ଫଳ ମଧ୍ୟ ବୈଭବ ପାଇଛନ୍ତି ଏତେ କମ୍ ବୟସରୁ ଆଇପିଏଲ୍ ମାଧ୍ୟମରେ ସାରାବିଶ୍ୱକୁ ନିଜ ବ୍ୟାଟିଂ ଯାଦୁ ଦେଖାଇ ପ୍ରଭାବିତ କରିଛନ୍ତି । ଆଗକୁ ୧୯ ବର୍ଷରୁ କମ୍ ଭାରତୀୟ ଦଳ ସହ ଅଷ୍ଟ୍ରେଲିଆ ଗସ୍ତ କରିବେ ବୈଭବ । ଯଦି ବୈଭବଙ୍କ ବିସ୍ମୟ ବ୍ୟାଟିଂ ଜାରି ରହେ ତେବେ ଖୁବ୍ ଶୀଘ୍ର ଜାତୀୟ ଦଳରେ ସେ ସ୍ଥାନ ପକ୍କା କରିନେବେ ।

ସପ୍ତମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

ଭାଗ ନେବେ କିସ୍‌ର ୪୧ ଆଥଲେଟ୍

ଭୁବନେଶ୍ୱର,୩।୫ (ସବ୍ୟୁ): ବିହାରରେ ମେ ୪ରୁ ୧୫ ତାରିଖ ପର୍ଯ୍ୟନ୍ତ ସପ୍ତମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପ୍ରଥମଥର ପାଇଁ ଆୟୋଜନ ହେବାକୁଯାଉଛି । ଏହି ପ୍ରତିଯୋଗିତାରେ କିସ୍‌ର ୪୧ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିବେ । ଏମାନଙ୍କ ମଧ୍ୟରେ ୨୦ ଜଣ ବାଳକ ଓ ୨୧ ଜଣ ବାଳିକା ରହିଛନ୍ତି । ବିହାରର ପ୍ରମୁଖ ୫ଟି ସହର ପାଟଣା, ରାଜଗିରି, ଗୟା, ଭାଗଲପୁର ଓ ବେଗୁସରାଇରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଆୟୋଜନ ହେବାକୁଯାଉଛି । ଏଥର ଏହି ପ୍ରତିଯୋଗିତାରେ ମୋଟ୍ ୨୭ଟି କ୍ରୀଡାବର୍ଗ ରହିଛି । କିସ୍‌ର ଛାତ୍ର ଛାତ୍ରୀ ମୋଟ୍ ୬ଟି କ୍ରୀଡାରେ ଭାଗ ନେବେ । ରଗବୀରେ ମୋଟ୍ ୧୯ ଜଣ ଖେଳାଳି ଏମାନଙ୍କ ମଧ୍ୟରେ ୧୦ ଜଣ ବାଳକ ଓ ୯ ଜଣ ବାଳିକା, ସିପକଟାକ୍ରରେ ୧୫ ଜଣ (୮ ବାଳକ, ୭ ବାଳିକା), ଆଥଲେଟିକ୍ସରେ ଜଣେ ବାଳକ, ଜୁଡୋରେ ଜଣେ ବାଳିକା, ସାଇକ୍ଲିଂରେ

ଜଣେ ବାଳିକା, ଖୋ ଖୋରେ ଜଣେ ବାଳକ, ୩ ବାଳିକା ଅଂଶଗ୍ରହଣ କରିବେ । କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ କ୍ରୀଡାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ମହିଳା ହକି

ଅଷ୍ଟ୍ରେଲିଆଠୁ ହାରିଲା ଭାରତ

ନୂଆଦିଲ୍ଲୀ,୩।୫ (ଏଜେନ୍ସି): ଭାରତୀୟ ମହିଳା ହକି ଦଳର ଅଷ୍ଟ୍ରେଲିଆ ଗସ୍ତ ନୈରାଶ୍ୟଜନକ ରହିଛି । ଶନିବାର ଦ୍ୱିପାକ୍ଷିକ ଶୃଙ୍ଖଳାର ପେନାଲ୍ଟିମେଣ୍ଟ ମ୍ୟାଚରେ ଭାରତ ୨-୩ ଗୋଲ୍‌ରେ ଅଷ୍ଟ୍ରେଲିଆ ପରାଜିତ ହୋଇଛି । ଭାରତ ପକ୍ଷରୁ ଦୁଇଟି ଗୋଲ୍ ହୋଇଥିଲା । ୩୫ ମିନିଟ୍‌ରେ ନଭନିତ କୌର ଓ ୫୯ତମ ମିନିଟ୍‌ରେ ଲାଲରେମସିଆମି ଗୋଲ୍ କରିଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ଗ୍ରେସ ଷ୍ଟିୱାର୍ଟ, ୩୬ତମ ମିନିଟ୍‌ରେ ଜାଡେ ସ୍ମିଥ ଏବଂ ୪୨ତମ ମିନିଟ୍‌ରେ ଗ୍ରେଟା ହାଏସ୍ ଗୋଲ୍ କରିଥିଲେ । ପୂର୍ବରୁ ଭାରତୀୟ ଦଳ ଅଷ୍ଟ୍ରେଲିଆ ଏ ନିକଟରୁ ୩-୫ ଓ ୨-୩ ଗୋଲ୍‌ରେ ପରାଜିତ ହୋଇଥିଲା । ୦-୨ ଗୋଲରେ ଅଷ୍ଟ୍ରେଲିଆ ସିନିୟର ଦଳ ନିକଟରୁ ହାରିଥିଲା । ପରବର୍ତ୍ତୀ ମ୍ୟାଚରେ ରବିବାର ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ସିନିୟର ଦଳକୁ ଭେଟିବାକୁ ଯାଉଛି । ଦ୍ୱିପାକ୍ଷିକ ଶୃଙ୍ଖଳାର ଏହା ଶେଷ ମ୍ୟାଚ ।

ରବାଡା କାହିଁକି ଫେରିଥିଲେ ସ୍ୱଦେଶ

ନୂଆଦିଲ୍ଲୀ,୩।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ତାରକା ବୋଲର କାଗିସୋ ରବାଡା ହଠାତ ବ୍ୟକ୍ତିଗତ କାରଣ ଦର୍ଶାଇ ଦ.ଆଫ୍ରିକା ପ୍ରତ୍ୟାବର୍ତ୍ତନ କରିଥିଲେ । ସେ କେଉଁ କାରଣ ପାଇଁ ଫେରିଯାଇଥିଲେ ତାହା ଦର୍ଶାଇଛନ୍ତି । ରବାଡା ନିଷିଦ୍ଧ ଡ୍ରାଗ୍ସ ସେବନ କରିବା ଯୋଗୁଁ

ସାମୁହିକ ବାସନ୍ଦ ହୋଇଛନ୍ତି । ଡୋପ୍ ଟେଷ୍ଟରେ ତାଙ୍କ ଶରୀରରୁ ବ୍ୟାନ୍ ହୋଇଥିବା ଶକ୍ତିବର୍ଦ୍ଧକ ନମୁନା ମିଳିଥିଲା । ସେ ନିଜେ ଏହା ପ୍ରଶଂସକଙ୍କୁ ଜଣାଇବା ସହ କ୍ଷମା ପ୍ରାର୍ଥନା କରିଛନ୍ତି । ମୋର ଏହି ଖରାପ ସମୟରେ ଯେଉଁମାନେ ସହଯୋଗ କରିଛନ୍ତି ସେମାନଙ୍କୁ ଧନ୍ୟବାଦ ଜଣାଉଛି । କିଛି ଦିନ ମଧ୍ୟରେ ମୁଁ ସଫଳତାର ସହ ପୁନର୍ବାର କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବି ବୋଲି କହିଛନ୍ତି । ଏଥର ମେଗା ନିଲାମରେ ଗୁଜରାଟ ଟାଇଟନ୍ସ ୧୦.୭୫ କୋଟି ଟଙ୍କାରେ ରବାଡାଙ୍କୁ କିଣି ଥିଲା । ରବାଡାଙ୍କ ଅନୁପସ୍ଥିତିରେ ମଧ୍ୟ ଗୁଜରାଟ ଭଲ ପ୍ରଦର୍ଶନ ଜାରି ରଖି ପ୍ଲେ ଅଫ୍‌ର ନିକଟତର ହୋଇଛି ।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି